# ମ୍ପୁ ପ୍ରବେଶ



OR
891.4512
P 27 C

OR
891.4512
P 27C

- ନୀଳାଚଳ

# ଚମ୍ପୂ-ପ୍ରବେଶ

Champu Pravesh

Kalicharan Patanayaka

କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ
ନାଟ୍ୟାଚାର୍ଯ୍ୟ

Year - Not printed

Page 124

DATA ENTERED

ଇଉନାଇଟେଡ ବୁକ୍ ହାଉସ୍
—କଟକ—

United Book House
Cuttack

ପ୍ରଯୋଜକ : ଗୋକୁଳଚନ୍ଦ୍ର କର
ଚିତ୍ରଶିଳ୍ପୀ : ଶ୍ରୀନାଥ ଗୁଛାଇତ

INDIAN INSTITUTE OF ADVANCED STUDY
Acc. No 34488
Date 11.5.70
SIMLA
OR
P27C

ମୂଲ୍ୟ—ତିନି ଟଙ୍କା
ବନ୍ଧେଇ—ଚାରି ଟଙ୍କା

Library IIAS, Shimla
OR 891.4512 P 27 C
00034488

ମୁଦ୍ରାକର—ଶ୍ରୀ ଚିନ୍ତାମଣି ମିଶ୍ର
ନବଜୀବନ ପ୍ରେସ୍, କଟକ-୨

# ଉପହାର



# ମୋ ବିଚାରରେ—

କବିସୂର୍ଯ୍ୟଙ୍କ ସମ୍ବନ୍ଧରେ—ବିଶେଷ କିଛି କହି ପାରିବା ଭଳି ଯୋଗ୍ୟତା ମୋର ତିଳେ ହେଲେ ନାହିଁ । ତାଙ୍କ ପାଣ୍ଡିତ୍ୟ, ତାଙ୍କ ଯୋଗ୍ୟତା, ତାଙ୍କ ରସିକତା ବା ଗ୍ରାହକତ୍ୱର ପରିଚୟ ସେ ନିଜେ । କି ପାଠୁଆ, କି ଦରପାଠୁଆ, କି ଅପାଠୁଆ—ଓଡ଼ିଶାର ଏ ପ୍ରାନ୍ତରୁ ସେ ପ୍ରାନ୍ତ ପର୍ଯ୍ୟନ୍ତ ସବୁରି ଘରେ ସେ ଜୀଇ ରହିଛନ୍ତି, କାଳ କାଳକୁ ଜୀଇ ରହିଥିବେ ମଧ୍ୟ । ଏହିଭଳି ଅମର ସନ୍ତାନଙ୍କ ଯୋଗ୍ୟତା କଳନା ବା ବର୍ଣ୍ଣନା ମୋ ଭଳିର ମନ୍ଦେ ଅସମ୍ଭବ, ଅସଙ୍ଗତ ଓ ଅବିମୃଷ୍ୟ-କାରିତାର ପରିଚୟସୂଚକ ହେବ ସିନା !

ଜନ୍ମ ତାଙ୍କର ପ୍ରାୟ ୧୭୮୯ ମସିହାରେ ଓ ସ୍ୱର୍ଗବାସ ୧୮୪୫ରେ । ତାଙ୍କ ସମର୍ଥ ରଚନାକାଳକୁ ଓଡ଼ିଶାର ଅଙ୍ଗଭଙ୍ଗ ଘଟି ସାରିଛି । କେବଳ ଭୂମିଖଣ୍ଡ ନୁହେଁ । କଳା, ସଂସ୍କୃତି, ରୀତିନୀତି, ଚାଲିଚଳଣି—ସବୁରି ଅସ୍ଥି ମଜ୍ଜା ଖଣ୍ଡ ବିଖଣ୍ଡିତ ହୋଇଯାଇଛି । ଓଡ଼ିଶାର ସ୍ୱାଧୀନତା ଯିବା ପଛେ ପଛେ ଲୋକ-କହଣୀ ପରି "ବିଧାମୁଣ୍ଡେ ବିଧା ବାଜିଛି" । ଆଜି ମୁସଲମାନ୍, କାଲି ମହରଟ୍ଟା, ତା' ପରେ ଇଂରାଜ—ସମସ୍ତଙ୍କର 'ପାରିଧି-ବଣ' ବନି ଏ ରାଜ୍ୟଖଣ୍ଡ ସବୁବେଳେ ଭୟନିଆରେ ଥର ହର ହେଉଥିବା ବେଳେ ଆଜି ସାଧାରଣ ଜୀବନରେ ସୁଖଶାନ୍ତିର ନାଆଁ ଗନ୍ଧ ଅବା ରହିପାରନ୍ତା କିପରି ?

ସ୍ୱାଧୀନତା ସାଥିରେ ଆମ କମ-କାରିଗରି ଯେମିତି ବୁଡ଼ିଲା, ସଙ୍ଗୀତ ମଧ୍ୟ ସେହିପରି ହେବିଛପା ହେଲା । ଅବଶ୍ୟ ଜନସାଧାରଣଙ୍କୁ

ବାଧକଲା କଳା ସେବାଠାରୁ ଦୂରେଇ ରହିବାକୁ । କେବଳ ମୁଷ୍ଟି-ମେୟ ରାଜା ମହାରାଜା ବା ଜମିଦାରମାନଙ୍କ ଆଗ୍ରହ ଅନୁଗ୍ରହ ପୌଷ୍ଟି ବା ପ୍ରତିଷ୍ଠା ଉପରେ 'ଢୋକେ ପିଇ ଦଣ୍ଡେ ଜୀଇ' ଭଳି ମରୁ ମରୁ ବଞ୍ଚିରହିଲା କଳା । ସଉକ ବା ତୋଷାମଦର ଓଷଧମାନ ମେଣ୍ଟାଇବା ପାଇଁ ରହିଲା ସଙ୍ଗୀତ । ରାଜ ନବରର ସିଂହଦ୍ୱାର ଏରୁଣ୍ଡିବନ୍ଧ ଡେଇଁ ସଙ୍ଗୀତ ଆଉ ସାଧାରଣର ପାଖକୁ ଆସି ହୋଇପାରିଲା ନାହିଁ । ଅଭାବ, ଅନାଟନ, ଅରାଜକତା ଓ ନାନା ଅତ୍ୟାଚାର, ଅନାଚାର ଭିତରେ ଲୋକେ ସାଧନାର ସୁଯୋଗ ହରାଇ ବସିଲେ । ସେତେବେଳେ ସଙ୍ଗୀତ ରହିଲା ପୂରାପୂରି :—

"ନିଲଜ ବାଏ' । ସଲଜ ଗାଏ; ଅତି ଅଲାଜୁକ ନାଚିନାଚି ଯାଏ ।"

—ଏହିପର୍ଯ୍ୟାୟ ଭିତରେ ଅଳ୍ପ ଯେଉଁ ଖଣ୍ଡି କେତେ ସଙ୍ଗୀତ ଗ୍ରନ୍ଥ ଏହି କେତେକ ଶତାବ୍ଦୀ ମଧ୍ୟରେ ଲିଖିତ ହୋଇପାରିଛି ତାହା ଅଧିକରେ ରାଜ ଅନୁଗ୍ରହରୁ । ଏ ଗୁଡ଼ିକର ବହୁପରେ, ଆମ ରାଜ୍ୟର ଏକ 'ଗୋଳିଆ' ପରିସ୍ଥିତି ବେଳେ, କବିସୂର୍ଯ୍ୟଙ୍କ ଜନ୍ମ ଉତ୍ତର-ଦକ୍ଷିଣ ଓଡ଼ିଶାର ପ୍ରାୟ ମିଳନ କେନ୍ଦ୍ରରେ । ଇଂରେଜ ରାଜନୀତିର devide and rule policy ହେତୁରୁ ପ୍ରାକୃତିକ ଓଡ଼ିଶା ବିକଳାଙ୍ଗ ହୋଇ ପଡ଼ିଲା । ଗଞ୍ଜାମ ଜିଲ୍ଲା ରହିଲା ମାନ୍ଦ୍ରାଜ ପ୍ରେସି-ଡେନ୍‌ସିର ଓଳିତଳିଆ ହୋଇ । ଗଞ୍ଜାମ ଥିଲା ଆମ କବିସମ୍ରାଟଙ୍କର ଜନ୍ମଭୂମି ।

କବିସୂର୍ଯ୍ୟଙ୍କ କାଳକୁ ଓଡ଼ିଶୀ ସଙ୍ଗୀତର ପ୍ରବୃତ୍ତି ଓଡ଼ିଶାରୁ ଏକାବେଳେ ଦେହଗୁଡ଼ା ଦେଇ ନ ଥିଲା । ଏହି ଅନୁସାରେ ଭାଷା ବା ଶବ୍ଦ ଯୋଜନା ଉପରେ ସ୍ୱର ସଙ୍ଗୀତର ଅନୁକୂଳତା ବିଚାର ମଧ୍ୟ ନଗଣ୍ୟ ନୁହେଁ । ବନମାଳୀ, ପଦ୍ମନାଭ, ମାନଗୋବିନ୍ଦ,

ରାମକୃଷ୍ଣ, ରଘୁନାଥ, ଶ୍ୟାମସୁନ୍ଦର, ଭାଗିରଥୀ, ରାମଚନ୍ଦ୍ର ପ୍ରଭୃତି ଗୀତକବିଙ୍କ ଭାଷା ସହିତ ପରବର୍ତ୍ତୀ ଆନ୍ଧ୍ର ରାଷ୍ଟ୍ର ସମ୍ପର୍କରେ ଆସିଥିବା ଗଞ୍ଜାମ ଅଞ୍ଚଳର କବିମାନଙ୍କ ଗୀତର ଭାଷା ତୁଳନା କଲେ ଏ କଥା ସହଜେ ଅଠକଳ କରିହେବ; କିନ୍ତୁ ଏହିସମୟର ଅଳ୍ପ କାଳପରେ ଅବସ୍ଥା କ୍ରମେ ବଦଳିଗଲା ।

ଆନ୍ଧ୍ର ବା ମାନ୍ଦ୍ରାଜର ସୀମାଞ୍ଚଳ ପାରଳା,—ଯେଉଁ ରାଜ୍ୟର ଗଜପତି ବଂଶର ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗରେ ରଚିତ ଏବଂ ବହୁ ପ୍ରଚଳିତ ଓ ବହୁଜନ ସମାଦୃତ 'ସଙ୍ଗୀତ ନାରାୟଣ' ଗ୍ରନ୍ଥରେ ଓଡ଼ିଶୀ ସଙ୍ଗୀତଶାସ୍ତ୍ରର ରାଗତାଳ ଗୀତର ସ୍ୱତନ୍ତ୍ରତା ବର୍ଣ୍ଣିତ ହୋଇଛି, ସେହି ବଂଶଜ (ପ୍ରାୟ ଶତାବ୍ଦୀଅନ୍ତରରେ) ପଦ୍ମନାଭ ନାରାୟଣ ଦେବଙ୍କ ଲିଖିତ "ତାଳ ସବ୍ୱହାର ସଂଗ୍ରହ" ନାମକ ପୁସ୍ତକ (ଗଜପତି ପ୍ରେସ୍‌ରେ ୧୮୯୮ରେ ମୁଦ୍ରିତ)ର ଭୂମିକାରେ ସେ ଦୁଃଖକରି ଲେଖି-ଅଛନ୍ତି କି;—"ଯଦି କେହି ଜଣେ ଓଡ଼ିଆ ଦାକ୍ଷିଣାତ୍ୟ ସଙ୍ଗୀତଧାରା ଗୁଡ଼ିକ ଓଡ଼ିଆ ଭାଷାରେ ପ୍ରଚାର କରି ଉତ୍କଳର ଅଭାବ ଦୂର କରିବ ତେବେ ଜାତୀୟ ସଙ୍ଗୀତ ସଂସ୍କୃତ ଓ ଉନ୍ନତ ହେବ" । ଏ ଲେଖାରୁ ମୋ ମନକୁ ଆସୁଛି ଯେ :—ଲେଖକଙ୍କୁ ତାଙ୍କର ବିଦେଶାଗତ (ଉତ୍କଳୀୟ ନୁହନ୍ତି) ବନ୍ଧୁମାନେ ଅନୁରୋଧ କରିଥିଲେ ଯେ ଯଦି କେହି ଓଡ଼ିଆ ଦାକ୍ଷିଣାତ୍ୟ ସଙ୍ଗୀତଧାରା (ଓଡ଼ିଶୀ ନୁହେଁ) ଗୁଡ଼ିକ ଓଡ଼ିଆ ଭାଷାରେ ପ୍ରଚାର କରି ଉତ୍କଳର ଅଭାବ (ଓଡ଼ିଶାରେ ଦାକ୍ଷିଣାତ୍ୟ ସଙ୍ଗୀତଧାରା ପ୍ରଚାରର ଅଭାବ ନୁହେଁ ତ ?) ଦୂର କରିବ ତେବେ ଜାତୀୟ ସଙ୍ଗୀତ (ଲେଖକ ଜଣେ ଓଡ଼ିଶାବାସୀ, ତେଣୁ ତାଙ୍କର ଜାତୀୟ ସଙ୍ଗୀତ ଓଡ଼ିଶୀ ଛଡ଼ା ଆଉ କଣ ହୋଇ ପାରେ କି ?) ସଂସ୍କୃତ ଓ ଉନ୍ନତ ହେବ (ଅର୍ଥାତ୍ ଜାତୀୟ ସଙ୍ଗୀତ ବୋଲନ୍ତେ ଓଡ଼ିଶୀ ସଙ୍ଗୀତ ତାହା ଅସଂସ୍କୃତ ଓ ଅନୁନ୍ନତ

ଅବସ୍ଥାରେ ଥିବା ହେତୁ ଦାକ୍ଷିଣାତ୍ୟ ସଙ୍ଗୀତର ସଙ୍ଗତ ଦ୍ୱାରା ତାହା ସଂସ୍କୃତ (?) ଓ ଉନ୍ନତ (?) ହେବ ) ।

ପୁଣି ସେ ଲେଖିଛନ୍ତି :—× × × × ×
"ଯେପରି ସମଗ୍ର ଉତ୍କଳର ସଂଗୀତର ଗୌରବ ବୃଦ୍ଧି ହେବ ଓ ନିଖିଳ ଜନମନ ବିମୋହିନୀ ଦାକ୍ଷିଣାତ୍ୟ ସଙ୍ଗୀତ ଉତ୍କଳରେ କ୍ରମେ କ୍ରମେ ଆଧିପତ୍ୟ ସଂସ୍ଥାପନ କରି, ନିଜ ଶିଶୁ ପକ୍ଷୀ ସଂଶୀମୋହ ଗୁଣର ପରିଚୟ ଉତ୍କଳ ସନ୍ତାନମାନଙ୍କ ଠାରେ ଅଚିରେ ପ୍ରଦାନ କରିବ" ..................................ଇତ୍ୟାଦି ।

ଏ ଲେଖାରୁ ପ୍ରକାଶ ଯେ ପ୍ରୋକ୍ତକାଳ ପର୍ଯ୍ୟନ୍ତ ମଧ୍ୟ ଦାକ୍ଷିଣାତ୍ୟ ସଙ୍ଗୀତଧାରାର କୌଣସି ପୁସ୍ତକ ଓଡ଼ିଆ ଭାଷାରେ ରଚିତହୋଇ ନ ଥିଲା ଏବଂ ସେହି ସଙ୍ଗୀତ ଧାରା ଲେଖକଙ୍କ ବାସାଞ୍ଚଳରେ ଆଶାନୁରୂପ ଆସ୍ଥାନ ଜମାଇ ପାରି ନଥିଲା । "ଯେପରି ସମଗ୍ର ଉତ୍କଳ ସଙ୍ଗୀତର ( ତେବେ ଉତ୍କଳରେ ତାହାର ନିଜସ୍ୱ ସଙ୍ଗୀତ ଧାରା ଥିଲା । )ଗୌରବ ବୃଦ୍ଧି ହେବ ଓ ନିଖିଳ ଜନମନ ବିମୋହିନୀ ଦାକ୍ଷିଣାତ୍ୟ ସଙ୍ଗୀତ (ପ୍ରତିଷ୍ଠିତ, ପ୍ରତିପତ୍ତିଶାଳୀ ସଙ୍ଗୀତ ସ୍ନେହୀ ଲେଖକଙ୍କ ପ୍ରିୟ ସଙ୍ଗୀତ) ଉତ୍କଳରେ କ୍ରମେ କ୍ରମେ ଆଧିପତ୍ୟ ସଂସ୍ଥାପନ କରିବ (ଏଥିରୁ ମଧ୍ୟ ପ୍ରମାଣ ମିଳୁଛି ଯେ ଉତ୍କଳ ସଙ୍ଗୀତ ସ୍ଥାନରେ ଦାକ୍ଷିଣାତ୍ୟ ସଙ୍ଗୀତ ଆଧିପତ୍ୟ ବିସ୍ତାର କରିବା ଅଭିପ୍ରାୟରେ ଏହି ପୁସ୍ତକଟି ଲିଖିତ ଓ ପ୍ରକାଶିତ ।)

ଏଥିରୁ ପ୍ରମାଣିତ ହୁଏ ଯେ ଓଡ଼ିଶାରେ ତାର ନିଜସ୍ୱ ଧାରାର ସଙ୍ଗୀତ ଅବଶ୍ୟ ପ୍ରଚଳିତ ଥିଲା ଏବଂ ନାନା କାରଣରୁ ତାହା ଦୁର୍ଦ୍ଦଶାଗ୍ରସ୍ତ ହୋଇଥିବାବେଳେ ସଂଗୀତ ସେବକ ଗଜପତି ପଦ୍ମନାଭ ମର୍ଦ୍ଦରାଜ 'କାକତାଳୀୟନ୍ୟାୟେନ' ଆବିର୍ଭାବ ପ୍ରଭାବିତ

ଏବଂ ଗୁରୁଦନ୍ତ ତେଲମୟ୍ୟା ଶାସ୍ତ୍ରୀଙ୍କଠାରୁ ଶିକ୍ଷା ପ୍ରାପ୍ତ (ତେଲଗୁ ସଙ୍ଗୀତଜ୍ଞ ପଦ୍ମନାଭଦେବଙ୍କ ଗୁରୁରୂପେ ଉକ୍ତ ପୁସ୍ତକରେ ସ୍ୱୀକୃତ) ଗ୍ରନ୍ଥକର୍ତ୍ତା ଦାକ୍ଷିଣାତ୍ୟ ସଙ୍ଗୀତ ପ୍ରଚାର, ପ୍ରସାର କଲେ୍ ଯତ୍ନବାନ୍ ହେଲେ । ଏଣୁ କ୍ରମେ ମାନ୍ଦ୍ରାଜର ନିକଟତମ ପଡ଼ୋଶୀ ସ୍ଥଳରେ ଓଡ଼ିଆ ଗୀତମାନ ମଧ୍ୟ ଓଡ଼ିଶୀ ଢଙ୍ଗ ପରିବର୍ତ୍ତେ ଦାକ୍ଷିଣାତ୍ୟ ରୀତିରେ ପରିବେଶିତ ହେବାର ବ୍ୟବସ୍ଥା ପ୍ରସରିଲା । ସେଥିଲାଗି କବିସୂର୍ଯ୍ୟଙ୍କ ଗୀତମାନ ଏବେ ଗଞ୍ଜାମ ଅଞ୍ଚଳରେ କେତେକଙ୍କଠାରୁ ଦାକ୍ଷିଣାତ୍ୟ ରୀତିରେ ଗୀତ ହେବାର ଶୁଣାଯାଏ । ପଦ୍ମନାଭ-ଦେବଙ୍କ କାଳକୁ ସେ ଅଞ୍ଚଳରେ ଦାକ୍ଷିଣାତ୍ୟ ସଙ୍ଗୀତଧାରା ସ୍ୱଳ୍ପ ମାତ୍ରାରେ ପ୍ରଚଳିତ ଥିବାର ପ୍ରମାଣ ମିଳୁଛି, କବିସୂର୍ଯ୍ୟଙ୍କ କାଳ ତହିଁକୁ ନାଗପାଟ ଶହେବର୍ଷ ଛାଡ଼ୁଛି । କାଳର ବ୍ୟବଧାନ କଳନାରେ, ପୁଣି ଆନ୍ଧ୍ର ସୀମାର ଦୂରପଥ ନିବାସୀ କବିସୂର୍ଯ୍ୟଙ୍କ ରଚିତ ସଙ୍ଗୀତଗୁଡ଼ିକର ରାଗତାଳ ଓ ତାହାର ପରିବେଷଣ ରୀତିରେ ଦାକ୍ଷିଣାତ୍ୟର ସ୍ୱରକମ୍ପନ ବହୁଳତାର ପ୍ରଭାବପାତ ସମ୍ଭବ ନୁହେଁ । ୧୮୯୮ ବେଳକୁ ଓଡ଼ିଶୀ ସଙ୍ଗୀତର ଜ୍ୟୋତି ମଳିନ ଆସୁଥିବାର ଦେଖି ଦାକ୍ଷିଣାତ୍ୟ ସଙ୍ଗୀତ-ପ୍ରୀତି ସମ୍ବର୍ଦ୍ଧିତ ପଦ୍ମନାଭଦେବ ଦୁଃଖ କରିଛନ୍ତି ସିନା ! ହେଲେ ଓଡ଼ିଶୀ ସଙ୍ଗୀତର ନିଜତ୍ୱ ରୀତି ନଥିଲା ବୋଲି ସେ କହିପାରି ନାହାନ୍ତି !

ତେଣୁ କବିସୂର୍ଯ୍ୟଙ୍କ ଚମ୍ପୂର ଗୀତ ଗୁଡ଼ିକ ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶୀ ରୀତିରେ ଯେ ଲୋକେ ତାହା ଗାଉଥିଲେ, ଏହା ସ୍ୱୀକାର୍ଯ୍ୟ । କିନ୍ତୁ ସେ ରୀତି ପୂର୍ବ ସୂଚିତ ପ୍ରକାରେ ବିବିଧ ବାଧା ବିଘ୍ନର ସମ୍ମୁଖୀନ ହେବାରେ ଜନସାଧାରଣଙ୍କ ବିହିତ ଚର୍ଚ୍ଚା ଓ ସାଧନା ଅଭାବରୁ ପଦ୍ମନାଭ ଦେବଙ୍କ କାଳକୁ କ୍ରମଶଃ ଦୁରବସ୍ଥା ପ୍ରାପ୍ତହୋଇ ଆସିଥିଲା ।

ଏବେ ଗଞ୍ଜାମ ଅଞ୍ଚଳର କେହି କେହି ଗାୟକ ଓଡ଼ିଆଗୀତକୁ ଓଡ଼ିଶୀରୀତି ପରିବର୍ତ୍ତେ ଦାକ୍ଷିଣାତ୍ୟ ଧାରାରେ ଗାଉଥିଲେ ମଧ୍ୟ କେବଳ ଉକ୍ତ ସୀମାନ୍ତବର୍ତ୍ତୀ ଅଞ୍ଚଳର ଉପର୍ଯ୍ୟୁକ୍ତ କାରଣମାନଙ୍କରୁ ଅନୁସୃତ ରୀତିକୁ ସମଗ୍ର ଓଡ଼ିଶାର ଧାରା (ଓଡ଼ିଶୀ) ବୋଲି ଧରିନେବା ଅଯୁକ୍ତିକର । ଓଳପାଣିରେ ନଈବଢ଼ିର ସମ୍ଭାବନା କାହିଁ ?

ଆଉ ଗୋଟିଏ ପ୍ରଶ୍ନ ମନରେ ଉଠେ ଯେ ଓଡ଼ିଆଘରର ରୀତିନୀତି, ପୂଜା ପାର୍ବଣ, ବିବାହବ୍ରତ, ଖିଆପିଆ ଇତ୍ୟାଦି ଇତ୍ୟାଦି କିଛିହେଲେ ପୂର୍ଣ୍ଣ ଦାକ୍ଷିଣାତ୍ୟ ରୀତିରେ ପରିଚାଳିତ ହେଉ ନ ଥିବା ପ୍ରତ୍ୟକ୍ଷେ କେବଳ 'ସଙ୍ଗୀତ' କଳାହିଁ ସେହି ରୀତିରେ ଚାଲିଲା (ନୃତ୍ୟ ନୁହେଁ-ଯାହା ଗୀତ ତାଳ ବା ବାଦ୍ୟର ପରିଣତି) କିପରି ? ଏଥିଲାଗି ଏପରି କି ବିଶେଷ କାରଣ ଲାଗୁହେବାର ସମ୍ଭାବନା ଥାଇପାରେ ? ଏଥିକୁ ମନିମାନିଆ ଶାସ୍ତ୍ର ପ୍ରମାଣ କିଛି ଅଛି କି ?

ଦକ୍ଷିଣ ଓଡ଼ିଶାର ସୀମା ଅଞ୍ଚଳରେ ଏହା 'ଠାଇଁ' ମାଡ଼ିବସି ଓଡ଼ିଶୀ ଢଙ୍ଗର ରଙ୍ଗ ବଦଳାଇ ପାରିଲା ସତ କିନ୍ତୁ ସୀମାଠାରୁ ଯେତିକି ଯେତିକି ଦୂର-ଦୁଆରେ ଦେଶଖଣ୍ଡମାନ ରହିଲା, ସେତିକି ସେତିକି ଏ ଝଞ୍ଜାମାଳର ପରାକ୍ରମ ଊଣା ହୋଇଆସିଛି । ଏହାର ପ୍ରମାଣ ଆଲୋଚନା କରିବସିଲେ କବିସୂର୍ଯ୍ୟ ଓ ଗୋପାଳକୃଷ୍ଣ ଦୁହିଁଙ୍କୁ ଗ୍ରହଣ କରାଯାଇପାରେ । ଉଭୟେ ପ୍ରାୟ ସମସାମୟିକ । ଉଭୟେ ଗଞ୍ଜାମର, କିନ୍ତୁ ସ୍ଥାନର ଦୂରତ୍ୱ ଦେନ ସଙ୍ଗୀତର ଧାତୁ-ମାତୁ ଉଭୟ ବିଚାରରେ ଦୁହିଁଙ୍କ ରଚନା ମଧ୍ୟରେ ଏକ ଉଜ୍ଜ୍ୱଳ ସୀମାରେଖା ଟାଣାଯାଇ ପାରିବ । ଗଞ୍ଜାମର ମଧ୍ୟସ୍ଥଳୀ ବ୍ରାହ୍ମଣଗ୍ରାଇ ନିବାସୀ ପ୍ରସିଦ୍ଧ କବିଦ୍ୱୟ ହରି ରାୟଗୁରୁ ଓ ଗୋବିନ୍ଦ ରାୟଗୁରୁଙ୍କ ଗୀତରଚନା ଓ ରାଗତାଳ ନିର୍ଦ୍ଦେଶରେ ଓଡ଼ିଶୀ ରୀତି ମଧ୍ୟ ପ୍ରଣିଧାନ ଯୋଗ୍ୟ । ( ରାୟଗୁରୁ ଗ୍ରନ୍ଥାବଳୀ ଦ୍ରଷ୍ଟବ୍ୟ )

ଓଡ଼ିଶୀ ସଙ୍ଗୀତ ଭାଷାବହୁଳ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ପ୍ରାୟ ପ୍ରାଚୀନ "ପ୍ରବନ୍ଧ" ଗାନରୀତିର ପନ୍ଥାନୁସାରୀ ଏବଂ 'ଶୁଦ୍ଧା' ଗୀତପଦ୍ଧତି ପର୍ଯ୍ୟାୟଭୁକ୍ତ । ଭାଷା ଓ ଭାବ ଓଡ଼ିଶୀ ସଙ୍ଗୀତର ଅନ୍ୟତମ ସ୍ୱତନ୍ତ୍ରତା । ତେଣୁ ଭାବ ପ୍ରକାଶର ଆବଶ୍ୟକତା ଦୃଷ୍ଟିରୁ ଗୀତ ଗୁଡ଼ିକ ପ୍ରାୟ ଚତୁଷ୍ପଦ ଏବଂ ସ୍ଥଳ ବିଶେଷରେ ତହିଁରୁ ଊଣା ନୁହେଁ । କବିସୂର୍ଯ୍ୟ ଗୋପାଳ କୃଷ୍ଣଙ୍କ ରଚିତ ଗୀତ ଗୁଡ଼ିକ ମଧ୍ୟ ଏହିପରି ବହୁଚରଣ ବିଶିଷ୍ଟ । ଉଭୟେ ଜନକଣ୍ଠରେ ଅମର ।

କବିସୂର୍ଯ୍ୟଙ୍କ ରଚନା ମଧ୍ୟରେ କେତେକ ଯାବନିକ ଶବ୍ଦର ପ୍ରୟୋଗ ଦୃଷ୍ଟି ହୁଏ । ଏହା ତଦାନିନ୍ତନ ମହର୍ଟା ଓ ମୁସଲମାନ ଶାସନର ପ୍ରଭାବପାତର ଫଳ । ପାର୍ଶୀରେ ଦରବାରୀ ଲେଖା ପ୍ରଚଳନର ମଧ୍ୟ ପ୍ରମାଣ ରହିଛି । "ରାଜାନୁଗତ ଧର୍ମ" ହେନ ଏହାର ଆଦର ଥିଲି । କବିସୂର୍ଯ୍ୟଙ୍କ ଲେଖାରେ କେତେକ ଶବ୍ଦ ଯେପରି :—ଦରଦ, ଫଜିତ, ଫଉଜ, ଫରିଆଦ, ଫତୁଆ ପ୍ରଭୃତିର ବ୍ୟବହାର ଅଛି ।

ଆମର ପୁରାତନ ସଙ୍ଗୀତ ଶାସ୍ତ୍ର ରଚୟିତାମାନେ ରାଗ ଓ ତାଳର ଦୃଷ୍ଟାନ୍ତ ସ୍ଥଳମାନଙ୍କରେ ଯେଉଁ ଗୀତମାନ ବ୍ୟବହାର କରିଛନ୍ତି ତହିଁରେ ହିନ୍ଦି ଶବ୍ଦର ପ୍ରଚଳନ ଦୃଷ୍ଟ ହୁଏ । ଏମନ୍ତକି ବହୁ ପୁରାତନ "ଗୀତ ପ୍ରକାଶ"କାର କୃଷ୍ଣ ଦାସଙ୍କ ଗୀତ ରଚନାରେ ହିନ୍ଦି ଶବ୍ଦ କିମ୍ବା ବ୍ରଜ ବୋଲିର ପ୍ରୟୋଗ ଅଛି । ଅଷ୍ଟାଦଶ ଶତାବ୍ଦୀର ପ୍ରାନ୍ତ ଭାଗରେ (୧୭୯୭) ସଙ୍ଗୀତଶାସ୍ତ୍ରୀ ରଘୁନାଥ ରଥେ ତାଙ୍କ ପ୍ରଣୀତ, 'ନାଟ୍ୟ ମନୋରମା' ଗ୍ରନ୍ଥର ସ୍ଥଳ ବିଶେଷରେ ଉଦାହରଣ ରୂପେ ଉଲ୍ଲେଖ କରିଥିବା ଗୀତରେ ହିନ୍ଦି ଶବ୍ଦର ବ୍ୟବହାର ଦେଖାଯାଏ । ଯଥା :—

"ଶ୍ୟାମଳ ତନୁ ପୀତ ବସନ, ଶୋଭାକୃତ ମଦନ କଦନ,
ନଖରୁଚି ଜିତ ଇନ୍ଦୁ-ଭାଲେ ଘୁସୃଣ ବିନ୍ଦୁ,
ମୌଳି ବକୁଳମାଳ, ଉରେ **ବନି** ବନମାଳ
**ଭଜନ୍ତୁଁ**ରେ ସଖୀ ନନ୍ଦ ଲାଲ"

ଏହିପରି ଅନେକ ଉଦାହରଣ ଗୀତରେ ହିନ୍ଦି ଶବ୍ଦମାନଙ୍କ ବ୍ୟବହାର ରହିଅଛି । କବିସୂର୍ଯ୍ୟ ଗୀତର ଯେଉଁ ଯେଉଁ ସ୍ଥାନରେ ଏହିପରି ଶବ୍ଦମାନ ଖଞ୍ଜି ଛନ୍ତି, ଆଜି ଶତ ଚେଷ୍ଟାରେ ମଧ୍ୟ ସେହି ସ୍ଥାନରେ ସେହିପରି ଭାବାନୁକୂଳ ଶବ୍ଦର ସରସ-ପ୍ରତିସ୍ଥାପନା ସମ୍ଭବପର ମନେହୁଏ ନାହିଁ ।

କବିତା ଓ ସଂଗୀତ ରଚନାରେ ଭାଷା ଖଞ୍ଜିବାର ଟିକିଏ ପାର୍ଥକ୍ୟ ଅଛି । ସ୍ୱରରେ ଉଚ୍ଚାରଣ ପାଇଁ ଝର ପାଣି ଭଳି ସରସ ଶବ୍ଦ ସମ୍ଭାର ଲୋଡ଼ା । କଠମଠିଆ ବା କଷ୍ଟରେ ଉଚ୍ଚାରିତ ହେବା ଭଳି ଶବ୍ଦ ସଂଗୀତର ଯେମିତି ଦେହ ସୁହାଏ ନାହିଁ । ସମାସାନ୍ତ ଦୀର୍ଘ ପଦଯୋଜନା କବିସୂର୍ଯ୍ୟଙ୍କ ଲେଖାରେ ଯେ ନାହିଁ, ଏ କଥା ମୁଁ କହୁନାହିଁ, ହେଲେ ଏଭଳି ପୃଷ୍ଠଭୂମିରେ ସେ ଭଳି ଶବ୍ଦମାନଙ୍କର ବସତି ହେଇ ଯେ ଗଦ୍ୟ ରୀତିରେ ପାଠ କଲେ ଟିକିଏ ଅଖଞ୍ଜିଆ ଲାଗିଲେ ମଧ୍ୟ ସ୍ୱର ପକାଇ ଗାଇବା ବେଳକୁ ତାହା କାନ-ମଧୁରିଆ ହୋଇପଡ଼େ । ଏଇ ବିଶେଷତ୍ୱ ଟିକକ ସଙ୍ଗୀତ-ଜ୍ଞାନ ଥିବା ଗୀତି କବିଙ୍କ ପାଖରୁ ମିଳେ । କେହି ଟିକିଏ ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ଲକ୍ଷ୍ୟକରି ପାରିବେ ଯେ ଗୀତଛନ୍ଦରେ ସରସ, ସୁନ୍ଦର, ମଧୁର ଶବ୍ଦ ଗୁମ୍ଫନ ଅ-ସଂଗୀତଜ୍ଞ ପକ୍ଷେ ସୁଲଭ ନୁହେଁ । କବିସୂର୍ଯ୍ୟ ଅକ୍ଷର ଗଣି '**ପଦଯୋଖା**' କବି ନୁହନ୍ତି । ସେ ରସିକ, ଚତୁର ପଣ୍ଡିତ ଏବଂ ତାଙ୍କର ସଙ୍ଗୀତ-ଜ୍ଞାନ ଥିବା ସୁନିଶ୍ଚିତ । ଗୋଟିଏ ଗୀତର ଭଣିତରେ ସେ ଲେଖିଛନ୍ତି :—

"ଭଣଇ କବସୂର୍ଯ୍ୟ ଶୁଣ ପଣ୍ଡିତ ଆର୍ଯ୍ୟ
ହେଲେ ହୋଇବ ଏକ ଗୁଣ ଲୋପ,
ଆଉ ପାପ ସଙ୍ଗୀତ ବିଦ୍ୟା ସାଧନେ ଚିତ୍ତ
ନ ଦେବ ବୋଲି ସଙ୍କଳପ ।"

ଏହା ତାଙ୍କ ରଚିତ ଅତି ପରିଚିତ "କହିବାକୁ ଲାଜ ସଖି, ଯାହା ହେଲା ଆଜ" ଗୀତଟିର ଭଣିତା ପଦ । ବର୍ତ୍ତମାନ ଏହାର ଅଦଳ ବଦଳ – ଶବ୍ଦ ଯୋଜନା ମଧ୍ୟ ଦୃଷ୍ଟ ହୁଏ; କିନ୍ତୁ ଉପରଲିଖିତ ମତେ ୫୦ । ୫୫ ବର୍ଷ ହେଲା ମୁଁ ଏହି ଗୀତକୁ ପୁରୁଣା ଲୋକଙ୍କ ମୁଖରୁ ଅବଧି ଶୁଣି ଆସୁଛି ଏବଂ 'ସଙ୍ଗୀତ ସାଗର'ରେ ମଧ୍ୟ ଏହିପରି ମୁଦ୍ରିତ ହୋଇଛି ।

ଗୋପାଳ କୃଷ୍ଣଙ୍କ ବ୍ୟବହୃତ ମାୟାମାଳବ ଗୌଡ଼ା, ନାଦନାମକ୍ରିୟା, ଖାରବାଣୀ, ଯଦୁକୁଳ କାମ୍ବୋଜୀ ଇତ୍ୟାଦି ଦାକ୍ଷିଣାତ୍ୟପଦ୍ଧତି ନିର୍ଦ୍ଦିଷ୍ଟ ରାଗନାମ ବା ତ୍ରିପୁଟ ରୂପକ, ମିଶ୍ର ଚାପୁ ଇତ୍ୟାଦି ତାଳନାମର ବ୍ୟବହାର କବିରତ୍ନଙ୍କ ଗୀତରେ ପରିକ୍ଷିତ ହୁଏ ନାହିଁ । ବିଭିନ୍ନପୋଥି ଓ ଛପା ପୁସ୍ତକମାନଙ୍କରେ ସ୍ଥଳ ବିଶେଷରେ ଶବ୍ଦର ଭ୍ରମାତ୍ମକ ପରିବର୍ତ୍ତନ ହେବାପରି ରାଗନାମର ଅଳ୍ପବହୁତ ପରିବର୍ତ୍ତନ ମଧ୍ୟ ଦେଖାଯାଏ । ମାତ୍ର ସେଗୁଡ଼ିକରୁ କେହି ଦାକ୍ଷିଣାତ୍ୟ ରାଗତାଳନାମ ଗ୍ରହଣ କରିନାହାଁନ୍ତି । 'କାମୋଦୀ' କୌଣସି ସ୍ଥଳରେ 'କାମ୍ବୋଜୀ' ବା 'ଶଙ୍କରଭରଣ' କିମ୍ବା 'ଧୀର ଶଙ୍କରାଭରଣ' ନାମରେ ନାମିତ ହୋଇ ଥିବାର ଦେଖାଯାଏ ନାହିଁ । ଝୁଲା, ଆଡ଼ତାଳ ପ୍ରଭୃତି ଓଡ଼ିଶା ପ୍ରଚଳିତ ସ୍ୱତନ୍ତ୍ର ତାଳନାମମାନଙ୍କ ବ୍ୟତୀତ ଦାକ୍ଷିଣାତ୍ୟ ପ୍ରଚଳିତ ମିଶ୍ରଚାପୁ ବା ଚତୁରସ୍ରରୂପକ ଇତ୍ୟାଦି ତାଳମାନଙ୍କ ନାମ ନାହିଁ । ତେଣୁ କବିସୂର୍ଯ୍ୟଙ୍କ ରଚନା ଉପରେ ଦାକ୍ଷିଣାତ୍ୟ ପ୍ରଭାବ ଆଧିପତ୍ୟ

ବିସ୍ତାର କରିପାରିନାହିଁ ଓ ଶିଗ ତାଳ ବା ଭାଷା ଯେମିତି ଏଗୁଡ଼ିକ ମିଶ୍ରେଲ ଓଡ଼ିଶୀତ୍ୱ ବଜାୟ ରଖିଛି ବୋଲି କୁହାଯିବ ।

ଭାଷାର ଲଳିତ୍ୟ, ଅନୁଭବି ମନକଥାର ସରଳ ତରଳ ଉପ-ସ୍ଥାପନା ବୃତ୍ତ ଓ ସ୍ୱର ସଂଯୋଜନାର ମାଧୁର୍ଯ୍ୟ ଯେମିତି ସୂର୍ଯ୍ୟତେଜ ଅମ୍ଳାନ ଥିଲା, ଅଛି ଓ ଥିବ ବୋଲି ମୋର ଦୃଢ଼ ବିଶ୍ୱାସ ।

ଏଇ ଗ୍ରନ୍ଥର ଭିତରେ ଆଉ ପଦେ କେତେ କହିବାର ଅଛି ମୋର । ମୂଳରୁ ତ କହିଛି କବି ଜୀବନୀ ଲେଖୁନାହିଁ ମୁଁ । ଚମ୍ପୂ ସାହିତ୍ୟର କେବଳ ଭାବ ଯେମିତି ମୋତେ ଯାହା ଲାଗୁଛି ସେଇଥିରୁ ଟିକିଏ କହିବି ।

କବିସୂର୍ଯ୍ୟଙ୍କ କାଳକୁ ଓଡ଼ିଶାର ବୈଷ୍ଣବ ଧର୍ମ ଟିକିଏ ଭିନ୍ନ ରୂପ ନେଇ ଥିବାର ମନେହୁଏ । ଚମ୍ପୂ ଭିତରେ 'ଗୀତ ଗୋବିନ୍ଦ' ଯେ ବରାବର ଲୁଚକାଳି ଖେଳିଛି, ଏକଥା ସହଜରେ ଜଣାପଡ଼ିବ । ଜୟଦେବଙ୍କ ଅନୁସରଣ ବା ଅନୁକରଣରେ 'ମଧୁର-କୋମଳ-କାନ୍ତ-ପଦାବଳି' ଚମ୍ପୂରେ ଅଛି, ହେଲେ ବୈଷ୍ଣବତତ୍ତ୍ୱ କେତେ ପରିମାଣରେ ଫୁଟିଛି କହି ପାରୁନାହିଁ । ଅବଶ୍ୟ 'ମ' ଗୀତରେ କବିସୂର୍ଯ୍ୟ 'ଶ୍ୟାମ-ଗଉର' ଦୁଇ ଦେହର ମିଳନ ଠାଣିଆଁ କଥାରେ କହିଛନ୍ତି । ପୁଣି ଠାଏ ଠାଏ ଏଇ ମିଳନ ଭିତରେ କେମିତି ବାସ୍ତବ ଦୁନିଆ ଜୀବନର ଛବି ଫୁଟିବାପରି ଲାଗେ ।

ଓଡ଼ିଶାର ଯେ ଭଳି କାଳରେ ଚମ୍ପୂ ରଚିତ, ସେତେବେଳକୁ ଅନେକ ଗୀତ-କବି ଓ ଗ୍ରନ୍ଥକାର ବୈଷ୍ଣବତତ୍ତ୍ୱ ପାଖରୁ ଟିକିଏ ଦୂରେ-ଛଡ଼ା ହୋଇ ରହିଯାଇଥିଲେ । କିନ୍ତୁ ଛନ୍ଦ, ସ୍ୱର ଓ ସାହିତ୍ୟ ଏସବୁ ଦୃଷ୍ଟିରୁ ଚମ୍ପୂ କାବ୍ୟ କୋଣାର୍କ ବୋଲି ମୁଣ୍ଡ ଆପେ ଆପେ ନଇଁଯାଏ ।

# ଅନୁଚିନ୍ତା ସମ୍ବନ୍ଧେ —

ଅନୁଚିନ୍ତା ନିଜର । ୧୯୩୬ରେ ଯେତେବେଳେ ପ୍ରଥମେ କଟକରେ ମୁଁ କିଶୋରଚମ୍ପୂକୁ ନାଟକରୂପ ଦେଇ ମଞ୍ଚସ୍ଥ କରାଏଁ, ଏ ଅନୁଚିନ୍ତାର କଳ୍ପନାଜଳ୍ପନା ସେତିକି ବେଳର । ଚମ୍ପୂ ବିଷୟ-ବସ୍ତୁକୁ ନାଟ୍ୟରୂପ ଦେବାକୁ ଗଲାବେଳେ ତାର ସମ୍ୟକ୍ ଅଗ୍ରପଶ୍ଚାତ୍ ଭାବ ବିସ୍ତୃତିର ଅବକାଶ ଓ ଆବଶ୍ୟକତା ଅନୁଭୂତ ହେଲା । ସମଗ୍ର ଚମ୍ପୂ ଗୀତର ସ୍ୱର—ପରମ୍ପରା ବା 'ଗାଇବା ଧିରା' ଜାଣିବା ଦରକାର ପଡ଼ିଲା । ଭିଙ୍ଗାରପୁର ଦିନେ ଓଡ଼ିଶୀ ନୃତ୍ୟ ଗୀତର ସୁପରିଚିତ ପୀଠ ଥିଲା । କର୍ପୂର ନାହିଁ ସିନା, କନା ତ ଅଛି ; ସେଇ ଭରସାରେ ଶ୍ରୀ ନୀଳକଣ୍ଠ ବୈଧୁରୀ ଓ ମୋର ବନ୍ଧୁ ଶ୍ରୀ କୃଷ୍ଣ ବୈଧୁରୀଙ୍କ ସହିତ ଏ ସମ୍ବନ୍ଧେ ଆଲୋଚନା କଲି । ତଦାନୀନ୍ତନ ସ୍ୱର୍ଗୀୟ ସଙ୍ଗୀତଗୁରୁ କାର୍ତ୍ତିକ ସାହୁ (ଭିଙ୍ଗାରପୁର), ଗୁରୁ ସୋମନାଥ ମହାପାତ୍ର (ଆରଡ଼ାପଦା) ଓ କବି-ଗାୟକ ଗୌରକୃଷ୍ଣ ପଟ୍ଟନାୟକ (ଜାଆଁଲା) ପ୍ରଭୃତିଙ୍କ ସହ ବହୁଦିନ ଧରି ଆଲୋଚନା ପରେ ପୁରୁଣା ଗାୟକୀ ଢଙ୍ଗ ଅନୁସରଣରେ ଗୀତଗୁଡ଼ିକ ଶିଖି, ମୋର ନାଟ୍ୟସଂଘର ବାଳକ ଅଭିନେତାମାନଙ୍କୁ ଶିଖାଇ, ଚମ୍ପୂନାଟକ ମଞ୍ଚସ୍ଥ କରାଗଲା । ସାରା ଓଡ଼ିଶାରେ ଚମ୍ପୂନାଟକ ଅଳ୍ପକାଳ ମଧ୍ୟରେ ଚହଲ ପକାଇ ଦେଇଥିଲା । ସେତିକିବେଳର ଗବେଷଣା କାମ ହେଲା ଏତେବେଳକୁ ।

ଅନୁଚିନ୍ତା—ପରବର୍ତ୍ତୀ କଳ୍ପନା । କବିସୂର୍ଯ୍ୟ ଆଜ ନାହାନ୍ତି । ତାଙ୍କ ରଚନାର ଯୋଗାଯୋଗ ଅନୁଧ୍ୟାନ କରିବାକୁ ଯାଇ, ଯାହା ଏ ମନ କହେ ତାହାହିଁ ରୂପ ପାଇଛି ଅନୁଚିନ୍ତାରେ । ଏହା ଚମ୍ପୂଗୀତ-

ଘବର ବକାଶ ବା ବଗ୍ନର ପକ୍ଷେ କଥଞ୍ଚିତ୍ ସହାୟକ ହେବ ବୋଲି ମୋର ଧାରଣା । ଏଣୁ ବର୍ଣ୍ଣକ୍ରମ ନିୟମ ଭଞ୍ଜଙ୍କର ରଚିତ ପ୍ରତି ଗୀତର ପ୍ରାରମ୍ଭରୁ ଗୋଟିଏ ଗୋଟିଏ ଅନୁଚନ୍ତା ମୁଁ ଯୋଡ଼ ଦେଇଛି ଏବଂ ଯଥାସମ୍ଭବ ବର୍ଣ୍ଣାଦ୍ୟକ୍ରମ ଜଗିବାର ଚେଷ୍ଟା କରିଛି । ଚନ୍ଦ୍ର-କରଣର ବମଳପ୍ରଭ ତଳେ ଜୁଳୁଜୁଳିଆର 'ଦପଦପି' ଆଲୋକ ପ୍ରକାଶ ଚେଷ୍ଟା ନିଶ୍ଚିତ ଅବିବେକିତା — ଅବିମୃଷ୍ୟକାରିତା — ମହା ମୂର୍ଖତା । ଏତେ ସବୁ ଜାଣି ସୁଦ୍ଧା; "ଏଥୁଁ ଅଧିକ ଫଳ, ଲୋକହସା କେବଳ"—ଏକଥା ମଧ୍ୟ ବାରବାର ବିବେକ ମୋର ଚେତାଇ ଦେଉଥିଲେହେଁ, ଶ୍ରାବଣ ଘନର କାଳଘନାଚ୍ଛନ୍ନ ଜୀବନରେ — ବାଦଲ ଭିତରୁ ହେଉପଛେ, କ୍ଷଣିକ ଲିଭଉଭ ସୂର୍ଯ୍ୟ କିରଣ-ଛଟାର ଆଶାରେ ମାତ୍ର ମୁଁ ଏହା କରିଛି । ଦୁର୍ବାର ଲାଳସା ତ ! ରୋଧି ପାରିଲି ନାହିଁ । ଏ ଧୃଷ୍ଟତା ମାର୍ଜନା ନିମିତ୍ତ ସହୃଦୟ ପାଠକପାଠିକାଙ୍କୁ ଏକାନ୍ତ ବିନୀତ ଅନୁରୋଧ ।

ଅନୁଚନ୍ତାରେ (କ ବର୍ଣ୍ଣାଦ୍ୟ ଗୀତ ପୂର୍ବରୁ) ମୁଁ ଚମ୍ପୂ କାବ୍ୟର ପ୍ରାରମ୍ଭ ପ୍ରତ୍ୟୁଷକାଳୀନ ଘଟଣା ବୋଲି ସୂଚାଇଅଛି । କୁଳବଧୂ ଶ୍ରୀମତୀ । ଶାଶୁ ଜଟିଳା ଓ ନଣନ୍ଦ କୁଟିଳାଙ୍କ ସତର୍କ ଦୃଷ୍ଟି ଏଡ଼ାଇ କୁଳକୁଟୁମ୍ବଙ୍କୁ ପରବା ନ ରଖି ପ୍ରତ୍ୟୁଷରୁ ଜମୁନାତଟକୁ ଯିବାର କଳ୍ପନାରେ କାହାର କାହାର 'ନାକଟେକା' ଦେଖି, ଶୁଣି, ପଡ଼ି ତାହାଙ୍କ ବିପଦ କହୁଛି :—

ଏହା ନାୟିକା (ଶ୍ରୀମତୀଙ୍କ) ପୂର୍ବରାଗ ବର୍ଣ୍ଣନା । 'ଶ୍ରବଣ ଓ ଦର୍ଶନ' ଦୁଇକଥାଯାକ ଏ ଗୀତରେ ଫୁଟିଛି । 'ଶ୍ରବଣ'ଟା ଆହୁରି ଦୋହରା ହୋଇଛି 'ଖ' ଗୀତ ପ୍ରଭୃତି ପରବର୍ତ୍ତୀ କେତେ ଗୀତରେ । ନାୟକ (ଶ୍ରୀକୃଷ୍ଣ) ଙ୍କ ପକ୍ଷେ "ଜ" ଗୀତରୁ ଚମ୍ପାର ବିଷମ ବସ୍ତୁର ଉଦ୍ଦେଶ୍ୟ ବା ପୂର୍ବରାଗ ପ୍ରକଟିତ ହେଉଥିଲେହେଁ ଚତୁର ପଣ୍ଡିତ କବି 'କ'

ଗୀତରୁ କାବ୍ୟରମ୍ଭ କରିଛନ୍ତି । ଏହି 'କ' ଗୀତର କାଳ ନିର୍ଦ୍ଦେଶର କାରଣ କହୁଛି ।

ବନମାଳୀ, କବିସୂର୍ଯ୍ୟ ବା ଗୋପାଳକୃଷ୍ଣଙ୍କ କାଳକୁ ଓଡ଼ିଶାରେ ବୈଷ୍ଣବ ପଦ୍ଧତି ସାହିତ୍ୟର ପ୍ରଚାର ଓ ପ୍ରଭାବ ଏକ ଦୃଢ଼ ଆସ୍ଥାନ ଜମାଇ ସାରିଥିଲା । ପ୍ରମାଣ ଏହାର ଦିଏ ସେହି କବିମାନଙ୍କ ରାଧାକୃଷ୍ଣଙ୍କର ସର୍ବକାଳୀନ ପ୍ରେମରସତତ୍ତ୍ୱ ରସାଣିତ ଅଗଣିତ ସଙ୍ଗୀତ ରଚନା । ତେଣୁ କବିସୂର୍ଯ୍ୟଙ୍କ ପକ୍ଷେ ଏ ପ୍ରତ୍ୟୁଷ-କଳ୍ପନାଚନ୍ଦ୍ର କଳନାର ପରିକଳ୍ପନା ଅସମୀଚୀନ ମନେକରିବା କାହିଁକି ? ଏଥିକୁ ବୈଷ୍ଣବ କବି ଆଲେଓ୍ୱାଲଙ୍କ (ଷୋଡ଼ଶ ଶତାବ୍ଦୀର ମଧ୍ୟପାଦ) ରଚିତ ପଦାବଳୀ ଦୃଷ୍ଟାନ୍ତସ୍ୱରୂପ ବିଚାରକୁ ଅଣାଯାଇପାରେ । ପ୍ରଶ୍ନୋତ୍ତର ଛଳରେ ବୈଷ୍ଣବ କବି କହୁଛନ୍ତି :—

"ନନଦିନୀ ରସ ବିନୋଦିନୀ,
ଓ ତୋର୍ କୁବୋଲ୍ ସହିତାମ୍ ନାରି । ଧ୍ରୁ ।

କୁଟୀଳା କହିଲେ :—

ଘରେର ଘରଣୀ ଜଗତ ମୋହିନୀ
ପ୍ରତ୍ୟୁଷେ ଯମୁନାକୁ ଗେଲି,
ବେଲା ଅବଶେଷ, ନିଶି ପରବେଶ
କେସେ ବିଳମ୍ବ କରିଲି ?"

ପ୍ରତ୍ୟୁତ୍ତରରେ ଶ୍ରୀମତୀ :—

"ପ୍ରତ୍ୟୁଷ ବେହାନେ କମଲ ଦେଖିୟା
ପୁଷ୍ପ ତୁଲିବାରେ ଗେଲୁମ୍
ବେଲା ଉଦନେ କମଲ ମୁଦନେ
ଭ୍ରମର ଦଂଶନେ ମୈଲୁମ୍ ॥"

ଏଇତକ ଯଥେଷ୍ଟ ହୁଅନ୍ତା । ମାତ୍ର କୌତୁହଳ ନିବାରଣାର୍ଥେ ପଦାବଳୀର ବାକି ପଦତକ ଉଦ୍ଧାର କରୁଛୁ । ସେଥିରୁ ସ୍ପଷ୍ଟ ବାରି ହେବ ଯେ ଶ୍ରୀମତୀ କେବଳ ପ୍ରଭାତ କାହିଁକି, ସାରା ଦିବସ ମଧ୍ୟ ଶ୍ରୀକୃଷ୍ଣଙ୍କ ସହିତ ମିଳନାନନ୍ଦରେ ଘରର ବାହାରେ ବିତାଇ ଦେଇଛନ୍ତି ।

ବୈଷ୍ଣବ କବି ଶ୍ରୀମତୀଙ୍କ ମୁଖରେ ତାଙ୍କ ଅଙ୍ଗର ଅଭିସାର ଲକ୍ଷଣ ଗୋପନର ବ୍ୟାଖ୍ୟାନ କିପରି ଯୋଗାଉଛନ୍ତି ଦେଖନ୍ତୁ :—

ଶ୍ରୀମତୀ :—

କମଲ କଣ୍ଟକେ ବିଷମ ସଙ୍କଟେ
କରେର କଙ୍କଣ ଗେଲ
କଙ୍କଣ ହେରିତେ ଡୁବ୍ ଦିତେ ଦିତେ
ଦିନ ଅବଶେଷ ଭେଲ ।
ସିଁଥେର ସିନ୍ଦୂର ନୟନେର୍ କାଜଲ୍
ସବ୍ ଭାସିଗେଲ୍ ଜଲେ
ଦେଖ ଦେଖ ମୋର୍ ଅଙ୍ଗ ଜରଜର୍
ଦାରୁଣି ପଦ୍ମେର ନାଲେ ।"

କବି ଭଣିଲେ :— କୁଲେର କାମିନୀ ଫୁଲେର ନିଛନି,
କୁଲେ ନାହିକ ସୀମା
ଆରତ୍ତି ମାଗନେ ଆଲୋଯ୍ୱାଲ ଭନେ
ଜଗତ ମୋହିନୀ ବାମା ॥

ଦିବା ମିଳନ ପାଇଁ ମଧ୍ୟ ଆତୁର ସେହି ବୈଷ୍ଣବ କବିମାନଙ୍କ ଲେଖା ଥିଆଯାଇପାରେ :—କବିରଞ୍ଜନ ଲେଖିଲେ :—

( ୧୬ ଶ ଶତାବ୍ଦୀ—ବିଦ୍ୟାପତି କବିରଞ୍ଜନ)

ଦରଶନ ଆସେ ଭୁଯ୍ଯା ପନ୍ଥ ନେହାରି
ଯାମ୍ନିନ କୁଞ୍ଜେ ରହଲ ବନୋୟାରି ॥
ସୁନ୍ଦରି, ମା କରୁ ମନୋରଥ ଭଙ୍ଗ
ଅବ ଅଭିସାରେ ଦ୍ୱିଗୁଣିତ ରଙ୍ଗ ॥
ତୁହୁଁ ଧନି ସହଜହି ପଦୁମିନି ଜାତି
ତୋହରି ବିଳାସ ଉଚିତ ନହେ ରାତି ॥
ଭୁଖିଲ ଜନ ଯଦି ନ ପାଯ୍ଯବ ଅନ୍ନ
ବିଫଲ ଭୋଜନ ଧନ ଅବସନ୍ନ ॥
ଆରତି ରତି ଦୁହେଁ ନହେ ସମତୁଲ
ଗ୍ରାହକ ଆଦର ସବହୁଁ ବହୁମୂଲ ॥
ପଦୁମିନି ନାୟର ଯଦୁମଣି ନାହ
କହ କବିରଞ୍ଜନ-ରସ ନିରବାହ ॥

ଆହୁରି ମଧ୍ୟ ଟେସ ସମ୍ବନ୍ଧେ :—

"ପୁଷ୍ପ ଶଯ୍ୟା ସମୁପରି ତନ୍ମଧ୍ୟେ ରତି ନନ୍ଦିତା
ଧୀର ସମ୍ଭୋଗ ସନ୍ତୁଷ୍ଟା ପଦ୍ମିନ୍ୟାଂ ନିଶିବର୍ଜ୍ଜିତା ॥"

ଏ ଶ୍ଲୋକାଂଶଟି ମୁଁ ରାଧାରମଣ ଚରଣାଶ୍ରିତ ସ୍ୱର୍ଗୀୟ ନନ୍ଦ ବାବାଜୀଙ୍କ ଠାରୁ ମୋର ରାସ-ନାଟ୍ୟ ରଚନାକାଳୀନ ଆଲୋଚନା ବେଳେ ପୁରୀ ଝାଞ୍ଜିପିଠା ମଠରେ ଶୁଣିଥିଲି । ଜାଣେନା ଶ୍ଲୋକାଂଶଟି କେଉଁଠାରୁ ଉଦ୍ଧୃତ ।

ଶ୍ରୀମତୀଙ୍କ ଦିବାଭିସାର ବର୍ଣ୍ଣନା ଯେଉଁ ଏହିପରି କେତେ ପଦାବଳୀ ରହିଛି ।ଆଜ ଗୋଟିଏ ଦେଖନ୍ତୁ :—

ମାଥହିଁ ତପନ    ତାପଥ – ପଥ – ବାଲୁକ
ଆତପ ଦହନ – ବଥାର
କୋନକ ପୁତଲି ତନୁ    ଚରଣ କମଲ ଜନୁ
ଦନହିଁ କଯ଼ୂଲ ଅଭସାର

× × × ×

ଗୋବନ୍ଦ ଦାସ    କହଇ ଅବ ସମୁଝଉ
ହର ସଙ୍ଗେ ରସମଯ଼ୂ ତନ୍ତ୍ର ॥

ଠିକ୍ ଏହି ମର୍ମର ଗୋଟିଏ ଝୁମୁର୍ ଗୀତ କେହି ଭାବୁକ କବ ଲେଖିଛନ୍ତି । ମଯ଼ୂରଭଞ୍ଜରେ ଏହି ଗୀତଟି ଶୁଣିଥିଲି ଛଉ ଗୁରୁ ଶ୍ୟାମ ପ୍ରହରାଜଙ୍କଠାରୁ :—

"ଉପରେ ସୂରୁଜ ଆଲେ ତଲେ ତାତା ବାଲି ରେ
ଚଲତେ ନ ପାରେ ରାଧା ହଇଲା ଆକୁଲ ରେ ॥

ସୂର୍ଯ୍ୟପୂଜା ଦିବାଭସାରର ଅନ୍ୟତମ ସ୍ୱୀକାର । ଏହିପର ରସବର୍ଣ୍ଣନାର ବହୁ ଦୃଷ୍ଟାନ୍ତ ଥିବା ସତ୍ତ୍ୱେ ମୋର ପ୍ରତ୍ୟୁଷ ମିଳନ ପରକଳ୍ପନାର ଯୁକ୍ତିବୋଧ ସୁଧୀଜନବଗ୍ରାହ୍ୟ । ଏଇ ଦୃଷ୍ଟିରୁ ମଧ୍ୟ ଚମ୍ପୁଗୀତ ରଚନାରେ ଭାବକାଳାନୁକୂଳ ରାଗ ଯୋଜନା କବସୂର୍ଯ୍ୟଙ୍କ ସଙ୍ଗୀତ ପାଣ୍ଡିତ୍ୟର ସ୍ୱଚ୍ଛନ୍ଦ ପରଚାଯ଼କ ।
ଭକ୍ତ ବୈଷ୍ଣବ ଜ୍ଞାନ ଦାସଙ୍କର :—

"ଶୁନଯ଼ା ଦେଖିଲୁଁ    ଦେଖିଯ଼ା ଭୁଲିଲୁଁ
ଭୁଲିଯ଼ା ପୀରତ କୈଲୁଁ ।"

—ଲେଖାର ମର୍ମ ଚମ୍ପୁ ରଚନାର ମୂଳରେ "କୋମଳତଳର ମୋହନ କୁଞ୍ଜାଳୁଁ ଶିରୁ ନଃସ୍ୱନ ଆସି ଚୁମ୍ବିଗଲା ମୋ ଶ୍ରୁତରେ" ରୂପେ ଫୁଟି ଉଠିଛି ।

ଏ ସମ୍ବନ୍ଧେ 'ଯଦୁ ନନ୍ଦନ' ଦାସଙ୍କର ଆଉ ଗୋଟିଏ ପଦ ମଧ୍ୟ ଉଲ୍ଲେଖ କରାଯାଇ ପାରେ । ତାହା ଏହିପରି :—

"କଦମ୍ବର ବନ ହେତେ          କିବା ଶବ୍ଦ ଆଚମ୍ବିତେ
ଆସିଯାଇ ପଶିଲ ମୋର କାନେ
ଅମୃତ ନିଛୁଯାଇ ଫେଲି          କି ମାଧୁର୍ଯ୍ୟ ପଦାବଳି
କି ଜାନି କେମନ କରେ ପ୍ରାଣେ ।"

ଏଠାରେ "ପଦାବଳି"—ବଂଶୀଧ୍ୱନି । କବିସୂର୍ଯ୍ୟ ଯାହାକୁ 'ବଂଶୀଗୀତ' ବୋଲି ସ୍ଥାନ ବିଶେଷରେ ବର୍ଣ୍ଣନା କରିଛନ୍ତି ।

କେତେକ ଗୀତର ଭାବ ଦେଖିଲେ କବି ଜୟଦେବଙ୍କ ଗୀତ-ଗୋବିନ୍ଦ ଆଖି ଆଗରେ ଭାସି ଉଠେ । ଚମ୍ପୂରେ ଗୀତଗୋବିନ୍ଦର ଛାୟାପାତ ଘଟିଥିବା ମୋର ଧାରଣା ।

— ——

## —ରାଗ ତାଳ ସମ୍ବନ୍ଧେ—

ଚମ୍ପୂଗୀତିଗୁଡ଼ିକର ରାଗ ନିର୍ଦ୍ଦେଶ ଯେଉଁ ବହୁ ମତାନ୍ତର ଦେଖାଯାଏ । ଗାୟକଙ୍କ ପାରଗତା, ସମୟ, ଅବସ୍ଥା, ଅଞ୍ଚଳଗତ ଇତ୍ୟାଦି ଇତ୍ୟାଦି କେତେକେତେ କାରଣ ଦୃଷ୍ଟିରୁ ଚମ୍ପୂର ଗୀତ ଗୁଡ଼ିକ ନାନାଢଙ୍ଗରେ ଶୁଣିବାକୁ ମିଳେ । ଅନେକ ସମୟରେ ଗୀତ ଭାଷାର ଭାବଲୁବ୍ଧ ସଙ୍ଗୀତ—ଜ୍ଞାନହୀନ ସାଧାରଣ ଗାୟକ ନିଜ ନିଜ ତୃପ୍ତି ଅନୁରୂପ ଭଙ୍ଗୀରେ ଚମ୍ପୂଗୀତ ଗାଇବାର ଦୃଷ୍ଟାନ୍ତ ଅଭାବ

ନାହିଁ । କେହି କେହି ପୁଣି ସଙ୍ଗୀତଜ୍ଞାନର ପ୍ରୌଢ଼ୀ ପ୍ରଦର୍ଶନ ଅଭି-ପ୍ରାୟରେ ଚମ୍ପୂର ଗୀତଗୁଡ଼ିକୁ ରଚନାର ଭାବ, ସ୍ଥାନ, କାଳ, ପାତ୍ର ପ୍ରତି ଧ୍ୟାନ ନ ଦେଇ ଶ୍ରୁତିଧାସ୍ୱର ଯୋଜନାରେ ଗାଇଥାଆନ୍ତି । କେହି ପୁଣି ଶବ୍ଦାର୍ଥ ନ ବୁଝି ଏବଂ ଶବ୍ଦ ଉଚ୍ଚାରଣ ବେଳେ ତାହାର ବିଭକ୍ତି-କରଣକୁ ବିକଳାଙ୍ଗ କରିବାଦ୍ୱାରା ଅର୍ଥରୁ ଅନର୍ଥ ସୃଷ୍ଟି କରି ମଧ୍ୟ ଗାଇବାର ଶୁଣାଯାଏ । ପୋଥିରୁ ପୋଥିକୁ ଉତ୍ତାରିବାବେଳେ ପୁଣି ମୁଦ୍ରଣ କାଳର ଅସାବଧାନତା ବା ଅନବଧାନତା ହେତୁ ରାଗନାମର ହାସ୍ୟାସ୍ପଦ ନିର୍ଦ୍ଦେଶ ମଧ୍ୟ ଦେଖାଯାଏ । ଆଲୋଚିତ ମତେ କାଳ କଳନାରେ ପ୍ରଦେଶାନ୍ତର ସଙ୍ଗୀତ ପଦ୍ଧତି, କବିସୂର୍ଯ୍ୟଙ୍କ ରଚନା ସମୟର ଓଡ଼ିଶୀ ସଙ୍ଗୀତ ଗାୟନ ରୀତିକୁ ପ୍ରଭାବିତ କରି-ଥିବାର କାରଣ କିଛି ଦେଖି ପାରୁନାହିଁ । ଚମ୍ପୂର ସ୍ୱରଲିପି ନାହିଁ । ମାତ୍ର ଶତେ ପାଞ୍ଚଶ ବର୍ଷହେଲା ଭାରତରେ ସ୍ୱରଲିପି ଲିଖନର ବ୍ୟବସ୍ଥା କେତେକ ଯୋଗଜନ୍ମାଙ୍କ ଦ୍ୱାରା କରାଯାଇଅଛି । ନାନା-କାରଣରୁ ଓଡ଼ିଶାରେ ତାହା ହୋଇପାରି ନାହିଁ । ଓଡ଼ିଶୀ ସଙ୍ଗୀତ ଶିଳ୍ପୀମାନଙ୍କ ସମବେତ ପରାମର୍ଶ ଓ ପ୍ରଚେଷ୍ଟା ଦ୍ୱାରା ଯେତେଦିନ ପର୍ଯ୍ୟନ୍ତ ଚମ୍ପୂଗୀତର ଭାବାନୁସାରୀ ଯଥାସମ୍ଭବ ବିଶୁଦ୍ଧ ସ୍ୱରଲିପି ପ୍ରସ୍ତୁତ ଓ ପ୍ରକାଶିତ ନ ହୋଇଛି ତେତେଦିନ ଏ ଅବସ୍ଥା ସୁଧୁରିବା ଆଶା ନାହିଁ ।

ମୁଦ୍ରିତ 'ଚମ୍ପୂପ୍ରବେଶ' ପୁସ୍ତକରେ କେତେକ ସ୍ଥାନରେ ରାଗ-ନାମ ପ୍ରକାଶିତ ହୋଇଛି । ପୁଣି କେତେ ସ୍ଥାନରେ ତାହା ଆଦୌ ନାହିଁ । ସହୃଦୟ ପାଠକ ଓ କଳାଶିଳ୍ପୀମାନଙ୍କୁ ମୁଁ ଏ ପ୍ରମାଦ ଲାଗି କ୍ଷମା ଭିକ୍ଷା କରୁଛି । ନିମ୍ନରେ ଗୀତରାଗ-ଗୁଡ଼ିକର ଗୋଟିଏ ତାଲିକା ଦିଆଯାଉଅଛି । ଏହା ଉତ୍କଳର ପ୍ରଖ୍ୟାତନାମା କେତେକ ଓଡ଼ିଶୀ ଗାୟକ (ଯାହାର ବୟସ ୭୦ରୁ ଊଣା ନୁହେଁ) ମାନଙ୍କ

ସୁଚିନ୍ତିତ ପରାମର୍ଶ ଓ କେତେଖଣ୍ଡି ପୋଥି ଓ ପୁରାତନ ସଙ୍ଗୀତ ପୁସ୍ତକମାନଙ୍କ ଅନୁସରଣରେ ଯଥାସମ୍ଭବ ସ୍ଥିରୀକୃତ ହୋଇଅଛି ।

ନାଟ୍ୟଶାସ୍ତ୍ର ରଚନାକାଳରୁ ଭାରତର ବିଭିନ୍ନ ଅଞ୍ଚଳରେ ସ୍ୱତନ୍ତ୍ର ପଦ୍ଧତିମାନ ଚଳୁଥିଲା । ଏହା ରୀତି ବା ପ୍ରବୃତ୍ତି (Style) ବୋଲି ବର୍ଣ୍ଣିତ । ରୀତିମାନେ ଇତ୍ୟାଦି ଇତ୍ୟାଦିର ପାର୍ଥକ୍ୟହେତୁ ଉଡ଼୍ରଦେଶ (ଉତ୍କଳ)ର ସ୍ୱତନ୍ତ୍ର ପ୍ରବୃତ୍ତିର ନାମ ଉଡ଼୍ରମାଗଧୀ ରୀତି । ଏହା ଦାକ୍ଷିଣାତ୍ୟ ରୀତିରୁ ସମ୍ପୂର୍ଣ୍ଣ ପୃଥକ୍ । ସୀମା ମଧ୍ୟ ଅଲଗା । ଶାସ୍ତ୍ରୀୟ ସଙ୍ଗୀତର ବିଧି ରକ୍ଷାକରି 'ଦେଶକେ ଫାଙ୍କ' ଅନୁଯାୟୀ ସଙ୍ଗୀତର ପ୍ରଚଳନ ଦୃଷ୍ଟ ହୁଏ । ଶାସ୍ତ୍ରୀୟ ରାଗ ରାଗିଣୀ ଭିନ୍ନ କବିସୂର୍ଯ୍ୟେ ସ୍ଥଳବିଶେଷରେ ଉତ୍କଳୀୟ ଛାନ୍ଦବୃତ୍ତର ଉପଯୋଗ କରିଛନ୍ତି । ଅତଏବ ଯେଉଁ ଭାଷା ଓ ସ୍ୱର-ସହଯୋଗରେ ତାହାଁର ପ୍ରକାଶନ ଭଙ୍ଗୀ ସହିତ ଆମର ସମ୍ବନ୍ଧ ପାରମ୍ପରିକ, ତାହାର ସହିତ ହିଁ କେବଳ ସାଙ୍ଗୀତିକ ମିଳନ ସହଜ-ସମ୍ଭବ । ତଥାପି ଏହି ଛାନ୍ଦବୃତ୍ତ ଗୁଡ଼ିକରେ ତଉତ୍ ଶାସ୍ତ୍ରୀୟ ରାଗ ଗୁଡ଼ିକର ପ୍ରକୃତ ପୂର୍ଣ୍ଣ-ମାତ୍ରାରେ ଜଡ଼ିତ ରହିଅଛି । ଯଥା ଶଙ୍କରାଭରଣ, ବଙ୍ଗଳାଶ୍ରୀ ଓ ପଞ୍ଚବରାଡ଼ୀ । ପଞ୍ଚମବରାଡ଼ୀ = ( ପଞ୍ଚମ + ବରାଡ଼ୀ ) ଓ ବଙ୍ଗଳାଶ୍ରୀ = (ବଙ୍ଗଳା + ଶ୍ରୀ) – ଏ ଦୁଇଟି ଶାସ୍ତ୍ରୀୟ ରାଗ ହେଲେହେଁ ସମ୍ମିଶ୍ରିତ ରାଗନାମ ଆମ ଉତ୍କଳୀୟ ଛାନ୍ଦକାରମାନଙ୍କର ଦ୍ୱାରା ଆବହମାନ କାଳରୁ ଛାନ୍ଦରାଗ ବା ଛାନ୍ଦବୃତ୍ତ ନାମରୂପରେ ଗୃହୀତ । ସେହିପରି 'ଶଙ୍କରାଭରଣ' ଏକ ଶାସ୍ତ୍ରୀୟ ରାଗନାମ ହୋଇଥିଲେହେଁ ଛାନ୍ଦବୃତ୍ତି ମଧ୍ୟ ଏହି ନାମରେ ନାମିତ ଓ ପ୍ରଚଳିତ । ଏଣୁ 'ଷଟ୍‌ପଦମାଳ-କେଶା' ଗୀତକୁ ଶଙ୍କରାଭରଣ ରାଗନାମରେ ନାମିତ କରିଥିବା ଦ୍ୱାରା କବିସୂର୍ଯ୍ୟଙ୍କର ସଙ୍ଗୀତ ଜ୍ଞାନ ନଥିବାର ଯୁକ୍ତି ଆଦୌ ଗ୍ରହଣ ଯୋଗ୍ୟ ନୁହେଁ ।

ଚମ୍ପୂକୁ ଶାସ୍ତ୍ରୀୟ କ୍ଷୁଦ୍ରଗୀତ ପର୍ଯ୍ୟାୟର ଅନ୍ତର୍ଭୁକ୍ତ ଛନ୍ଦପଦା (କେବଳଂ ପଦମାନେଣ ବୈଚିତ୍ର୍ୟଂ ଯତ୍ର ଦୃଶ୍ୟତେ, ଧାତ୍ବାପିତୁ ଦ୍ବିତନ୍ତ୍ବଂ ଜ୍ଞେୟଂ ଛନ୍ଦପଦା କୁ ସା) ବୋଲିଯାଇପାରେ । ତଥାପି ପାଦ ବା ଚରଣ ସଂଖ୍ୟା ଦୃଷ୍ଟିରେ ସବୁ ଗୀତ ଛନ୍ଦପଦା ନୁହେଁ । ମତାନ୍ତରରେ ଏହା ଗଗ୍ରବଳୀ ଶ୍ରେଣୀୟ । 'ଚ' 'ବ' (ଅନ୍ତ୍ୟସ୍ଥ) ଓ 'ଷ' ଗୀତ ତିନୋଟିକୁ ଅଧ୍ରୁବା ପାଞ୍ଚାଳୀ ବୋଲିଯାଇପାରେ ।

ପରମ୍ପରା ପ୍ରଚଳିତ ବୃତ୍ତ ପ୍ରତି ଦୃଷ୍ଟି ରଖି ଚମ୍ପୂଗୀତ ଗୁଡ଼ିକର ରାଗ ତାଳ ଇତ୍ୟାଦି :—

| | | |
|---|---|---|
| କ | ଶାଦେଶ୍ୱ | ଏକତାଳି |
| ଖ | କେଦାର | ଦ୍ୱିପୃଷ୍ଠା |
| ଗ | ଚୋଖପରଜ | ଏକତାଳି |
| ଘ | କାମୋଦୀ | ଏକତାଳି |
| ଙ | କାମୋଦୀ | ଏକତାଳି |
| ଚ | ପଞ୍ଚବରାଡ଼ୀ | ଦ୍ୱିପୃଷ୍ଠା |
| ଛ | ମୁଖାରୀ (ମୁଖାବରୀ) (ଭୈରବୀ ମେଳ) | ଏକତାଳି |
| ଜ | କେଦାର | ଦ୍ୱିପୃଷ୍ଠା |
| ଝ | ଝିଂଝୋଟି | ଆଡ଼ତାଳି |
| ଞ | ମୁଖାରୀ (ଧନାଶ୍ରୀ ମେଳ) | ଏକତାଳି |
| ଟ | ଆଶାବରୀ (ଗୌରୀ ମେଳ) | ଆଠତାଳି |
| ଠ | ତୋଡ଼ୀ (ଭୈରବୀ ମେଳ) | ଆଠତାଳି |
| ଡ | ଆଶାବରୀ (କର୍ଣ୍ଣାଟମେଳ) | ଆଠତାଳି |
| ଢ | ଦେଶାକ୍ଷ (କଲ୍ୟାଣୀ ମେଳ) | ଦ୍ୱିପୃଷ୍ଠା |
| ଣ | ଖମ୍ବାଜ | ଆଠତାଳି |

| | | |
|---|---|---|
| ତ | କନ୍ନଡ଼ ଗୌଡ଼ା | ତ୍ରିପୁଟା |
| ଥ | ଝିଂଝୋଟୀ | ଆଠତାଳି |
| ଦ | ଘଣ୍ଟିଆରୀ | ଆଠତାଳି |
| ଧ | କାଫି | ଆଠତାଳି |
| ନ | କାମୋଦୀ | ଆଠତାଳି |
| ପ | ବଙ୍ଗଳାଶ୍ରୀ | ଆଠତାଳି |
| ଫ | ପୂରବୀ | ଆଠତାଳି |
| ବ | ଶାବେରୀ | ଆଠତାଳି |
| ଭ | କେଦାରଗୌଡ଼ା | ତ୍ରିପୁଟା |
| ମ | କାମୋଦୀ | ତ୍ରିପୁଟା |
| ଯ | ମୁଖାବରୀ (ଭୈରବୀ ମେଳ) | ଆଠତାଳି |
| ର | ଭୈରବୀ | ଆଠତାଳି |
| ଲ | ଖଣ୍ଡକାମୋଦୀ | ଝୁଲା |
| ବ | ଭୈରବ | ଝୁଲା |
| ଶ | ମୁଖାବରୀ (ଧନାଶ୍ରୀମେଳ) | ଖେମଟା |
| ସ | ମୁଖାବରୀ (ଭୈରବୀମେଳ) | ଆଠତାଳି |
| ଷ | ଶଙ୍କରାଭରଣ | ଝୁଲା |
| ହ | ଗୌଡ଼ା (କଳିଙ୍ଗ) | ଖେମଟା |
| କ୍ଷ | କେଦାର (ଧନାଶ୍ରୀମେଳ) | ତ୍ରିପୁଟା |

ଏହି ରାଗଗୁଡ଼ିକର ଆରୋହ—ଅବରୋହ :—

| ରାଗ | ଆରୋହ | ଅବରୋହ |
|---|---|---|
| ଆଶାବରୀ (କର୍ଣ୍ଣାଟମେଳ) | ସରମପଧର୍ସ | ର୍ସନ୍ଧ୍ପମଗ୍ରସ |
| ଆଶାବରୀ (ଗୌରୀମେଳ) | ସର୍ମପଧର୍ସ | ର୍ସନଧ୍ପମଗ୍ରସ |

| ରାଗ | ଆରୋହ | ଅବରୋହ |
|---|---|---|
| କନ୍ନଡ଼ଗୌଡ଼ା | ସରଗ୍ମପନ୍ସ́ | ସ́ନ୍ଧପମଗ୍ସ୍ |
| କାଫି | ସରଗ୍ମପଧନ୍ସ́ | ସ́ନ୍ଧପମଗ୍ରସ |
| ,, (ଅନ୍ୟ) | ସରଗ୍ମପଗମପଧନସ́ | ସ́ନଧପମଗମପମଗ୍ରସ |
| କଳଙ୍ଗଗୌଡ଼ା (କଳଙ୍ଗଡ଼ା) | ସର୍ଗମପଧ୍ନସ́ | ସ́ନଧ୍ପମଗର୍ସ |
| କାମୋଦ (ପାରିଜାତ) | ସରଗପଧସ́ | ସ́ନଧପମ୍ଗମରସ |
| ,, (ପ୍ରଚଳିତ) | ସରପମ୍ପନଧସ | ସ́ନଧପମ୍ପଧପଗମପଗମରସ |
| କେଦାର | ସମମପଧପନଧସ́ | ସ́ନଧପମ୍ପଧପମଗମରସ |
| ,, (ଅନ୍ୟ)— | ସମଗମପମ୍ପଧପନସ́ | ସ́ଧନପମ୍ପଧପମଗମରସ |
| ,, (ଅନ୍ୟ)— | ସରଗମପନସ́ | ସ́ନପମଗରସ |
| ଖମ୍ବାଜ— | ସଗମପଧନ୍ସ́ | ସ́ନ୍ଧପମଗରସ |
| ଖଣ୍ଡକାମୋଦ— | ସରପମ୍ପଧପନଧସ́ | ସ́ନଧପମ୍ପଧପଗମରସ |
| ଝିଂଝୋଟି | ସରଗମପଧନ୍ସ́ | ସ́ନ୍ଧପମଗରସ |
| ତୋଡ଼ୀ (ଭୈରବୀ-ମେଳ) | ସର୍ଗ୍ମପଧ୍ନ୍ସ́ | ସ́ନ୍ଧ୍ପମଗ୍ର୍ସ |
| ,, (ଶୋକବରାଡ଼ୀ) | ସର୍ଗ୍ମ୍ପଧ୍ନସ́ | ସ́ନ୍ଧ୍ପମ୍ଗ୍ର୍ସ |
| ତୋଡ଼ୀପରଜ | ସର୍ଗ୍ମ୍ପଧ୍ନସ́ | ସ́ନଧ୍ପମ୍ଗ୍ର୍ସ |
| ଦେଶାକ୍ଷ (କଲ୍ୟାଣ) | ସରଗମ୍ପଧନସ́ | ସ́ନପମ୍ରସ |
| ,, (ଧନାଶ୍ରୀ) | ନ୍ସମରପମନ୍ପସ́ | ସ́ନ୍ପମପଗ୍ମରସ |

| ରାଗ | ଆରୋହ | ଅବରୋହ |
|---|---|---|
| ପୂରବୀ | ସର୍‌ଗମପଧ୍‌ନସ | ସନଧ୍‌ପମଗର୍‌ସ |
| ,, (ଅନ୍ୟ –) | ସର୍‌ଗମ୍ମପଧ୍‌ନସ | ସନଧ୍‌ପମ୍ମଗର୍‌ସ |

ବଙ୍ଗଳାଶ୍ରୀ (ପଞ୍ଚମମେଳ) ସ ର୍‌ ର୍‌ ଗ ମ ପ ମ ମ ପ ଧ ସ —
ର୍‌ ନ ଧ ପ ମ ଧ ସ, ନ ଧ ପ ମ ପ ଗ ର୍‌ ସ

| ରାଗ | ଆରୋହ | ଅବରୋହ |
|---|---|---|
| ଘଟିଆରୀ— | ସର୍‌ଗମପମମପଧର୍ସ | ର୍‌ନଧପମ୍ମଧର୍ସ, ନଧପମପଗର୍‌ସ |
| ଭୈରବ— | ସର୍‌ଗମପଧ୍‌ନସ | ସନଧ୍‌ପମଗର୍‌ସ |
| ଭୈରବୀ | ସର୍‌ଗ୍‌ମପଧ୍‌ନ୍‌ସ | ସନ୍‌ଧ୍‌ପମଗ୍‌ର୍‌ସ |
| ମୁଖାରୀ (ମୁଖାବରୀ) (ଭୈରବୀମେଳ) | ସର୍‌ମପଧ୍‌ସ | ସନ୍‌ଧ୍‌ମମଗ୍‌ର୍‌ସ |
| ,, (ଧନାଶ୍ରୀ) | ସରମପଧସ | ସନ୍‌ଧପମଗ୍‌ରସ |
| ଶଙ୍କରାଭରଣ | ସରଗମପଧନସ | ସନଧପମଗରସ |
| ଶାବେରୀ | ସର୍‌ମପଧ୍‌ସ | ସଧ୍‌ପମଗର୍‌ସ |
| ,, (ଅନ୍ୟ) | ସର୍‌ମପଧ୍‌ସ | ସନ୍‌ଧ୍‌ପମଗର୍‌ସ |

ପଞ୍ଚମ ବର୍ଗୀୟ ବଙ୍ଗଳାଶ୍ରୀ ଛନ୍ଦରାଗ (ବୃତ୍ତ) ନାମରେ ଓଡ଼ିଶାରେ ବହୁକାଳରୁ ପ୍ରଚଳିତ । କେତେଗୋଟି ଛାନ୍ଦ ବୃତ୍ତ ଆଲୋଚନା କରି ଦେଖିଲୁ । ସେଗୁଡ଼ିକ ଗୋଟିଏ ଗୋଟିଏ ବା ଗୋଟି କେତେ ସଂସ୍କୃତ ବୃତ୍ତର ମିଶ୍ରଣରେ ଗଠିତ । ଛାନ୍ଦ ମଧ୍ୟରେ କେତେ ବୃତ୍ତ ମଧ୍ୟ ରଚୟିତାଙ୍କ ଶ୍ରଦ୍ଧାନାମ, ଯଥା ଗୋପୀ, କାଳୀ, ରସକୁଲ୍ୟା ଇତ୍ୟାଦି । ଶାସ୍ତ୍ରୀୟ ରାଗ ନାମରେ ନାମିତ ବୃତ୍ତ ବା ଛାନ୍ଦରାଗ ସେହି ରାଗମାନଙ୍କର ଛାୟା ଓଡ଼ିଶା ଅଞ୍ଚଳରେ ଲୁପ୍ତ ଥିବାର ଦେଖାଯାଏ । ଛାନ୍ଦର ସ୍ୱର ବିଭାଗ କେହି ଆଲୋଚନା କଲେ ବହୁ ତଥ୍ୟ ମିଳିପାରିବ ।

କଣୋଗ୍ର ଚମ୍ପୂ ମଧ୍ୟରେ ବ୍ୟବହୃତ ପଞ୍ଚମବରାଡ଼ୀ ଓ ବଙ୍ଗଳାଶ୍ରୀ—ଦୁଇ ଦୁଇଟି ରାଗ, ଯଥାକ୍ରମେ :—ଆରୋହୀ ପଞ୍ଚମ ଓ ଅବରୋହୀ ବରାଡ଼ୀ ଏବଂ ଆରୋହୀ ବଙ୍ଗଳା ଓ ଅବରୋହୀ ଶ୍ରୀ ଏହିପରି ଥିବାର ଜଣାଯାଏ । ସେହିପରି ତୋଡ଼ୀ ପରଜ ଓ କଳିଙ୍ଗ ଗୌଡ଼ା ରାଗ ଦୁଇଟି ମଧ୍ୟ ପ୍ରସ୍ତୁତ ।

---

## ଋଣୀ ରହିଲି—

ଚମ୍ପୂର ରାଗ ନିର୍ଦ୍ଦେଶ ସୁନିଶ୍ଚିତକରଣ କାର୍ଯ୍ୟରେ ଆଜୀବନ ନିତ୍ୟନୈମିତ୍ତିକ ପୂଜାଭଳି ସଙ୍ଗୀତର ନିଷ୍ଠାପର ଆରାଧକ, ବହୁଦର୍ଶୀ ମୋର ଗୁରୁଭାଇ ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ଧୀର ଆଗ୍ରହ ସହକାରେ ତାଙ୍କର ବହୁକାଳର ଅଭିଜ୍ଞତା ଓ ଗାୟକ ପରମ୍ପରା ଅନୁଯାୟୀ ଚମ୍ପୂ ଗୀତଗୁଡ଼ିକର ରାଗ ସୁନିଶ୍ଚିତକରଣ ଦିଗରେ ମୋତେ ଯଥେଷ୍ଟ ସାହାଯ୍ୟ ଦାନ କରିଛନ୍ତି, ମୁଁ ତାଙ୍କ ନିକଟରେ ଆଜୀବନ ଋଣୀ ରହିଲି ।

ଦଶହରା × × × **କାଳୀଚରଣ**

୧୯୭୧

## କିଶୋର ଚନ୍ଦ୍ରାନନ

# ଚମ୍ପୂ ପ୍ରବେଶ

### ମଙ୍ଗଳାଚରଣମ୍

ଚେନେ ଯେନେହ କୃଷ୍ଣାବସନବଚଭଣୋଦ୍ରେଗ ନୈପୁଣ୍ୟପୂର୍ଣ୍ୟଂ,
ପାର୍ଥାନର୍ଥାନ୍ କୁରୁଣାମଧ୍ୟଗତବନ୍ଧଚାନ୍ ଯୋ ଜୁଦ୍ଧାବାଦ୍ଧବାଗ୍ନୌ ।
ସତ୍ୟାମତ୍ୟାନସୂଦ୍ ଯୋ ଭୁବମମରତରୁଂ ସ୍ୱର୍ଗତୋଽନର୍ଗଲୌଜାଃ,
ଦନ୍ତାଦନ୍ତାବଳାର୍ଭୈଃ ସ ପରମପୁରୁଷଃ ସନ୍ତତଂ ଶଂ ତନୋତୁ ॥

**ଅର୍ଥ :—**

ନାରାୟଣ !
ଯୁଗ ଯୁଗାନ୍ତର ଗତ—
ତଥାପି ସେ ପୁରାଣର
ପବିତ୍ର ପ୍ରଖ୍ୟାତି,
ଆଜି ମଧ ରଟେ କୋଟି କଣ୍ଠ ।
ଯେବେ, ଆହେ ଶରଣାରକ୍ଷଣ !
କୁରୁସଭାତଳେ—
ପାଣ୍ଡବର କୁଳଲକ୍ଷ୍ମୀ ଦେବୀ ଦ୍ରୌପଦୀରେ
ବିବସନ କଲା ଦୁଷ୍ଟମତି ଦୁଃଶାସନ,
କାତରେ ଡାକିଲେ ସତୀ :—

ରକ୍ଷା କର ହୃଦୟବଲ୍ଲଭ !
କୋଟି ବସ୍ତ୍ର ଦେଇ ତୁମ୍ଭେ
ରଖିଥିଲ ରମଣୀର ମାନ ।
ଦୁଷ୍ଟନାଶନ ପ୍ରଭୁ !
କୁରୁରାଜ କ୍ରୂର ଦୁର୍ଯ୍ୟୋଧନ
ଅକାରଣେ ବନ୍ଧିଥିଲ
ଯେତେକ ଅନିଷ୍ଟ ପାଣ୍ଡବର,
ତୋମର ଆହୁତ ରୂପେ
କୁରୁକ୍ଷେତ୍ର ସମର ଅଗ୍ନିରେ
ସେ ସମସ୍ତ ଦେଲ କରି ଭସ୍ମ ।
ଭକ୍ତବାଞ୍ଛା କଳ୍ପତରୁ !
ପ୍ରାଣପ୍ରିୟା ସତ୍ୟଭାମା ସନ୍ତୋଷ ବିଧାନେ
ଆଣିଥିଲ ଭୂଲୋକରେ
ସରଗରୁ ପାରିଜାତ ଫୁଲ !
ବିପଦବାରଣ ତୁମ୍ଭେ,
ଅଥଳ ଜଳରେ ଯେବେ
ଗଜରାଜେ ଧରିଲା କୁମ୍ଭୀର
ବିକଳେ ଡାକିଲା :—
ରଖ, ରଖ ଚକ୍ରଧର !
ନିମିଷକେ ଉଦ୍ଧରିଲ ତାକୁ ।
ହେ ମଙ୍ଗଳମୟ କୃଷ୍ଣ !
ଘେନ ନିବେଦନ,
ସତତ ମଙ୍ଗଳ—କର
ବିସ୍ତାର ଜଗତେ ।

**କ୍ୱ ବସ୍ତୁ ବ୍ୱଫଟାନଟାଚରଣଲମ୍ପଟାଙ୍ଘ୍ରି ଦ୍ୱୟଂ,**
**ମହଃ କ୍ୱ ଚ ଲସନ୍ମହାରଜଛକାନ୍ତିଜୈତ୍ରଂ ପୁନଃ,**
**ତୟୋଃ କ୍ୱ ଘଟନାବଧୌ କବନକଲ୍ପନଂ ସ୍ୱଲ୍ପଧୀ—**
**ଇଦଂ କ୍ୱ ଚ କଥଂ ହଠାଦୁଦିତମୀଦୃଶଂ ସାହସଂ ।**

**ଅର୍ଥ** :—

କାହିଁ ସେହି ନଟପଟୁ ଚରଣ ଯୁଗଳ,—
ଯାହା ଅତି ବିଷଧର
କାଳିୟ ଫଣୀ ଫଣାରେ ନର୍ତ୍ତନକୁଶଳ ?
କାହିଁ ଅବା,
ମହୋଜ୍ଜ୍ୱଳ ତେଜୋମୟୀ
ପ୍ରକୃତିରୂପିଣୀ ରାଧା ;—
କନକ-କାନ୍ତି-ନନ୍ଦନ
ଜ୍ୟୋତି ଯାହାଙ୍କର ?
କେତେ ଦୂରେ ସତେ ସେ କଳ୍ପନା ?
ଅଳ୍ପବୁଦ୍ଧି ଜନ ମୁହିଁ
କପରି, କାହିଁକି ଅବା
ବିଷମ ସାହସ ମୋର ଜାତ ହେଲା ସତେ
ରଚିବାକୁ
ଯୁଗଳ ମିଳନାତ୍ମକ
ଏହି ଚମ୍ପୂ କାବ୍ୟ !
ଅବୁଝା ସକଳ ମୋର ।

କଥମପ୍ୟମିହ ମଣ୍ଡଳମଣ୍ଡନମହୋଦଧେର୍ମହେନ୍ଦ୍ର—ମଣିମୟୂଖ-ସନ୍ଦୋହ ସନ୍ଦୋହବଙ୍ଗମପ୍ୟସୌ ବୃହାରଣ୍ୟନୋ ମଧୁରେ ମଧ୍ୟେ ବଧୂୟତ—ନ୍ୟାୟ୍ନାନ୍ୱୟସିଦ୍ଧାନ୍ତସ୍ୟ ସର୍ବେଶ୍ୱରସ୍ୟ ଶ୍ରୀନନ୍ଦ-ନନ୍ଦନସ୍ୟାଖଣ୍ଡତପୋମଣ୍ଡଳପିଣ୍ଡିଳୀକୃତା—ନେକାନେହସୋ ଭଗବତୋ ମାର୍ତ୍ତଣ୍ଡସ୍ୟ ସୁକୃତ—କୃତାବତାସ୍ତା ରାଧସ୍ତା ସହ ଲୀଲାଂ ଲେକୋତ୍ତରମଲୁଧୀର୍ଜଲ୍ପାମିନ୍ତି କବଶ୍ଚିନ୍ତୟାମାସ ।

**ଅର୍ଥ** :—

ଯୁଗ ଯୁଗ ଧରି,
ଆଚରିଲେ ତପଃ ପୂର୍ବେ
ଦେବ ଦିବାକର, ବହୁକାଳ;—
ଲଭିବାକୁ କନ୍ୟାରୂପେ
ପ୍ରକୃତି ଦେବୀରେ ।

ଫଳେ ତାର,—
ଜନମ ଲଭିଲେ ରବି
ବୃଷଭାନୁ ରୂପେ ଧରଣୀରେ ।
ନାରାୟଣ
ଯେବେ ଶ୍ରୀକୃଷ୍ଣ ସ୍ୱରୂପେ
ଜନମିଲେ ଅବତାର ହୋଇ ମର୍ତ୍ତ୍ୟପୁରେ,
ତାହାଁ ପୂର୍ବ, କନ୍ୟାରୂପେ
ଲଭିସାରିଥିଲେ ଜନ୍ମ
ପ୍ରକୃତିରୂପିଣୀ ରାଧା
ଅଳିଅଳ ରାଜଯେମା
ବୃଷଭାନୁ ଗୃହେ ।

ମଦନମୋହନ କୃଷ୍ଣ,
କମ କାନ୍ତି ଯାହାଙ୍କର
ତେଜ ନନ୍ଦେ ଇନ୍ଦ୍ରନୀଳମଣି ।

ମଧୁମାସେ ସେ ମାଧବ
ବିଚରନ୍ତି ଯେବେ ବୃନ୍ଦାବନେ,
ବରାନନା ଗୋପବଧୂଗଣ
ଚିହ୍ନିପାରି ସର୍ବେଶ୍ୱର ରୂପେ ତାଙ୍କୁ
ହେଲେ ଆତ୍ମନିବେଦିତା ;—
ବୃଷଭାନୁ ଜେମାତୁଲେ,
ସରସ ମାନସେ ।

ତାଙ୍କ ଲୀଳାଖେଳା
ବର୍ଣ୍ଣିବାକୁ କାହିଁ'ଛି ଶକତି ?
ଅଳ୍ପବୁଦ୍ଧି ନଗଣ୍ୟ ଯେ ମୁହିଁ ।
ଏ କଳ୍ପନା ସତେ କି ସମ୍ଭବ ହେବ
ଜୀବନରେ ମୋର ?
କଳପିଲେ ଏତେ
ଆପଣାର ପ୍ରତିଭାରେ ସନ୍ଦୀହାନ କବି
ମନେ ମନେ ।

# 'କ'

## ଅନୁଚନ୍ତା

କରେ କୁମ୍ଭ ଧରି ନବୀନା କିଶୋରୀ
ପ୍ରଭାତେ ଯମୁନା ଯାଇ,
କାନେ ତା ବାଜିଲା ମୋହନ ମୁରଲୀ
ଆଡ଼ୁଲେ ଡାକିଲା ସଇ ॥

କଳା ତମାଳର ମୂଳରେ ଛଇଳା
ନୟନ ଅଟକି ଗଲା,
କ ଦେଖିଲା ନେହେ କାଣ ନ ପାରି ସେ
ଲଳିତାରେ ପଚାରିଲା :—

### —ଗୀତ—

କ ହେଲା ଟିରେ, କହିତ ନୁହଇ ସ୍ୱରଣିରେ ।
କାଲି ଯା ଦୁରନ୍ତ ସଖୀ କଳନା କଲା ମୋ ଆଖି,
କଳାଇନ୍ଦୀବର ଆରତ୍ତ ରେ । ପଦ ।

କେଳିକଦମ୍ବ ଲତାର କୋଳେ କ ଶ୍ୟାମଳ ତାର,
ତେଜ ସେ ରବିସୁତାର ଖିରେ,
କମ୍ପି ମୋର କଳେବର ହୋଇଗଲା ଆର ପାର
ଯାହାକୁ ଡରଇ ତାର ଖିରେ । ୧ ।

କୁସୁମ-କୋଦଣ୍ଡ କାଣ୍ଡ କେତେ କରଥିଲ ଚୁଣ୍ଡି,
କର୍କଶ ନୋହିବା ଘରଷଣରେ,
କହୁଛି ବରଜ ଲଜ୍ଜା, କେବଳ ହେଲ ମୋ ମଜ୍ଜା
ମଜ୍ଜି ଯିବ କି ଉଗ୍ର ରତିରେ ? । ୨ ।

କି ମୋହନ ଲୀଳା ଧରି କୋଟି କଳାକରଶିଖି
ପୂରିଛି ସେ ଶ୍ୟାମ ମୂରତିରେ,
କୁହା କରେ ମୁଁ ଧାତାକୁ କାହିଁକି ସରଜି ତାକୁ
ଚିରପ୍ରୁ ରଖିଲ ଜରଷଣରେ । ୩ ।

କି ମାତି, କି ଜାତି ଶୀଳ କି କୁଳବରତ ଫଳ
ଠଉରି ନ ପାରେ ମୋ ମତିରେ,
କୋମଳତର ମୋହନ କୁଞ୍ଜକୁଟିରୁ ନିଃସ୍ୱନ
ଆସି ଚୁମ୍ବିଦେଲ ମୋ ଶ୍ରୁତିରେ । ୪ ।

କଳବଳ ଛଟପଟ ହୋଇ ଯାଉଛି କପଟ
ସବେଶ ଅଶନ-ବସନରେ ।
କହଇ ଶ୍ରୀ ବାଲୁକେଶ ଶରଣ ଧରଣୀଈଶ
ଏ କି ଦଣ୍ଡ ଦିନା ପୀରତିରେ ? । ୫ ।

---

( ରାଗ—ଶାଟବେଶ । ତାଳ—ତ୍ରିପୁଟା )

## —ଗୀତକଥା—

ଶ୍ରୀମତୀ କହିଲେ :—

ସଙ୍ଗରେ, ଅଚଳନ୍ତ ଝଲକଇଁଚି ପରି କାଲି ସତେ ଦୂରରୁ ମୋ ଆଖି ଯାହା ଠଉରାଇଲା, ମୁଁ ତୋତେ ସେ କଥା କହି-ପାରୁ ନାହିଁ । ଏ କ'ଣ ହେଲା !

(୧) ସଖି, ଦେଖିଲ, ଯମୁନାକୂଳର କେଳିକଦମ୍ବ ଲତାକୋଳରେ କେମିତି ଗୋଟିଏ ଶ୍ୟାମଳ ତେଜ ସତେ ଫୁଟି ଉଠିଛି । ଯାହାକୁ ମୁଁ ଡରି ମୁରଥାଏଁ ତା'ରି (କନ୍ଦର୍ପ) ଶରରେ ମୁଁ ଜରଜର ହୋଇପଡ଼ିଲି । ହୃଦୟଟା ମୋର ଖାଲି ଶୀତେଇ ଉଠିଲା ଲୋ ସଙ୍ଗି !

(୨) କନ୍ଦର୍ପ ତାର ଚକ୍‌କଣ ଶରମୁଣ୍ଡା ଭିତରେ କେତେ ଫୁଲ ଧନୁଶର ସାଇତି ରଖିଥିଲା କେଜାଣି ! ଲାଜ ଗୁଡ଼ିକର ମୁଁ ତୋତେ କହୁଛି – ସତରେ ମୋର ମନେହେଲା ଠିଆ ଠିଆରେ ତାଙ୍କ ସହିତ ମିଶିଯାଆନ୍ତି କି !

(୩) ସଙ୍ଗି ଲୋ, ସେହି ଶ୍ୟାମଛବିରେ କୋଟିଏ ଚନ୍ଦ୍ରର ଶୋଭା କି ମନଭୁଲା ମାଧୁରୀ ଧରି ପୂରିରହିଛି ସତେ ? ଏଭଳି ରୂପକୁ ଗଢ଼ି କାହିଁକି ଭଲା ଦଇବ ବୁଢ଼ୀକି ଏତେ କାଳ ଜିଆଇ ରଖିଲା ? ( ଏଠାରେ ବୁଢ଼ୀ ଶବ୍ଦରେ ରାଧାଙ୍କ ଶାଶୁ ଜଟିଳାପ୍ରତି ଲକ୍ଷ୍ୟ କରାଯାଇଅଛି ) ।

ଏହି ପଦାଂଶଟିକୁ "ଶଗଡ଼ୁ ରଖି ନିଜ ରଥରେ"—ଏପରି ପଢ଼ି,—ରଥରେ ନିଜଯୋଖି କାହିଁକି ଘୋଡ଼ା ବହି ଏପରି ରୂପକୁ ଭିଆଣକଲ୍ ବୋଲି ମଧ୍ୟ ଅର୍ଥ କରାହୁଏ ।

(୪) ମାନ କ'ଣ, ଜାତି କ'ଣ, ଏମିତି କି କୁଳବ୍ରତର ଫଳ ସୁଦ୍ଧା— କାହାରି ହେଲେ ମୋ ମନଭିତରେ ଆଉ ଠିକଣା ଠଉର ରହିଲ୍ ନାହିଁ । ଠିକ୍ ଏତିକବେଳକୁ ପୁଣି କୁଞ୍ଜଭିତରୁ ଗୋଟିଏ ଭାରି ମଧୁରିଆ ସ୍ୱର ଭାସି ଆସି ମୋ କାନରେ ପଡ଼ିଲ୍ ।

(୫) ସେତିକବେଳକୁ ଖିଆପିଆ ସବୁ ମୋର କୁଆଡ଼େ ଉଭେଇ ଗଲ୍ଣି । ମୁଁ ଖାଲି ଛଟପଟ ହୋଇ ମରୁଛି ଲୋ ! (ଆଠଗଡ ରଜା କହୁଛନ୍ତି) ବନା ପ୍ରୀତିରେ ସତେ ଏ କି ଦଣ୍ଡ ହେଲ୍ !

—ଶ୍ଳୋକାଂଶ—

**ନାଦଃ କୋଽପି ନିତମ୍ବିନୀଜନମନଃ କ୍ଷୋଭକ୍ଷମଃ ଶ୍ରୂୟତେ,**
**କାନ୍ତିଃ କାପି ଚଳତ୍ କଳାପମୁକୁଟାଲମ୍ବା ଚୁଚୁମ୍ବାମ୍ବକେ ;**
**ସ୍ଥୈର୍ଯ୍ୟଂ ଚତ୍ ପ୍ରଭୃତି ସ୍ଖଳତ୍ୟପି ବଳତ୍ୟନ୍ତର୍ବିଳାପୋ ବଳା-**
**ଦଶ୍ରାନ୍ତଂ ସଖି ଦୃଶ୍ୟତେ କିମଭୂତ୍ତା ମାଦେହନ୍ମାଲଂ ମହଃ ॥**

**ସଖି ! ଶିଖଣ୍ଡାପୀଡମନୋହରଃ ପ୍ରତ୍ୟଗ୍ରମୁଦିରମେଦୁରଃ ସମୁତ୍କଟ-ନଟନାଟୋପପଟୁଃ କୋଽପି ସମୁଦ୍ଭବା ମହସାମମଳଃ ସମାଲୋକ ମପ୍ୟୁତ୍ସୁକୟତ୍ୟାଂ ଶ୍ରୀମତ୍ୟାଂ ତାଂ ପ୍ରତି ଲଳତା ।**

**ଅର୍ଥ—**

ପ୍ରିୟସଖୀ,

ଯେବେ ଲୋ, ସେ—
କାମିନୀ ମାନସହର ମୋହନ ମୁରଲୀ
ଗୁଞ୍ଜରିଲା ମଧୁ ମଧୁ
କର୍ଣ୍ଣତଟେ ମୋର,
ପୁଣି ସଙ୍ଗେ ତାର
ପରଶିଲା
ନୟନଯୁଗଳେ ଆସି
ଆଖିଭୁଲା କି ସେ ଏକ
ଅପରୂପ ତେଜ ;—
ଶିଖୀଶିଖା ଦୋଳନରୁ ଝରି ;
ଆକୁଳିତ କଲା ତନୁମନ ।
ଆସେପାଶେ ଚନ୍ଦ୍ରକନ୍ତି ସତେ
ଖେଳିବୁଲେ ଅହରହ
ସେଇ ଛବିଛଟା,—
ସୁନ୍ଦର ସେ ଇନ୍ଦ୍ରନୀଳମଣିର ଝଲକ ।
ସେତିକିବେଳରୁ ସଖି,
ଅନ୍ତର ଯାତନା ମୋର ବଢ଼େ ବେଳୁବେଳ ।
ଖାଲି ତ ଏତିକି ନୁହେଁ
କି କହିବି ତୋତେ ଲୋ ଲଳିତା !
ନବଘନ ତନୁଭଙ୍ଗି ତୁଲେ
ମୟୂର ଚୂଳର ଗୁ ରୁ ଗଉରବ ଶିଖା,
ସତେ ସଖି !

ଅଭୁଲ୍ ସେ ଏ ଜନମେ ମୋର ।
ଆହା, ସେ କି ମନୋହର ନର୍ତ୍ତନ ଭଙ୍ଗିମା !
ଭାଷା ନାହିଁ,—ଭାଷା ନାହିଁ ମୋର
କି କରି ଲୋ, ବର୍ଣ୍ଣିବି ତୋ ଆଗେ ?
ଶ୍ୟାମ ପ୍ରେମ ପାଗଳିନୀ
ରାଇ କଥା ଶୁଣି
କହିଲା ସେ ଚତୁରୀ ଲଳିତା :—

---

## 'ଖ'

## ଅନୁଚିନ୍ତା

ଖରେ ରାଇ ମନ ଠଉରାଇ ଚୋଇ
ଚତୁରା ଲଳିତା ସଖୀ,
ଖଞ୍ଜାଇ ବଚନ, ରଞ୍ଜାଇ ପଚାରେ :—
ଆଉ କି ଇଛିଚୁ ବାକୀ ?
ଖୋଜି ନେଉ ତୁ ଯେ କାଳ-କଳାନାଗ
କନାଇଲୁ ଗଳାହାର,
ଖଳ ପୀରତିକି କୋଳକରି ଧନୀ,
ହେଲୁ କେତେ ହରବର !

---

## ଗୀତ

ଖରାପ ତୁ ହେଲୁ ରେ,
ଖେଳନ୍ତେଲଖଞ୍ଜନାକ୍ଷି କି ସାହସ କଲୁ ରେ । ପଦ ।

ଖର୍ବ ହୋଇ ସୁରତରୁ କୁସୁମ ବାଞ୍ଛିଲୁ ରେ,
ଖେଦବୀଜ ନିଜ ହୃଦକେଦାରେ ବୁଣିଲୁ ରେ । ୧ ।
ଖିଆଲ ପରି କି ଧନ ! ମନରେ ଭାଳିଲୁ ରେ,
ଖଳକାର ନୋହି କଳା ନାଗରେ ଗୁଳିଲୁ ରେ । ୨ ।
ଖର୍ବ ସ୍ବର ଝାଉଁଳିବା ଶ୍ରୀଅଙ୍ଗ ପାଇଲୁ ରେ,
ଖମଣି ମଣ୍ଡଳକୁ ତୁ କର ବଢ଼ାଇଲୁ ରେ । ୩ ।
ଖାଇଦେଇ କି ଅମଳ ଅଚେତା ହୋଇଲୁ ରେ,
ଖାର ଖଡ୍ଗାଧାର ଖଟ ବସ୍ତ୍ର ଶୋଇଲୁ ରେ । ୪ ।
ଖଟେ ଅଷ୍ଟଦୁର୍ଗନାଥ ତୋ ପଦେ ଚହିଲୁ ରେ,
ଖଣ୍ଡ କରେ ଧନ ଦେଇ ପଦେ ନ କହିଲୁ ରେ । ୫ ।

( ରାଗ—କେଦାର । ତାଳ ତ୍ରିପୁଟା )

---

## —ଗୀତକଥା—

ଲଳିତା କହିଲେ :—

କଣ୍ଢେଇ, ଚନ୍ଦ୍ରା ନାହିଁ, ଜଣା ନାହିଁ - ସେ ରୂପକୁ ଦେଖିବା ସଙ୍ଗେ ସଙ୍ଗେ ତୋର କଳା ଖଞ୍ଜନ ଆଖି କେତେବେଳେ ଭଲଗଲା ସତେ ? କପରି ଭଲ ଏ ସାହସ କଲୁ ? ମୁଁ ତ ଚାଟକା ହୋଇଯାଉଛି ।

(୧) ବାମନ ହୋଇ ସ୍ବର୍ଗରୁ ଫୁଲ ତୋଳିବାକୁ ମନ ତୋର ! ଏମିତି ଅସମ୍ଭବ ଚାଞ୍ଚ କରି ତୁ ଘୁଏଁ ଘୁଏଁ ଘୃତ ପୋଡ଼ାକୁ ଡାକି ଆଣୁଛୁ ସିନା !

(୨) ତୋ ମନେ ମନେ ଏ କାମଟା ଖୁବ ସହଜ ବୋଲି ଭାବୁଛୁ ! ନୁହେଁ ? ମୁଁ ତ ଦେଖୁଛି ତୁ ଗାରୁଡ଼ି ମନ୍ତ୍ର ନ ଜାଣି ସାପ ଖେଳାଇବାକୁ ବସିଛୁ ।

(୩) ଖର ଜମିଡକା ଜହ୍ନସ, ସେ କଥା ମନେକଲେ ଯେ ଝାଉଁଳି ପଡ଼ୁଛି, ସେ ପୁଣି ସୂର୍ଯ୍ୟଙ୍କୁ ଧରିବାକୁ ହାତ ବଢ଼ାଇବ କେଉଁ ସାହସରେ ମ ? ଇଏ ଭଲ୍ କମିତ କଥା ?

(୪) ଏମିତ କ ନିଶା ଖାଇ, ଏକାବେଳେ ଅଚେତା ହୋଇ ପଡ଼, ତୁ ଖଣ୍ଡାଧାରକୁ ତୂଳା ଶେଯ ବୋଲି ବିଚାରିଲୁ ମ ସାହା !

(୫) ( ଆଠଗଡ଼ ରଜା ପହିଲରୁ ତୋ ପାଦତଳର ସେବକ ) ଖଣ୍ଡି ହାତରେ ଧନ ଟେକିଦେଲୁ , ପଦେହେଲେ ପଚାରିଲୁ ନାହିଁ ?

---

## —ଶୋକାଂଶ—

**ସ୍ମୃଷ୍ଟ୍ୱା ଚଞ୍ଚଲଚନ୍ଦ୍ରିକାଂଚଲଚମତ୍କାରହରମଂ ଚକ୍ଷୁଷା,**
**କା କାସ୍ମିନ୍ ପୂର୍ଣ୍ଣଭେଦନେ ନବବଧୂରେକାପ୍ୟଶୋକା ଭବେତ୍ ।**
**କାଲେ ନୂତନସୂତିକାଲୟଗତୌ କାଲେଽପି ତାଦୃଗ୍‌କଥା—**
**ହଂସାମପ୍ୟନୁଭୂୟ ଲୋକବଚସଃ କିଂ ସାହସଂ ସ୍ୱୀକୃତଂ ॥**

**ହନ୍ତାହନ୍ତାଭିହାନ୍ତାତ୍ୟନ୍ତବହୁତବଚନସ୍ୟା ଲୋକଭିଗଲ୍ଲୋଳା-ଲୋଲଲୋଚନସ୍ୟା ଭବତ୍ୟା ଯୁବକଜାତିପାତିବ୍ରତ୍ୟାତିଶୟଧାତିନ ଶିଖଣ୍ଡଶେଖରେ ନଟପଟେନ ତମାଲମାଲାମେଚକେ ମହସି କ୍ୟଇତ ସାପେକ୍ଷକଟାକ୍ଷନିକ୍ଷେପବଳାସଃ ।**

**ଅର୍ଥ—**

କିଶୋରି ଲୋ,
କିହ ଦେଖି ସଖୀ !

ଏତେ ଗୁପ୍ତ ଧରି ସତେ
କିଏ ଅଛି ନବବଧୂ
ବରଜ ମଣ୍ଡଳେ,—
ଯା ନୟନେ ନାଚିଲେ ଗୋ,
ନଟବର ଶ୍ୟାମ ଶିର—
ଚଞ୍ଚଳ ଚନ୍ଦ୍ରିକ ଚୂଳ—
ଚହଲି ଶୃଙ୍ଖଳି ;
ରହିବ ତା' ଧୃତି ?—
ଆକୁଳ ନୋହିବ ଚିତ୍ତ
କେଉଁ ନବୀନାର ?
ସବୁ ବୁଝି , ସବୁ ଜାଣି
ସରଳା ତୁ ଗୋପବାଳା !
କି ସାହସେ କହ ସତେ
ମିଶାଇଲୁ ତା' ଆଖିରେ ଆଖି !
କୋଳେ ଥିବା କାହ୍ନୁଁ ପରି
ପୂତନାରେ ମାରିଛି ପରାଣେ ?
ଏବେ ତ ସେ ନବୀନ କିଶୋର ।
ବରିଷ୍ଠ ଯିବୁ କି ସହି,
ପଡ଼ି ତା ହାବୁଡ଼େ ?
ଏ କି କଲୁ ସତେ ?

ନ ଘେନିଲୁ ସ୍ୱିତ କଥା,—
କହିଲେ ଯା ଆପଣାର ଜନ ।
ସମ୍ପ କୂଳ ଅଇଚ ସେ
ମୟୂରଚୂଳିଆ ।
ତାକୁ ପୁଣି ଅନାଇଁ ତୁ ଦେଲୁ
ସଖୀ, ନଚୁଇ ଭ୍ରୂଲତା ?
ଲଳିତା ଭାରତୀ ଶୁଣି
କହିଲେ ଶ୍ରୀମତୀ :—

## 'ଗ'

## ଅନୁଚନ୍ତା

**ଗତାଗତ ସତେ, ନ ଥିଲା ସେ ପଥେ**
**ତୁ କି ନ ଜାଣୁରେ ସଖି,**
**ଗଡ଼ ଖସଡ଼ାରେ, ଗହଳ ପଙ୍କରେ**
**ଗୋଡ଼ ତ ଯାଇଛି ଲଖି ।**
**ଗତ ନାହିଁ ଆଜ, ଆଗଲୁ ପଛକୁ**
**ପାଦ ଚ୍ଛଳିବାକୁ ମୋର,**
**ଗେଲ ନୁହେଁ ଜାଣି ସତରେ ଚତୁରୀ !**
**ଶରଣ ପେନୁଚ ତୋର ।**

**—ଗୀତ—**

ଗଲାଣି ତ ଗଲା କଥା, ରେ ସଙ୍ଗାତ !
ଗୁପତେ ସିନା ମୁଁ ତୋତେ ପଚାରୁଛି ବଳପଡ଼ିବାରୁ ବ୍ୟଥା । ପଦ ।
ଗଙ୍ଗାରୁ ବିଶଦ ଗମ୍ଭୀର ତୋ ହୃଦ, ଗଣ୍ଠି ଧନ ତୋର ସ୍ନେହ,
ଗୋଡ଼ ଖସି ଖେଦ ହେବାର ଦରଦ ଯିବାର ଉପାୟ କହ । ୧ ।

ଗଞ୍ଜାଇଲା ଜଣି ଲଗି ଝାଙ୍କେ ପୁଣି ରଞ୍ଜାଇଲା ମନ ଝୁଲ,
ଗୋଳା ଗରଳରୁ କଟୁ ପୀୟୂଷରୁ ସ୍ୱାଦୁଗୁଣ ଗଲା ବଳ । ୨ ।
ଗୋଳଦେଲା ମୋର ବାହାର ଭିତର ସ୍ୱର ସେ ଅବା ସରସେ,
ଗାତ୍ର ଗୋଟିଯାକ ପୂରିଲା ପୁଲକ ଶ୍ରବଣସୀମା ସ୍ପରଶେ । ୩ ।
ଗିଳିଦେଲା ପୁରନ୍ଦର-ମାଳ କର-କଳକାମୟ ତିମିର,
ଗହନ କି ଗୃହ ହୋଇଲା ସନ୍ଦେହ ନିଶ୍ଚୟ ହୋଇ ବିଦୂର । ୪ ।
ଗତାଳସନାଟପଟୁ ଖଞ୍ଜରୀଟ ପରାୟେ ଆସିଲା ଉଡ଼ି,
ଗଣ୍ଡିଗର୍ଭେ ଗୁଳି ଗଲା ପରି ଗଲା ବିବେକ ଦେଲା ଧଉଡ଼ି । ୫ ।
ଗଗନ-କୁସୁମ ପରି ଏଥି ଶ୍ରମ ଫଳ ହୋଇବ କି କାଳେ,
ଗୋଳିଆ ନ ରଖି କହ ଚନ୍ଦ୍ରମୁଖି ଗହଳ ନ ଥିବା ବେଳେ । ୬ ।
ଗରିଷ୍ଠ ଅରୁଚି କାହିଁକି କରୁଚି ଅଶନେ ବସନେ ଦେହେ,
ଗୁରୁଜନଚିତ୍ତ ଜାଣିଲେ କି ଗତି ଅଷ୍ଟଦୁର୍ଗପତି କହେ । ୭ ।

(ରାଗ— ଚୋଖି ଦରଜ । ତାଳ—ଆଦି)

## —ଗୀତକଥା—

ଶ୍ରୀମଣି କହିଲେ :—

ସହି, ଯାହା ହେବାର ତ ହେଲାଣି । ବିରହବ୍ୟଥା ବଳେଇ ପଡିବାରୁ ମୁଁ ତତେ ସିନା ମୋ ମନକଥା ଗୋପନରେ ପଚାରୁଛି ।

୧— ଗୋଡ଼ ମୋର ଖସି ଯାଇଛି, ନା ଆଉ ଖସିବାକୁ ବାକି ଅଛି ? ତୁ ମୋତେ ଅତି ସୁଖ ପାଉ । ହୃଦୟ ତୋର ଗଙ୍ଗା ଜଳପରି ନିର୍ମଳ । ଆଉ ମୁଁ ଜାଣେ, ତୁ କଥାଟାକୁ ପଦାରେ ପକେଇବୁ ନାହିଁ । ସେଇଥିପାଇଁ ତତେ ପଚାରୁଛି । ଏବେ ଖସି ଯାଇଥିବା ଗୋଡ଼ର ପୀଡ଼ା କେମିତି ଊଣା ହେବ ତାହାର ଉପାୟ ବତାଇଦେ ।

୨—ଗଞ୍ଜାଇଠାରୁ ବଳକରି ସେ ନିଶା ମତେ ଆହୁରି ଜୋର୍‌ରେ ବାଜୁଛି । ମୋ ମନ ସେ ନିଶାରେ ମୋହି ହୋଇ ଯାଉଛି । ସତେ ଯେମିତି ଏ ନିଶା ବିଷଠାରୁ ଆହୁରି କଟୁ । ହେଲେ ମଧ୍ୟ ଅମୃତରୁ ବଳି ମଧୁର ।

୩—ସେ ସ୍ୱର (ବଂଶୀସ୍ୱର) ମୋ କାନରେ ପଡ଼ିଲାକ୍ଷଣି ମୋର ବାହାର ଭିତର ମଜ୍ଜି ହୋଇଗଲା । ମୁଁ ତ ମନେ କରୁଛି ସ୍ୱର ନୁହେଁ, ଶର ସେ—କାନ ଛୁଇଁଲା କ୍ଷଣି ସାରା ଦେହଟା ପୁଲକ ଉଠିଲା ମୋର ।

୪—ଶ୍ୟାମ ବର୍ଣ୍ଣର ସେ ଇନ୍ଦ୍ରନୀଳମଣି କିରଣଛଟା ମତେ ଆଚ୍ଛନ୍ନ କରିପକାଇଲା । ଆଖି ମୋର ବୁଜିହୋଇଗଲା । ଚାରିଆଡ଼ ମତେ ଖାଲି ଅନ୍ଧାର ଦିଶିଲା । ମୁଁ ଘରେ ଅଛି, କି ବଣରେ ଅଛି ଠିକଣା କରିବାକୁ ଚେତା ରହିଲା ନାହିଁ ଆଉ ।

୫—ଅଳସଛଡ଼ା ନାହୁଆ କଜଳପାତି ପକ୍ଷୀର ଚଂଚଳ ଛଟକପରି କେଡ଼େ ବେଗରେ ସେ ଶ୍ୟାମ ଛଟା ଛାତି ଭିତରେ ମୋର ପଶିଗଲା ସହି ! ସତେ ଯେମିତି ମୋ ଦେହରେ ଶୂଳ ଭୁଜିଗଲା । ବିବେକ ମୋର କୁଆଡ଼େ ଧଉଡ଼େଇ ହୋଇଗଲା ।

୬—ଆକାଶରୁ ଫୁଲ ତୋଳି ମନକଲେ ଯେମିତି ଅକାରଣରେ ପରିଶ୍ରମ ଖାଲି ସାର ହୁଏ, ମୋ ଭ୍ରମର ଫଳ କଅଣ ସେଇପରି ହେବ ? ମନରେ ଗୋଳିଆ ନ ରଖି ଟିକିଏ ମତେ ନିରୋଳାରେ ସବୁକଥା ଫିଟାଇ କହିବୁଟି ।

୭—ଏବେ କାହିଁକି ଖିଆପିଆ, ବେଶଭୂଷା ସବୁ ମତେ ଭାରି ଅରୁଚି ଲାଗୁଛି । (ଆଠଗଡ଼ରାଜା କହୁଛନ୍ତି) ଗୁରୁଜନମାନେ ଜାଣିଲେ ଗତି କଅଣ ହେବ ଭଲା ?

(ଗ) ସ୍ୱାଭନ୍ନେ ସଖି ମୁଞ୍ଚ ମାଦୃଶି ଜନେ ତ୍ୱଂ ବଞ୍ଚନାନାଟ୍ୟଂ,
ନାଜ୍ଞାତାନବଧାନତା ଗ୍ରହିଳତା ହର୍ମ୍ମୀନ୍ତି ଶର୍ମାତ୍ମନଃ ।
ଜ୍ଞାନାତ୍ ବା ତଦଭାବତଃ ପଥି ରସେନାର୍ଦ୍ରାନ୍ତରେ ବନ୍ଧୁରେ,
ସଂଘାଟେତ୍ତାଭବ ହୃଦ୍‌ବ୍ୟଥାଂ ହର ପରମୋଦଂ ଚ ନୋଦଂଚୟ ।

ଜ୍ଞାନେନ ବାଜ୍ଞାନେନ ପ୍ରଣୀତସ୍ୟାଶ୍ଚିତସ୍ୟାପରାଧସ୍ୟସ୍ମାରଣଶର-ହସରସାଲପ୍ରୟୋଗଶୀର୍ଣ୍ଣସାରଂ ମାରଶୁଚାଶୁଗବଶେଷନଃଶେଷ-ସାମର୍ଥ୍ୟଂ କମାଳମାଂ କଦର୍ଥୟସି ବଂର୍ଥମିତ୍ତଗଦ୍ଧତବତ୍ୟାଂ ସାମିଗଳତଧୈର୍ଯ୍ୟାସ୍ମାଂ ଜଟୋର୍ଯ୍ୟାଂ ପୁନସ୍ତାଂ ପ୍ରତି ସଖୀ ସାକୂତଂ ।

**ଅର୍ଥ—**

ଶ୍ରୀମତୀ—ପ୍ରିୟ ସଖୀ,

ଜୀବନର ବନ୍ଧୁ ପରା ତୁହି !
ପ୍ରାଣ ଦିଆଦେଇ ତୋର ମୋର ?
ସୂତାଏ ହେଲେ ନାହିଁ ତ ଅନ୍ତରେ ଅନ୍ତର ।
ବଞ୍ଚନା କରନା ମୋତେ
ଜାଣି ଅବା ଅଜାଣତେ
ଯାଉଁ ଯାଉଁ ଚକିତା ବିହାରେ
ଖସନ୍ତ ତ ଯାଇଛି ଲୋ ପାଦ ।
ଆହା କରିବାକୁ
କେହି ସାହା ନାହିଁ ତୋହ ବିନେ ମୋର ।
ତୁହି ଏକା ବୁଝିଅଛୁ ସେ ଦରଦ ସିନା—
ଏ ବେଳରେ ସଖି !
ଶୁଣିଲେ ବରଜେ ଖାଲି ହସିବେ ଉଚାର ।



"ଘଡ଼ିଏ ଦେଖିଲେ ତୁ ସତେ ଆଗପଛ ମନରେ ନ ବିଚାରିଲୁ ?"

— ଲଳିତା —

ଦୋଷ ମୋର ପୁଣି ପୁଣି
ଉଗାର ଉଗାର
କାହିଁକି ଦେଉଛୁ ପୀଡ଼ା !
ଏକେ ତ କନ୍ଦର୍ପ ବାଣ
ଦେଲାଣି ମୋ ସବୁ ଦମ୍ଭ ସାର ;
ସଜନୀ ଲୋ !
କଲବଲ ନ କର ତୁ ଆଉ ।
ତୁମ୍ଭ ହେଲେ ଏତେ କହି
କାତରେ ରାଧିକା ଯହୁଁ
ଲଳିତା କହିଲା ତାଙ୍କୁ
ମନରେ ଗୋପନ ରଖି
ନିଜ ଅଭିପ୍ରାୟ ।

'ଘ'

## ଅନୁଚନ୍ତା

**ଘର ପର କରି, ଆରେ ସୁନାଗୋସ୍ୱି, କି କଲୁ କି ଭରମିଲୁ**
**ଘଡ଼ିଏ ହେଲେ ତୁ ସତେ ଆଉ ପଛ ମନରେ ନ ବିଚାରିଲୁ ।**
**ଘନସାର ବୋଲି ବୋଳି ହେଲୁ ଅଙ୍ଗେ କାଚକଣା କରି ସାର**
**ଘନ କଣ୍ଟା କଣେ ପାଦ ନ ବଢ଼ାଇ ଘରେ ଫେରି, ଘରେ ଫେରି ।**

### —ଗୀତ—

**ଘେ**ନାଇଁ ଆମ୍ଭେ ଯେତେ କହିଲୁ ଗୋ,
ଘେନିଲୁ ନାହିଁ ବାଳା ପହିଲୁ ଗୋ ।
ଘୃତଘଟକୁ ଶିଖୀ ଶିଖା ପାଖରେ ରଖି
ଶିଖିଷଦେହା ଏହା ସହିଲୁ ଗୋ । ପଦ ।

ଘସ୍ରନାଥନନ୍ଦନା ଅନାଉଣିକ ମନା
କରୁ ଯେ ଥାଉଁ ହଟି ଗୃହିଁଲୁଁ ଗୋ,
ଘଟୀ ସରିକ କରେ ନାହିଁ କି ବିବେକରେ
ମହାର୍ଣ୍ଣବରେ ଅବଗାହିଲୁ ଗୋ । ୧ ।
ଘୋଟି କତବ ମୂଳ ଘୋର ଘୋର ଜାଙ୍ଗଳ
ଜହର ତୁଲେ ତାହା ପିଇଲୁ ଗୋ,
ଘୁମାଇବାର ସନ୍ଧି- ବଳି ନାହିଁ କି ଆମ୍ଭ
ସୁଯୋଗୁଁ ସିନା ବଞ୍ଚି ଅଇଲୁ ଗୋ । ୨ ।
ଘେନ ଘେନାଇଁ ଯାଇ କହିବା ସମଯାଇ
ଘଟିଲେ ସିନା ଆମ୍ଭେ ଝଇଲୁ ଗୋ,
ଘଟଣା ବିରହରେ ଅବଶ୍ୟ ତ ଜହରେ
ତୋ ଘେନ ଆମ୍ଭଘାଣ୍ଟି ହୋଇଲୁ ଗୋ । ୩ ।
ଘୋଳାରେ ପଛେ ମରୁଁ ଆଷ୍ଟୁ ତୋ ହୁକୁମରୁ
ନିକୁଞ୍ଜ ଦଉଡ଼କୁ ରହିଲୁ ଗୋ,
ଘାଣ୍ଟି ହେଉଛୁଁ ମାତ୍ର ଉନ୍ନିଦ୍ର ଶତପତ୍ର ନେତ୍ରା
ଯା ଆମ୍ଭ ବଶ ନୋହିଲୁ ଗୋ । ୪ ।
ଘନେ ଚପଳାମାଳା ଗୃହିଁ ଘନକୁନ୍ତଳା
ତୁ କି ଏ ଅଭିଳାଷ ବହିଲୁ ଗୋ,
ଘାରିହେଲୁ କି ରସେ ଅଷ୍ଟଦୁର୍ଗେଶ ଭାଷେ
ଅବଶ୍ୟ ମୋହନରେ ମୋହିଲୁ ଗୋ । ୫ ।

---

ରାଗ—କାମୋଦୀ । ତାଳ—ଏକତାଳୀ

## —ଗୀତ କଥା—

ସଖି, ଆଗରୁ ତତେ ଯେତେ ବୁଝାଇ ସୁଝାଇ କହିଲେ ବି ସେ କଥାକୁ ତୁ କାନ ଦେଲୁ ନାହିଁ । ଜାଣି ଶୁଣି ଶ୍ୟାମ ପ୍ରେମରେ ଭଳିଯାଇ ଏତେ ବେଳକୁ ତୁ ସ୍ଥଳଠାରେ କଷ୍ଟ ଭୋଗୁଚୁ ସିନା ! ଏ ଘଟଣା ଘିଅ ଢାଳକ ନିଆଁ ହାସରେ ଥୋଇଲା ପରି ହେଲା ତ !

୧—ଯମୁନାକୁ ଅନାନା ବୋଲି କେତେ ମନା କରିନାହିଁ ତତେ ! ହଟ୍ଟୁଣୁ ତୁ ହଠକରି ଗଲୁନାହିଁ । ହାତରେ ଘଡ଼ିଟିଏ ହେଲେ ନ ଥାଇ, ତୁ କେଉଁ ବିବେକରେ ଦରିଆ ପହଁରିବାକୁ ମନ କଲୁ ମ ?

୨—ଗରଳ ସାଙ୍ଗରେ ଦୁଦୁରାମୂଳ ଘୋଟି ଲହି ଲାଙ୍ଗଳିଆ ମିଶାଇ ପିଇଦେଲୁ ତୁ । ଏମିତି ବିଷ ଖାଇଲେ ଲୋକ ଜୀଇବା ଅଠା-ଠିକ ହୋଇଯାଏ । ହେଲେ, ତୁ ଟିକିଏ ମାତ୍ର ଘୁମାଇ ପଡ଼ିଲୁ ନାହିଁ ତ ! ଆମେମାନେ ଥିଲାକୁ ସିନା ଆମ ସାହାଯ୍ୟରୁ ତୁ ବଞ୍ଚି ଆସିଲୁ ।

୩—ହଉ, ଆମେ ଯାଇ ଯେନା ଯେନକରି ତୋ' ଲାଗି ତାଙ୍କୁ କୁହା-ପୋଛା କରିବୁଁ । ସେ ତୋ କଥାରେ ହଁ ଭରିଲେ ତ ଭଲ । ନ ହେଲେ ଆମେ ସବୁ ତୋର ପାଇଁ ବିଷଖାଇ ମରିବା କଥା ନିଧାର୍ଯ୍ୟ ଜାଣ ।

୪—ତୋ ଆଜ୍ଞା ପ୍ରମାଣେ ଆମ ଚୋଡ଼ ପଛେ ବନ୍ଧାରେ ଫାଟି ପଡ଼ୁ, ଆଜଠୁଁ କୁଞ୍ଜକୁ ଦୌଡ଼ିବା କଥା ମୂଳ । ହେଲେ ତୁ ଯେବେ ଆମ କଥା ଟିକିଏ ଶୁଣି ଥାଆନ୍ତୁ, ତେବେ ସହି, ଆମକୁ ଏତେ କଲବଲ ହେବାକୁ ପଡ଼ନ୍ତା ନାହିଁ । ଏବେ ଆମେ ଖାଲି ଘାଣ୍ଟି ହେଉଚୁଁ ।

୪—ସଖୀ, ମତେ ଲାଗୁଛି ମେଘରେ ବିଜୁଳି ଝଟକ ଦେଖି ତୁ ଭୋଳିଭୋଳି ଯାଉଛୁ କି କ'ଣ ? ଘନଶ୍ୟାମଙ୍କର ମେଘବର୍ଣ୍ଣର କୋଳରେ ତୋ ସୁନା ଦେହ ବିଜୁଳିପରି କେମିତି ମାନିବ, ସେଇ କଥାରେ ତୋର ମନ, ନା ? (ଆଗରୁ ରାଜା ଅନୁମାନ କରୁଛନ୍ତି ) ତେବେଣି କାହ୍ନୁଙ୍କୁ ବି କିଶୋରୀ ନିଶା ଲାଗିଛି କି କ'ଣ ! ତାଙ୍କର ବୋଧେ ଏଇ ଅବସ୍ଥା ହୋଇଛି ।

---

(ଘ) ବନ୍ୟାମାର୍ତ୍ତଣ୍ଡକନ୍ୟାତଟନିକଟଭୁବଃ ପ୍ରେକ୍ଷଣଂ ନେତ୍ରପଥ୍ୟଂ
ଭୂୟୋଽସ୍ମାଭିଃ ପ୍ରଯୁକ୍ତା ଶ୍ରବସି ନ ଲଗିତା ଭୂଚ୍ଛକୁଶ୍ଚାଟିକାସ୍ତା ।
ବୈଦ୍ୟୋ ସଦ୍ୟଃ ସମୁଦ୍ୟଦ୍‌ଗଦହୃତି ଚତୁରେ ଯତ୍ୟପେକ୍ଷାନ ବୈଦ୍ୟ,
ଯ ମଃ କାମସ୍ୟପୂର୍ତ୍ତୌ ଗତିରିହ ଜଗତଃ କେବଳଂ ତେଽବଲମ୍ବଃ ॥

ସ୍ୱାମିନ୍ୟାନୁଜ୍ଞାନୁଲ୍ଲଙ୍ଘନ ଜଙ୍ଘାଳତୈବ ମାତୃକ୍‌ପ୍ରିୟଜନପ୍ରଣୀତ—ବ୍ରଜନ୍ତାନାମନୁପଥିକାପଶ୍ରଣତଃ ପରମେଶ୍ୱର୍ଯ୍ୟୀନଂ ତର୍କଯ୍ୟୋଦର୍କ-ମିତ୍ୟୁକ୍ତ୍ୱା ଶ୍ରୀକୃଷ୍ଣାନ୍ତିକଂ ପ୍ରବିଶ୍ୟ ବିଜ୍ଞାପୟାମାସ ଲଳିତା ।

**ଅର୍ଥ** :—

**ଲଳିତା**—ଯମୁନା ତଟ ବଣକୁ ଅନାଇଁଣି ତୋର
ଅଣହିତ ବୋଲି ସଖି,
କେତେ ସତେ ନ କହିଛୁଁ ତୋତେ ?
ମନ ତ ମାନିଲୁ ନାହିଁ ।
ଏବେ ଭୋଗିଲୁ ତୁ ଗ୍ଲାଏଁ ଗ୍ଲାଏଁ ଦୁଃଖ ।
ହେଲା ଯା ହେବାର ।

ବେଗେ ତୋର ଏ ରୋଗ ଯେ
ଆରୋଗ୍ୟ ପାଇବ କର
ସେଇଭଳି କବିରାଜ ପାଶେ,
ଯିବାର ମୁଁ ଉଚିତ ମଣୁଛି ।
ଯାଏଁ, ଦେଖେଁ,
ଭଗବାନ ଏକା ସାହା ତୋର
ଏ ବିପଦେ ସିନା !
ଠାକୁରାଣୀ,
ଆଜ୍ଞା ମାନି ତୋର,
ଥରକୁ ଥର ମୁଁ
ଯିବି ଆସିବି ଲୋ ରାଇ, କଳାକାହ୍ନୁ ପାଶେ ।
ଅକପଟ କର୍ତ୍ତବ୍ୟର
ଏହି ଏକା ପରିଣାମ ବୋଲି
ବିଚାରୁଛି ମନେ ମନେ ମୁହିଁ ।
ଫଳ କିନ୍ତୁ ଈଶ୍ୱର ଅଧୀନ ।
ପ୍ରବୋଧି ଏସନ ଶ୍ରୀମତୀରେ
ଚଳିଲେ ଲଳିତା ବେଗେ
ମୋହନ ପୁରତେ ।

---

## 'ଡ'

## ଅନୁଚିନ୍ତା

**ନୀ**ଳ ରବି ଯେବେ ଚରମ ଅଚଳ ଛୁଇଁ ଛୁଇଁ ଆସୁଥାଏ,
ନୀଳ ଯମୁନାର ତୀର ବାଲୁଚରେ ଝୁରି ନୀଳ କରି ପ୍ରାଏ ।
ହେରେଖି ନୟନେ ନଟବର ଛବି ପଚାରେ ଲଳିତା ସଖୀ ।
କପଟ ଧୂଳିରେ, ପଦ୍ମଭଳି ଧନ, ମର ଯାଏଁ ସତେ ଏ କି ?

## ଗୀତ

ନୂଆ ନଟପଟଳୀ ମୁକୁଟ ହେ, ନାହିଁକି ଶ୍ରୀଅଙ୍ଗ ସୁଖ ?
ନିପଟ ନିସ୍ତେଜ ଦିଶୁଛି ତ ଆଜ ନିରଳସ ଚନ୍ଦ୍ରମୁଖ । ପଦ ।
ନୀଳୋତ୍ପଳ ବାସି ହେଲା ପରି ଦିଶି ଯାଉଛି ଦୂରୁଁ ଶ୍ରୀଅଙ୍ଗ,
ନାସା ନୀଳ ତିଳଫୁଲରୁ ଅନିଳ ପ୍ରସରୁଛି ବେଗ ବେଗ । ୧ ।
ନୀପଉପବନ ନିକଟ ପବନ ସ୍ପରଶକୁ ଯେବେ ଡର
ନଦୀକୂଳ ସ୍ଥଳ ଏ ବଡ଼ ଶୀତଳ ନୁହନ୍ତା ଟି କି ବିହାର ।୨।
ନିଦ ନାହିଁ କି ନୟନେ ନିଶି ଦିନ ଆହା ମରଇ ମୋ ଧନ,
ନବନୀତ ତନୁଁ ମୃଦୁ ଦେହେଁ କାହୁଁ ସମ୍ଭବିଲା ଏ କଦନ ।୩।
ନବ ହେମଦ୍ୟୁତି ଅମରୀଏ ନିତି ନିଅନ୍ତି ଫୁଲ ଏ ବନୁ,
ନେତ୍ରପଥେ ପଡ଼ିଗଲେ କି ସେ ଛାଡ଼ି ଯାଉନାହିଁ ଜ୍ୱର ମନୁ ।୪।
ନ ବିହର ଗୋପସଞ୍ଚାଳି ! ଏ ପାପ ଗହନରେ କିଛି ଦିନ,
ନରେଶମଣ୍ଡନ ଶ୍ରୀ ହରିଚନ୍ଦନ ଜଗଦ୍ଦେବ ସ୍ତବ ଘେନ । ୫ ।

— — — —

## —ଗୀତକଥା—

ଲଳିତା କହିଲେ —କିହୋ, ନବ ଛଇଳ, ଏ କି ଅବସ୍ଥା ତୁମର ? ଚନ୍ଦ୍ର ମୁହଁଟି ତ କାହିଁକି ନିହାତି ଶୁଖିଲା ଦିଶୁଛି ! ଦେହ କଅଣ ସୁଖ ନାଇଁ କି ?

୧ — ଦୂରରୁ ଚାହିଁଲେ ଦିଶୁଛି ସତେ ଯେମିତି ନୀଳ କଇଁଟିଏ ମଉଳି ପଡ଼ୁଛି । ନେଳିଆ ଖସା ଫୁଲ ପରି ସୁନ୍ଦର ନାକରୁ ତୁମର ଖର ନିଶ୍ୱାସ ପକାଉଛ ? କାହିଁକି ହେ, କଥା କଅଣ ?

୨—ସତରେ ଯେବେ ଦେହ ସୁଖ ଲାଗୁନାହିଁ, ତେବେ ଏଠିଟାରେ ଏମିତ କାହିଁକି ବୁଲୁଛ ? ଯମୁନା କୂଳରେ ଏଇ କଦମ୍ବବଣର ଥଣ୍ଡା ପବନଟା ତମ ଦେହକୁ ଅଣନ୍ତନ୍ତ କରିବ ଶ୍ୟାମ !

୩— ଆହା, ମରିଯାଉଥାଏଁ କନା ! ଶୋଇ ପଡ଼ନ୍ତୁ ନାହିଁ ଟିକଏ ହେଲେ ? ଧନବନ୍ତ ଜମା କ'ଣ ତମକୁ ନିଦ ହେଉନାହିଁ କାହ୍ନୁ ? ଆହା,ଲକ୍ଷ୍ମୀ ପିଲାକୁ ଏ ଦଣ୍ଡ ସତେ କିଏ ଦେଲା ?

୪—ଶୁଣିଛି, ସ୍ୱର୍ଗରୁ ସୁନାବରନା ଅପ୍ସରାଏ ନିତି ଏ ବଣକୁ ଫୁଲ ତୋଳି ଆସନ୍ତି । ନଜରରେ ଭୂମର, ସେମାନେ ପଡ଼ିଗଲେ କି ? ସେଇଥିପାଇଁ ସତେ ଆଜି ତମ ମନ-ବେଗ ଗୁଡ଼ି ଯାଉନାହିଁ ?

୫—ଏ ବଣଟା ବଡ଼ ଖରାପ । ଗୋପ-ଜୀବନ-ଧନ, ତମେ ଧନାକେତେ ଆଉ ଏଠି ଚଲାବୁଲା କରନାହିଁ । ( ଶ୍ରୀ ହରିଚନ୍ଦନ ଜଗଦେବ ମହାରାଜାଙ୍କ ) ଜଣାଣ ଘେନ ।

---

## —ଶ୍ଳୋକାଂଶ—

(ଙ) ହାହା ହନ୍ତ ହତାସ୍ମି କେନ ଖଳସନ୍ଦୀକାଣ୍ଡକେଳୋଦ୍ଧଟା—
ଧୂର୍ଯ୍ୟଂ ପର୍ଯ୍ୟୁଷିତୋପୂଜାବଳରୁଚ୍ଚୁ ମାସୀନ୍ନିଧ୍ୱସ୍ତେ ବପୁଃ ।
ନାଥ ବ୍ରୀଡ଼ୟୁ ପଞ୍ଚଷାଣ୍ୟପି ଧନାନ୍ୟଂହ୍ନୋରୁହାକ୍ଷାର୍ଭକାନ୍,
ବାର୍ତ୍ତଂ ନେଦମଖଣ୍ଡ ଶୈତ୍ୟବଭବଂ ମାର୍ତ୍ତଣ୍ଡପୁତ୍ର୍ୟାସ୍ତଟଂ ॥

ଚନ୍ଦ୍ରକାପୀଡ଼ସୁନ୍ଦରେନ୍ଦ୍ର କଟଶୀଭରତଟଚୂଡ଼ାମଣେ ଚାତୁର୍ଣ୍ଣି-ଭଳସକେଳିକଳାକଳାପନ୍ନଳନଳନତାପୁ ବପୁଃଷ ଭବତୋ ଭବନ୍ତି ନ କଂ ହୃତମନ୍ତ୍ରାନ୍ତାଂ ବାହ୍ୟମାତଟପର୍ଯ୍ୟଟନଂ ।

## ଅର୍ଥ—

ଲଳିତା—

କାହିଁକି ହେ ଶ୍ୟାମ !
ଇନ୍ଦ୍ର ନୀଳମଣି ଜିଣି
ସୁନ୍ଦର ସେ ତନୁ,
ମଳିନ ଦିଶୁଛି ଆଜି
ବାସି ହେଲା ନୀଳ କଇଁ ସରି ?
ଦେଖି ସତେ ଦୁଃଖ ଲାଗେ ମନେ ।
ଅଣହାତ ମଣୁଛି ମୁଁ
ଯମୁନା-କୂଳିଆ ଶୀତ ବାଆ ।
ପାଞ୍ଚ ଛଅ ଦିନ ତୁମ୍ଭେ
ଗୋପାଳ ବାଳକ ତୁଲେ
ଗୁଡ଼ୁ ଦିଅ ଖେଳାବୁଲା ଢଙ୍ଗ ।
ହେ ଶିଖୀଚୂଳିଆ, ନବଯୁବକ ପ୍ରଧାନ !
ଦଇବେତ ଅତି ସୁକୁମାର ତୁମ୍ଭେ
ମନେ ଆସେ ମୋର,
କତିଦିନ ଯମୁନା ତଟରେ ଆଉ
ନ ବୁଲ ଏଥର,—
ଯାଉନାହିଁ ଦେହରେ ତୁମ୍ଭର ।
ଶୁଣି ଲଳିତା ବଚନ,
କହିଲେ କହ୍ନାଇ,—

# 'ଚ'

## ଅନୁଚନ୍ତା

ଚନ୍ଦ୍ରକଚୂଳଆ କହିଲେ ସଜନୀ, ମନ୍ତ୍ର ଲୋଡ଼ୁଥିଲି ଯାହା,
ଚଞ୍ଚଳ ଦଇବ କେତେ ଭାଗ୍ୟ ବଳେ ଯୋଗାଇଲି ଆଜି ତାହା !
ଚତୁରୀରେ, ସତେ ଜନମରେ ତୋର ସୁଝି ନ ପାରିବି ଋଣ
ଚୁପି ରଖି ଆଉ କାହାରେ କହିବି ମନର ବେଦନା ଶୁଣ ।

### —ଗୀତ—

ଚାହିଁ ଚାହିଁ ତୋ ସରଣୀ କଳୁଭଳୁ ରେ ତରୁଣୀ
ଚକ୍ରାପିତ ପରି ଥିଲି ବସି,
ଚଳ ମଣିଲି ମୁଁ ତୋତେ, ଚାହିଁ ଯା ଅନ୍ତରକତେ
ଚୁରଚକ୍ଷୁ ମିଶାଇଲୁ ଆସି ରେ,
ଚଳାପାଙ୍ଗୀ !
ଚନ୍ଦ୍ରରୁ ଚପୁଡ଼ି ସୁଧା ଝରି ତରି ତୃଷିତର ମୁଖେ ଭରି,
ଚାତୁର୍ଯ୍ୟ କୃପାଳୁ ନିଧି ରଖିଲୁ କି ପ୍ରାଣ
ଚେନଲି ମୁଁ ଏତେ ସରି କରି ରେ । ୧ ।
ଚେତାଥିଲି ପରି କନ୍ତି ପ୍ରଶାନ୍ତ ତ ହେଉଅଛି
ଚକ୍‌କଣ ତ ଦିଶୁଛି ମୋ ଦେହ,
ଚିହ୍ନି କି ଲାଞ୍ଛନ ସତେ ଚୁମରତକୁରି ମୋତେ
ଚହକାଇ ପଚାରିଲୁ କହ ରେ,
ଚଳାପାଙ୍ଗି !
ଚୂନ୍ଧି ରବନନ୍ଦନାର ଙ୍କାର ଚନ୍ଦ୍ରକାଚମ୍ପୂ ଭୂଷାରସାର
ଚୂରୁ ମାରୁତର ତରୁ-ତଳ ଶୀତଳ ହେତୁରୁ
ଚନାଏ ତ ଖେଦ ନାହିଁ ମୋର ରେ ।୨।

ଚାରି ଦିଗନ୍ତରେ ଘେର          ଚରାଉଥାନ୍ତି ବାଛୁରୀ
ଚୂଳମ୍ପୁକୁଟିଆ ସଖାମାନେ,
ଚରାମର ଶୃଙ୍ଗ          ବେଣୁ ବାଦ୍ୟନାଦ
ଶୁଣୁ ଶୁଣୁ ଶେଷ ହୁଏ ଦିନ ଦିନେ ଦିନେ ରେ
ଚଳାପାଙ୍ଗି !
ଚୁମ୍ବି ବାରୁଣୀ କି ଦିନଦ୍ୟୁତି          ଚପଳେ ଅମ୍ବର ବରଜନ୍ତି,
ଚରମଭାଗ ମୋ ଭାଗ ଲାଗି ନାହିଁ ଭ୍ରମେ ଡର
ଚମକିତ ନାହିଁ ମୋର ଚିତ୍ତ ରେ । ୩ ।
ଚାମୀକର ଚାରୁଶିରୀ—          ମତ୍ତ ସେ କେଉଁ ଅମରୀ
ଚାଖି ନାହିଁ ଦିନେ ମୋ ନୟନ,
ଚମତ୍କାର କଥା ଦେଖି          କପଟ ପେଟରେ ରଖି
ଚୋଟେ ନିକି ନ କହନ୍ତି ଧନ ରେ,
ଚଳାପାଙ୍ଗି !
ଚରାଚର ଚାଳ ଉପମାପୁ          ଚକିତି ଦେଲୁ ମୋ ହୃଦାଶପୁ
ଚରଣ ଯୁଗକୁ ତୋର ବନ୍ଦେ ଅଷ୍ଟ ଦୂର୍ଗେଶ୍ୱର
ଚୈର ନାହିଁ ଥିଲେହେଁ ବଞ୍ଚାଅ ରେ । ୪ ।

ରାଗ – ଚକ୍ରମ ବରାଡ଼ୀ । ତାଳ—ଝିପୁଟା

## —ଗୀତକଥା—

୧—ତୋ'ବାଟ ଚାହିଁ ଚାହିଁ ମୁଁ କାଠପିତୁଳାଟି ପରି ବସି ରହିଥିଲି ସହି ! ଏତିକି ବେଳକୁ ତୁ ମନ ଜାଣିଲାପରି ଅଚାନକରେ ଆସି ଆଖିରେ ଆଖି ମିଶେଇ ଦେଲୁ । ସତେ ଯେମିତି, କାଳ କାଳକର ଶୋଷୀ ତୁଣ୍ଡରେ ତୁ ଚନ୍ଦ୍ରରୁ ଅମୃତ ଚପୁଡ଼ି ତାକୁ ଝୁଆଇ ଦେଲୁ । ଦୟାବନ୍ତି ଚକୁଆ ଲୋ, ତୋ ଆସିବାଟା ମତେ ଠିକ୍ ସେମିତି ଲାଗିଲା ।

୨— ମତେ ତ ଲାଗୁଚି ମୋର ବେଶ ଚେତା ଅଛି । ଦେହ ତ ମୋର ଚକ୍‌କଣ ଦିଶୁଚି । ଆଉ ତୁ କ'ଣ ଏମିତି ବାରି ମୋ ଦେହ ସୁଖ ନାହିଁକି ବୋଲି ପଚାରିଲୁ ମ ? ସତରେ ସୁନ୍ଦରୀ, ଯମୁନା ପାଣି ପିଇ, ଚନ୍ଦ୍ରର ଶୀତଳ କିରଣ ତଳେ ବୁଲି, ସୁନ୍ଦର ପବନ ବାଜି ଗଛ ଗୁଛଇଟି ବଡ଼ ଥଣ୍ଡା ଲାଗୁଥିବାରୁ ଟିକିଏ ଏଠି ବସିପଡ଼ିଥିଲି । ତୋ' କଥା ଶୁଣି ମୁଁ ତାଟକା ହୋଇଗଲି ।

୩—ମଥାରେ ସୁନ୍ଦର ଚୂଳ ବାନ୍ଧି, ସାଥୀ ପିଲାଏ ମୋ ଚାରିପାଖ ଯାକ ବୁଲି ବୁଲି ବାଛୁରୀ ଚରାଉ ଥାଆନ୍ତି । ସିଙ୍ଘା, ବେଣୁନାଦ ଶୁଣୁ ଶୁଣୁ କେତେବେଳେ ମୋ ଦିନ କୁଆଡ଼େ ସରିଯାଏ । ମୋତେ ଜଣା ପଡ଼େ ନାହିଁ । ସୂର୍ଯ୍ୟ ପଶ୍ଚିମରେ ବୁଡ଼ି ଯାଆନ୍ତି ଏମିତି ଦିନେ ଦିନେ । କାହିଁ କେବେ ହେଲେ ତ ମୋ ପିଠିପଟ ମାଡ଼ି ମାଡ଼ି ଚଢ଼ି ନାହିଁ କି ଗୁହଆଁରେ ଦିନେ ହେଲେ ତ ମୁଁ ଚମକଃନାହିଁ ।

୪— ଆଖି ମୋର ଦିନେ ହେଲେ ସୁନାବରନା ଅପ୍‌ସରୀ କେମିତିକା! ବୋଲି ତ ଦେଖି ନାହିଁ । ସଖୀ ମ, ଏତେ ବଡ଼ ତାଟକା କଥାଟାଏ ଦେଖି ମୁଁ କ'ଣ ସତେ ଆଉ ତତେ କହି ନଥାନ୍ତି ? ତୋ' କଥା ଶୁଣି ମନଟା ମୋର ଖାଲି ଧାଣ୍ଡି ଚକଟି ହେଉଚି । ମୋ ଜାଣିବାରେ ମୁଁ କାହାରି କିଛି ଚୋରେଇ ନାହିଁ ତ । ଆଉ ଯଦିବା ସେମିତି କିଛି ହେଇଥିବ, ମତେ ତୁ ବଞ୍ଚାଅ । (ଆଠଗଡ଼ ରାଜା ତୋ' ପାଦତଳେ ପଡ଼ୁଚନ୍ତି)

### ଶ୍ଳୋକାଂଶ

(ଚ) କଲ୍ୟାଣଂ ବଲ୍ଲବାନାଂ ବଗଳତବୟୁସାଂ କଂ ସ୍ୱଦାରୈରୁଦାରୈଃ
କାଚିଦ୍ ବାଳାବଳୀନାଂ ତ୍ରପୂମନୁଭବସି ଦ୍ରବ୍ୟଦଂ ସତ୍ୟସନ୍ଧେ,
ଧନଶ୍ଚିନ୍ତାମଣୀନାଂ ତତିମିବନତଗ୍ଗଂ ତ୍ୱାଂ ପ୍ରପଦ୍ୟାସ୍ମି ତୁଷ୍ଟ—
ସ୍ତିଷ୍ଠଂ ସନ୍ଧ୍ୟାତମାଷା ବଧୂମୁଖି ମମ ଯତ୍ ଯାସି ନେଷାନ୍ତଥିତ୍ୱଂ ॥

କମଦ୍ୟ ଲଳିତେ ଧରଣୀପୃଷ୍ଠତରମସଞ୍ଚାରତରଣ୍ଡବଚ୍ଛ- ଚ୍ଛିଳରବଚ୍ଛକରନକରବ୍ୟତିକରତପ୍ରାଙ୍କୁରକେଦାରଂ ପ୍ରତି ବୃଷ୍ଟ୍ୟେକ ଦୃଷ୍ଟ୍ୟାସ ପ୍ରବଷ୍ଟଂ ସୃତମାସଯ୍ୟା ତ୍ୱୟା ।

**ଅର୍ଥ:—**

ଲଳିତେ ଗୋ,
ସୁଖରେ ଅଛନ୍ତି କି
ବୃଦ୍ଧ ଯେତେ ବ୍ରଜ ଗୋପାଳେ
ଦେନ ତାଙ୍କ
ଉଦାର ସ୍ୱଭାବଶୀଳା
ଗୋପର ଗୋପୀକା ?
ସତେ ଲୋ ସୁନ୍ଦରୀ !
ସୁରଭି ମାନଙ୍କେ ଯାହା
ମିଳିଲା ତୋ ଶୁଭ ଦରଶନ
ମଣିଲି ମୁଁ,
ଦରିଦ୍ର ଲଭିଲା ସତେ
ଏକାବେଳେ କୋଟି ଚିନ୍ତାମଣି ।
ଝର ରବ କରେ
ଜଳି ପୋଡ଼ି ଯାଉଥିବା କ୍ଷେତ୍ର

ମଙ୍ଗଳ ଚଳନ ବେଳେ
ପ୍ରବଳ ବରଷା ଲଭି
ସୁଖେ ଯଥା ତୋଳେ ମଥା ତାର ;
ସେହିମତ —
ଭାଗ୍ୟବଳେ ମୋର
ଆସିଲୁ ଗୋ ଲୋଡ଼ିଲା କାଳରେ ।
ଜାଣୁଛି ମୁଁ
ହେବ ନଷ୍ଟେ ପୂର୍ଣ୍ଣମନୋରଥ ।
ଶ୍ୟାମ ମୁଖୁ ଶୁଣି ଏହି ବାଣୀ
କହିଲେ ଲଳିତା :—

---

## 'ଛ'

### —ଅନୁଚନ୍ଦ୍ରା—

ଛଳେ ନାରୀ ଜାତି ପୁରୁଷରେ ନତ ଜିତି ପରା ଛତି ଠେକେ,
ଛପାଛପି କଥା ନ ପଚେ ତା' ପଚେ ମନେ ପଶି ମୁଖ ଦେଖେ ।
ଶୁଣି ନେଲା ସର କଥାରୁ ଲଳିତା ସହଜେ ସିହାଣୀ ସେ ତ
ଶୁଚି ଶିରୀମୁଖ କହିଲା:—ମୋହନ ଛଦରମ କଥା ଏ ତ ।

### —ଗୀତ—

ଛଳବାହାମାଣ ହେ । ଗୁଡ଼ ଏ ସାହସ ହେ । ପଦ ।
ଛବ ତ ଆବଳ ଦଶେ, ଛପିବାର ଅଛୁ କ ସେ । ୧ ।
ଛଟା କାହା କଟାକ୍ଷର । ଛୁରୀ ହେଲା କ ବକ୍ଷର ! ୨ ।

ହେଳକୁ ତ ତନ୍ୱୀ ବଳି, ଛାତିରେ ଗଲାନି ଗଳି । ୩ ।
ଛୁଟି ଯାଇଛି ଚେତନା, ଛଟପଟ ହେବ ସିନା । ୪ ।
ଛଣା ସୁଧା ପରି ଦିଶେ, ଛୁଇଁ ଦେଲେ ବିଷଟି ସେ । ୫ ।
ଛନ୍ଦ ମନ ତୁମ୍ଭ ଗୁଣେ । ଛ ଦୁଇ ଦୁର୍ଗେଶ ଭଣେ । ୬ ।

ରାଗ-ମୁଖାରୀ । ତାଳ-ଝିପଟା ।

---

## — ଗୀତ କଥା —

୧— କପଟିଆ! ସାହସୀଆ ପଣ କର ଆଉ କଥା ଗୁରାଏ କହ ନାହିଁ । ରୂପ ତ ମଳିନ ଦିଶୁଛି । ଯେତେ ଠକିଲେ କ'ଣ ହେବ ?

୨— ଏକଥା କ'ଣ ଲୁଚେ ? କୋଉ ନାଗରୀର ନୟନ କଟାରୀ ବାଜି ତ ଛାତିରେ ଘାଆ ହେଲଣି କି କ'ଣ ?

୩— କୁନ୍ଦରୁ ଜଳ କର ସେଇ ତନ୍ୱୀ ତମ ଛାତିରେ ଭୁଙ୍କିଗଲାଣି ।

୪— ତମର ଭଲ ମନ୍ଦ ଜ୍ଞାନ ଏଥର ବୁଡ଼ିଯାଇ ଖାଲି ଛଟ ପଟ ହେବ ସିନା ।

୫— ଚାହିଁ ଦେଲେ ଅମୃତ ପରି ସିନା, ବାଜି ଛୁଇଁଲେ ସେ ବିଷଟି !

୬—ତମ ଗୁଣରେ ମନ ମଜାଇ ଆଠଗଡ଼ ରାଜା ଏକଥା କହିଲେ ।

---

## ଶ୍ଳୋକାଂଶ

[ଛ] ଝଙ୍କନାଭନସ୍ତ୍ୱଂ ବହାସ୍ତ୍ୱ ନଟନ୍ତ୍ୱା ମାଲଡସ୍ତ୍ରିଷ୍ଟା ମନ-
ସ୍ତାଞ୍ଚଲ୍ୟାଦ୍‌ବଭ୍ରମେଣ୍ଟ୍ୟୁଦିତକସ୍ତ୍ୱ ଭକନ୍ୟେଣାଞ୍ଚଲୋଦଞ୍ଚନଂ ।
ନୋଚେଦା ବର୍ଧିବଟୋଦସାନ୍ଦ୍ରଦଦଶା ମେଟ୍ୟେଦ୍ଦୃଶଂ ସୁନ୍ଦରୀ
କାନ୍ତା ସଞ୍ଚସ୍ତ୍ୱପଞ୍ଚସାସ୍ତ୍ୱକ କସ୍ତ୍ରୁଷ୍ଟ୍ରେଷ୍ଠାମଡା ମେଷ୍ୟଣ୍ଡ ।

**ମୋହନ ନଷ୍ଟପଟ୍ଟଳୋଦ୍ଭଟମୃଦୁଟମଣେନାଗ୍ନିଃ ସନ୍ତାପମନ୍ତରେଣ ଫଳମିତ ଗ୍ରଷ୍ଟାପୂତେ ତବକୈତବକୁଶଳତାଲତାପୂଃ ।**

**ଅର୍ଥ** :—

ଲଳିତା କହିଲେ :—

ଛଳ ଗୁଡ଼ ଛଇଳ କହ୍ନାଇଁ,
ହୁଅ ହେ ସରଳ,
ଦୂରକର ମନ ଚଞ୍ଚଳତା ।
କହିଦିଅ ମୋତେ ଶ୍ୟାମ,
ନୟନ ସଙ୍କେତେ—
ସେନା କଲ କଥା ମୋର ବୋଲ ;
ନୋହିଲେ ଜାଣିଥା'
କାମିନୀ ମନମୋହନ ଏ ସୁଠାମ ତନୁ
କ୍ଷୀଣ ହେବ ସିନା ମିଛେ,
ମନ ସନ୍ତାପରେ ।
ନାଟୁଆ ନାଗର,
କପଟ ତରୁରେ ଭଲ
ଅନ୍ତର୍ଦାହ ବିନା କହ,
କି ଫଳ ଫଳିବ ଆଉ ?

---

## 'ନ'

### ଅନୁଚନ୍ତା

**ଜାଣନ୍ତୁ ମୋହନ ଜଗି ନାଗ୍ନ ମନ ହନୋଗ୍ନି ଭଣିଲେ ତେଣୁ,**
**ଜପ, ତପ, ଯତ-ମତ-ମୋହନା ସେ କଣୋଗ୍ନତି ଏକା ସେଣୁ ।**

**ଜଭ-ଗଭ ସର, ଦେହେ ଛାନ୍ତ ଭଭ ବେଢ଼ଅଛୁ ମୋରେ ସାଭ,**
**ଜଟିଳା ନୋହୁ ଭୁ ଲଳଚା ସଜମା, ସାହା ହୁଅ ଆହା ଢଭ ।**

—ଗୀତ—

ଜାଣିଛୁ ମୁଁ ଏତେ ମାନ ଗୋ ଲଳତେ,
ଯାହା ଇଚ୍ଛା ତୋର ତାହା କର,
ଜ୍ୱଳନରୁ ବଳ ସେହ୍ୱଦନୁ କେଳ
କରେ, ବଶ୍ୱବଶନାହାକର । ପଦ ।
ଜଣକେତେ ବ୍ରଜଶିଶୁ ଥିଲେ ନଜ ପୁରୁଁ
ଆସୁଥିଲ ଖେଳାଇ ସମଜ,
ଜମ୍ବାରତ୍ତମଣି ଗିଶ୍ୱନ୍ଦ୍ରକୁ କଣିବାର
ପୁରେ ହେଲା ମୋ ନଜର । ୧ ।
ଜାତ କୁରୁବନ୍ଦ ବାତାୟନବୃନ୍ଦ,
ଅନାଇଁ ମୁଁ ଗୃଲୁଥିଲ ମନ୍ଦ ମନ୍ଦ,
ଜଙ୍ଗମ ହେବାର ଜମ୍ବୁନଦ ସାର
ଶୀର ସ୍ଫୁରଲ ସେ କ ପ୍ରକାର । ୨ ।
ଜୀବନଦ-ନୀଳଜଳଜଯୁଗଳ
ବଧୂ ବମ୍ବେ ହୋଇ ବଳାସ ବଲୋଳ,
ଜାତ କଲ ଗର ଜରଜର ଶର—
ନକର ବରଷା ଖରତର । ୩ ।
ଜହରକୁ ଗୋଳ ଦେଲପର ଗିଳ
ଦେହରେ ମୋହର ପୀଡ଼ାଗଲ ବଳ,
ଜୀବନାଶା ଟଳ ଯାଉଅଛି କଳ
ପାରୁନାହିଁ ମୁଁ ମୋ ହୃଦନ୍ତର । ୪ ।

ଜନମନୋହାରୀ ସେ ବଚନ ଶିରୀ,
କାହା ନେତ୍ର-ପାତ୍ରେ ଯାଇନାହିଁ ପୂରି,
ଜଗଦ୍ଦେବ ହରିଚନ୍ଦନ ମୋହର
ନାମ କହୁଅଛୁ ନିରନ୍ତର । ୫ ।

ରାଗ—କେଦାର—ତାଳ-ତ୍ରିପୁଟା ।

———

## —ଗୀତକଥା—

ଲଳିତେ, ଚନ୍ଦ୍ରକିରଣ ମୋତେ ସେହିଦିନରୁ ନିଆଁ ଧାସପରି ଲାଗୁଛି । ମୁଁ ଏତିକି ମାତ୍ର ଜାଣୁଛି, ଏଣିକି ତୋର ଯାହା ମନ ତା' କର ।

୧—ଦିନେ ଘରୁ ମୁଁ ସାଥୀମାନଙ୍କ ସଙ୍ଗରେ ଗାଈ, ବାଛୁରୀ ଗୋଠକୁ ଖେଳେଇ ବୁଲେଇ ଆଣିବା ବେଳକୁ ବାଟରେ ଗୋଟିଏ ବଡ଼ଘର ଦେଖିଲି । ମନେହେଲା ସେମିତି ସେ ଘରଟି ଇନ୍ଦ୍ରନୀଳମଣି ପାହାଡ଼ଠାରୁ ଆଉରି ବଡ଼ ।

୨—ସେଇ ଘରର ଝରକାଗୁଡ଼ିକ ଭଲ ରଙ୍ଗ ପଥରରେ ଗଢ଼ା । ତାକୁ ଚାହିଁ ଧୀରେ ଧୀରେ ଆସୁ ଆସୁ ଘରଭିତରେ ଗୋଟିଏ ବିଚିତ୍ର ଚଳନ୍ତି ସୁନା ( ପ୍ରତିମା )ର ଚହଟ ମୋ ଆଖିରେ ପଡ଼ିଲା ।

୩—ସତ୍ୟ, ଚନ୍ଦ୍ର ଆଉ ପଦ୍ମ ଏକାବେଳରେ ଫୁଟିବା ଅସମ୍ଭବ ସତ, ବାକି ସେଇଠି ମୁଁ ଦୁହିଁଙ୍କି ଏକାଠି ଦେଖିଲି, ବର୍ଷା

ମେଘପରି ନୀଳପଦ୍ମ ଦୁଇଟି ଯେମିତି ଚନ୍ଦ୍ରମଣ୍ଡଳ ଭିତରେ ଛଳ ଛଳ ହେଉଥିଲା । ଆଉ ସେଥିରୁ ବିଷବୋଳା ଶରଗୁଡ଼ିଏ ବର୍ଷାପରି ବାହାରି ଆସି ମୋତେ କଲବଲ କରି ପକାଇଲା ।

୪—ବିଷକୁ ଗୋଳକରି ପିଇଲେ ଯେମିତି କଷ୍ଟ ହୁଏ, ସେଇ ଶର ମୋ ଦେହରେ ବାଜି, ତା' ଠାରୁ ବଳକରି ପୀଡ଼ା ଦେଲା । ମୋର ଯେମିତି ଆଉ ଜୀବନର ଆଶା ନାହିଁ । ହୃଦୟ ଭିତରଟା ଯେ କଅଣ ହୋଇ ଯାଉଛି, ମୁଁ କହିପାରୁ ନାହିଁ ।

୫—ସେ ମନୋହର ବଚନ ଶୋଭା ଦେଖି ଭଲା କାହା ଆଖି ପୂରି ଉଠି ନାହିଁ ?

ହରିଚନ୍ଦନ ଜଗଦ୍ଦେବ ସବୁବେଳେ ମୋ ନାମ ସ୍ମରଣ କରୁଚନ୍ତି ।

---

## ଶ୍ଳୋକାଂଶ

**ତ୍ୱତ୍ସ୍ନେହଜାଭ୍ୟଦସ୍ମିନା ତ୍ୱପ୍ସି ନାପଦେଶଃ**
**ସଂସ୍କୃଶ୍ୟତେ ମମ ହୃଦା କଥୟାମି ତଥ୍ୟଂ**
**ବସ୍ତ୍ରୁକମସ୍ତ୍ୟସିତ ସୌଧଲସଦବଳାସଂ**
**ତଦ୍ ବୀକ୍ଷଣାଦ୍ଗଦ ଶଦ୍ଧୃଶ ଉଲ୍ଲଲାସ ।**

**ସହଚରି ଲଲତେ, ଝମଲଜଲଦଲନୋପଲପ୍ରାସାଦଚୂଳ-ଚେଲ-ବଲ୍ଲିସ ଖେଳାଲେ଼ଲଲେ଼ଚନେନ ମୟା ପିଷ୍ଟପୋଲ୍ଲସ୍ଟ-ଚେଷ୍ଟା-ଝଶିଷ୍ଟା କାଚନ କାଞ୍ଚନମୟୀ ସଞ୍ଚାରିଣୀ ପାଞ୍ଚାଳକା ତଦଧଃ ସମୀ-ଷସ୍ମନୋପକଣ୍ଠେ :ପତ୍-ପ୍ରଭୃତ୍ୟବଲେ଼କ ଚତ୍ପ୍ରଭୃତେ୍ୟତାଦୃଗ-ବସ୍ଥେନ ମୟାଗ୍ଲୀସ୍ମତ ଇତି କେବଳଂ ଜାନାମି ।**

**ଅର୍ଥ** :—

ସ୍ନେହ ତୋର ଏକା ମୋର
ଆନନ୍ଦ ସର୍ବସ୍ୱ ।

କପଟ କରିବ କାହା ପାଶେ ?
ସତ୍ୟ ମୁହିଁ କହୁଚ ଲଜତେ !
ଇନ୍ଦ୍ରନୀଳମଣି ଗଢ଼ା
ନବରରେ ସଖି !
ଖେଳୁଥିବା
ଅଜଣା କାହାରେ ଦେଖି
ଜାତ ହେଲା ଅଙ୍ଗେ ମୋର
ଏ ବିଷମ ବ୍ୟାଧି ।
ଉଡୁଥିଲା ବଇରଖ ସେ ନବର ଶିଖେ,
ଗୃହିଁ ତାକୁ ଗୃଲୁ ଗୃଲୁ ବାଟ
ଚମକ ଉଠିଲ ଦେଖି
ସେ ନବର ବାତାୟନ ପଟେ,
ଅପରୂପ ସୁନ୍ଦରୀଏ ;—କନକ ବରଣୀ
ଗଲା ଗୃଲ ଆଖିର ପଲକେ ।
ସେହି ଦିନୁ—
ସବୁଦିନୁ ସଖୀ ସତେ
ଘଟିଛି ଏ ଦୁରୁଦଶା ମୋର
ଏତିକ ମାତ୍ରକ ଜଣା ମତେ ।

---

## '୯'

### —ଗୀତ—

ଝଗଡ଼ା ମାନ ହେଲ ହେ ଶ୍ୟାମ ।
ଝିମିଟ ହେବାକୁ ସହସ୍ରେ ଯାମ । ପଦ ।

ଝାଉଁଳବା ନବ ତମାଳ ରମା, ଝିକ୍କିଆଣି ଅଙ୍ଗ କଲଣି ଜମା । ୧ ।
ଝଡ଼ବ ବଳ କୋମଳ ଗୁଣ୍ଡରୁ, ଝଷଧ୍ୱଜ ଝାଞ୍ଜି ପୀଡ଼ା ତାଣ୍ଡରୁ । ୨ ।
ଝୁମି ଝୁମି ଲୁଚି ପୁଟେଷ୍ଟୁ ରସାର, ଝୁରିବାର ଏକା ହୋଇବ ସାର ।୩।
ଝଳ ପାଞ୍ଚାଳୀ ଝଟକେ ନାହିଁକ ? ଝୋଲ୍ ମାଇଲ ତୁମ୍ଭଙ୍କୁ କାହିଁକ ? ।୪।
ଝଲକ ଗଲ କୃଷ୍ଣ ଅକାରଣେ, ଝାଡ଼ଖଣ୍ଡରସା ବାଦସା ଭଣେ ।୫।

ରାଗ—ଝିଂଝୋଟି । ତାଳ ଝୁଲ

---

## —ଗୀତକଥା—

ଲଳିତା କହିଲେ :—

ଶ୍ୟାମ ମିଛଟାରେ ତମେ ଧନ୍ଦା ହେଉଚ ସିନା ! ତମକୁ ଖାଲି ମୁହୂର୍ତ୍ତକ କାଳ ହଜାର ରାତିପରି ଲଗିବ ।

୧—ଲୁଏଁ ଲୁଏଁ ନିଜ ଦେହକୁ ଝାଉଁଳ ପଡ଼ିଥିବା ଗଜା ତମାଳ ପରି କଲଣି ।

୨—ଏଣିକି କନ୍ଦର୍ପ ପୀଡ଼ା ତମକୁ ଝାଞ୍ଜି ପବନ ପରି ବାଧିବ । ଗୁଣ୍ଡରୁ ତମର ବଳ ଓହରିଯିବ ।

୩—ତମେ ନିଶା ଖାଇବା ଲୋକ ଭଳି ଭୂଇଁରେ ଗଡ଼ି ଝୁରିବାଟା ସାର ହେବ ସିନା, ନୋହିଲେ ଆଉ କିଛି ଫଳ ନାହିଁ ।

୪—ସୁନା ପିତୁଳା କ'ଣ ଟିକେ ଟିକେ ଦିଶେ ନାହିଁ ଯେ ତମକୁ ଏଥିପାଇଁ ଝୋଲ୍ ମାରିନେଲା କାହିଁକି ?

୫—ଝାଡ଼ଖଣ୍ଡ ଆଠଗଡ଼ର ରାଜା କହିଲେ "କୃଷ୍ଣ, ତୁଚ୍ଛାଟାରେ ତମେ ଝଲକ ଗଲ ସିନା ।"

---

## —ଶ୍ଲୋକାଂଶ—

**ଝଙ୍କଃ ଶାଙ୍କଣଶଙ୍କଶରଚନ୍ଦ୍ରଗୁଟେସ୍ବପୀଡ଼୍ୟ ଝମ୍ପଂ ସ୍ମୃଧା,**
**ମର୍ତ୍ତ୍ୟଃ କ୍ୱାପି ସୁଧାମମୁଞ୍ଚ ଵସୁଧାଲୋକେ ପିବତ୍ୟାତୁରଃ ।**

**ବ୍ୟର୍ଥଂ ପ୍ରାର୍ଥନୟା କଦର୍ଥୟସି ମାଂ ଗତ୍ୱା ଦୁରାଶାଂ କଥଂ,**
**ସା କିଂ ମଦ୍‌ବଶମେତି ହନ୍ତ ବପୁଷସ୍ତାରାଧିକା ରାଧିକା ।**
**କେଶବ, ଲୂତାତନ୍ତୁବଳପୂବାଗୁରାବଦ୍ଧଃ କଣ୍ଠୀରବରାଜୀବ**
**ରାଜୀବଲୋଚନା ସାସ୍ତାଦୃଶୀଭବଶୀକର୍ତ୍ତୁମଶକ୍ୟା ।**

**ଅର୍ଥ—**

ବଗୁରିଲ ଘନଶ୍ୟାମ !
ଏ ଜଗତେ ଦେଖିଛ କି କାହିଁ
ପର୍ଣ୍ଣଚନ୍ଦ୍ର ଛପୁଡ଼ି, ବାମନ
ମେଣ୍ଟାଇଛି କ୍ଷୁଧା ସୁଧା ପିଇ ?
ଅକାରଣେ ଅସମ୍ଭବ କଥା ପୋଷି ମନେ
କାକୁତି ମିନତି ସିନା କରୁଛ କହ୍ନାଇ !
ବୁଢ଼ିଆଣୀ ସୂତା କାହିଁ ବାନ୍ଧୁଛି ସିଂହକୁ ?
ଅସମ୍ଭବ ଆଶା ।
କମଳ-ନୟନା ରାଧା,
ଭୁଲିବକି ଆମ୍ଭରି ବଚନେ ?
ଧରା ଦେଲେ ଦେଇପାରେ
ଆକାଶର ତାରା,
ହେଲେ ; କିଶୋରୀ କି ଧରାଦେବ
କଥାରେ ମୋହର ?

---

## ‘୩୩’

## ଅନୁଚନ୍ତା

**ନୀଳଇନ୍ଦ୍ରବର ନୟନ ଦଳରୁ ଝରଇ ଲୋତକ ଧାର,**
**ନୟନରେ ଅତି ନୀଚ ଜନ ସବ ; ଧର ଗୋପଗୋଇ କର ;**

**ନବଘନଶ୍ୟାମ କହିଲେ—ଲଳିତା, ଭରସା ନଭସା ସଖି,**
**ନସାନ ଘନରୁ କଣାଏ ମାତର ବାର ମୁଁ ଉହିଚ ଟାକ ।**

**—ଗୀତ—**

ନ ଭଙ୍ଗରେ ଶୁଭଙ୍ଗି, ଘରଣ ହୁଅ ସାହା । ପଦ ।
ନୋହିଲେ ତୁ ପରିତ୍ରାଣ, ନିର୍ଦ୍ଦୟ ଅତନୁ ବାଣ
ନିଃଶେଷ କଲାଣି ଦେହ ଲାହା । ୧ ।
ନୀପକୁଞ୍ଜ ଉପକଣ୍ଠେ, ନ୍ୟସ୍ତ କରାଅ ମୋ କଣ୍ଠେ
ନାଗରୀନ୍ଦ୍ର ନିରୂପମ ବାହା । ୨ ।
ନେତ୍ରାନ୍ତ ବିଳାସ ତାର, ନିଦାନ ଏ ଅବସ୍ଥାର,
ନିରେଖି ଉଚ୍ଚାରୁ ଥରେ ଆହା । ୩ ।
ନିଷ୍ଠୁର ଏ ଚେନ ଚିତ୍ତେ, ନ ଜାଇବ କଦାଚିତେ,
ନ ବତାଇଲେ ତୁ ସୁଖ ରାହା । ୪ ।
ନାଥ ଅଷ୍ଟଦୁର୍ଗର ସେ ନତି ସେ ମୋ ପଦେ ଭଜେ
ନିନ୍ଦବଟି ନ କଲେ ତୁ ତାହା । ୫ ।

ରାଗ—ତୋଡ଼ି (ମିଶ୍ର) ତାଳ—ଏକତାଳି

---

**—ଗୀତକଥା—**

ଶ୍ରୀକୃଷ୍ଣ କହିଲେ—ସୁନ୍ଦରି ! ଟାଳି ଦେ'ନା ମୋ କଥା । ଟିକଏ ମୋର ସାହା ହୁଅ !

୧—ତୁ ମୋର ସହାୟ ନୋହିଲେ ନିଷ୍ଠୁର କନ୍ଦର୍ପ, ବାଣ ବିନ୍ଧ ମୋ ଦେହର ସାର ନିଗାଡ଼ି ଦେବ ।

୨—ସଖି, ଏ କଦମ୍ବ ବଣ ପାଖରେ ସେ ନାଗରୀ ଶିରୋମଣିର ଅତି କମନୀୟ ବାହୁ ଦୁଇଟିକ ମୋ ଗଳାରେ ଲମ୍ବାଇ ଦେ ।

୩—ତାହାରି କଟାକ୍ଷ ଭଙ୍ଗୀ ଏକା ମୋର ଏ ଅବସ୍ଥାର ମୂଳ କାରଣ । ଏଇତକ ଦେଖି ସେ ଖାଲି ଥରେ 'ଆହା' ପଦକ କହୁ ।

୪—ସତେ ସଖୀ, ତୁ ମତେ ଯେବେ ମୋ ସୁଖର ବାଟ ନ ବତେଇବୁ, ମୁଁ ଆଉ କେବେ ହେଲେ ଜାଇ ପାରିବ ନାହିଁ । ଏକଥା ତୁ ନିଶ୍ଚିତ ବୋଲି ଜାଣ ।

୫—ଆଠଗଡ଼ ରାଜା ନିତି ମୋ ପାଦ ସେବା କରୁଛ । ତୁ ଏତକ ନ କଲେ, ସେ ନିନ୍ଦା କରିବେଟି ।

## —ଶ୍ଳୋକାଂଶ—

**ଦୃଷ୍ଟାଂ ନବ୍ୟାଂ ଭବ୍ୟାଂ ଚଲୁଣି ଚରଣିଂ ଚେ ମୃଦୁଗିରଂ ।**
**କରିଷ୍ୟେ କନ୍ଦର୍ପାଂମ୍ବୁନିଧିଚରଣାପ୍ୟେଚ୍ଛ୍ୟହମିହଃ ।**
**ସ୍ମିତାଯାଣା ନାସାନିଳଲବ ବଳାସାପ୍ୟ ନଳୁତାଂ**
**ତ୍ବଷା ସାଙ୍ଗମ୍ ଭଙ୍ଗମ୍ ନ ନପୂ ବହିରଙ୍ଗମ୍ ନ କୁରୁ ମାଂ ॥**
**ନୋଚତ୍‌ଂ ସଖି, ସାଧାରଣେତର ସୁଖସୌଧୋଦ୍ଧ୍ୱ ସଞ୍ଚାରିଲ୍ଲୋଳା-ବ୍ୟଭ୍ର ସାହସିକସ୍ୟ ମମାଶାଧିରୋହଣୀହରଣଂ ।**

ସଜନୀରେ !
ବଚନ ତୋ ମଧୁରୁ ମଧୁର,
ନଉକା ସେ ମୋର ସଖୀ,
ପାରି ହେବ ମଦନ ସିନ୍ଧୁ କୁ ବୋଲି
ମନାସିଛି ମନେ ।
ଅନୁସରି ତୋରେ ଗୋଷ୍ଠୀ,
ଲଙ୍ଘିବ ସାଗର ।
ତୁଷି ମୋ ଆଶାକୁ ଆଉ ନଦଅ ବନାଶି.
ପର ପରି କରି ମତେ ।
ହରି ଯେନ ନାହିଁ ସତେ,
ସୁଖର ସଉଧଚଢ଼ା ଆଶାର ନିଶ୍ରେଣୀ ।

—୦—

# 'ଟ'

## ଅନୁଚନ୍ତା

**ଟାଳି ଦେଇ ଶ୍ୟାମ କାକୁତି ମିନତି ଲଳିତା କହଇ ବାଣୀ**
**ଟାକର ଖାଇବା ବହୁତ ଏଥର ସାର କର ସାଧିଲଣି ।**
**ଟୀକା ଲେଖାଇବ କଳଙ୍କିମା ବୋଲି ଶିରେ ବନୋଦମା ସଇ,**
**ଟମକ ବାଜବ ନଗର ବଜାରେ ତୁମ ଗୁଣଗଣ ଗାଇ ।**

### —ଗୀତକଥା—

ରାଗ—ପେଡ଼ ; ତାଳ-ରୂପକ

ଟାଣ ପଣ କର ସାର,
ଟିକାଏ ମଦନ କଦନକୁ ସହି ସଦନକୁ ବିଜେ କର ।୦।
ଟଙ୍କାର କି ଶ୍ରବସରିକ ବାସବ କୋଦଣ୍ଡକୁ ଚଣ୍ଡଧନୁ ।
ଟାଣି ବନ୍ଧେ ଶମ୍ବ ସଦୃଶ କଳମ୍ବ ତୁମ୍ଭଙ୍କୁ ଏକା ଅତନୁ ? । ୧ ।
ଟେକି ଏ ସୁନ୍ଦର ଶ୍ରୀମୁଖଟି ପରଦ୍ଧରବୁଡ଼ା ଫରମାସ,
ଟିକାଏ ହେଲେ ଯେ ହୃଦୟ ସରୋଜେ ନୋହିଲ ହାସ ବିଳାସ । ୨ ।
ଟେକା ଟେକି ମୋତେ କର ନାନାମତେ ତୁମ୍ଭ କାମନା ପୂରିବ,
ଟାଣ ଖୁଣ୍ଟା ଗୁରୁଜନ ଗଞ୍ଜଣାରୁ ମୋ ପ୍ରାଣସଖୀ ସରିବ । ୩ ।
ଟପା ଥିବା ଗୁରୁ ବଚନୁ ଗୋଚର ଯେତେ ସମାଚାର ଗୋପେ,
ଟିପିଦେଲେ କଂସ ଆଗେ କେ ନୃଶଂସ ନନ୍ଦ ବନ୍ଦୀ ହେବେ ତୋପେ ।୪।
ଟାକନ୍ତି ସୁଧାଂଶୁକଳାକୁ ଆକାଶୁଁ କରିବାକୁ ପାଣିଗତ ।
ଟୀକାପୁଟିତ ଅଷ୍ଟାଦୁର୍ଗରେ କହଇ ଶ୍ୟାମ ଏ କି ଆଚରିତ ? । ୫ ।

ଲଳିତା କହିଲେ :—

ଶ୍ୟାମ, ଆପଣା ଟାଣପଣକୁ ଏମିତି ସାର ଦିଅନାହିଁ !
କନ୍ଦର୍ପର କଷଣକୁ ଟିକିଏ ସମ୍ଭାଳି ଘରକୁ ଚାଲିଯା’ ।

୧—ଆଚ୍ଛା ! କହିଲ, କାନ ପର୍ଯ୍ୟନ୍ତ ଟାଣିକରି କନ୍ଦର୍ପ ତା’ର ପ୍ରପଞ୍ଚ ଧନୁରୁ ବଜ୍ର ଭଳିଆ ଶର ଖୁବ୍ ଯୋର୍‌ରେ କ’ଣ ତମକୁ ଏକା ବିନ୍ଧୁଛି ?

୨—ଏତେ ଏ ସୁନ୍ଦର ମୁହଁଟି ତମର, ତାକୁ ଟେକି କେମିତି ଭଲି ତମେ ପରଘରବୁଡ଼ା କଥା ଫରମାସ କରୁଛ ? ମନ ତମର ଟିକିଏ ହେଲେ ଦବି ଯାଉନାହିଁ ?

୩—ତୁମେ ଏଣେ ମତେ ଟେକାଟେକି କରି ତମ ମନ କାମନା ପୂରାଇବ, ତେଣେ ସଖୀ ମୋର, ତା ଶାଶୁ ନଣନ୍ଦ ଗଞ୍ଜଣାରେ ସରିବ ! ବାଃ, ବେଶ୍ ବିଚାର ତ !

୪—ଜାଣିଛ ନାଁ ? ଗୋପର ଯେତେକ କଥା ସବୁ କଂସ କାନକୁ ଯାଉଚି ; ଦୂତମାନେ କଂସକୁ ଗୋଚର କରାଉଛନ୍ତି । କେହି ଖଚୁଆ ଯଦି ଏକଥା କଂସ କାନରେ ପକାଏ ତେବେ ତମ ବାପା ନନ୍ଦରାଜା କଂସ ବନ୍ଦୀଶାଳାରେ ପଡ଼ିବେ ।

୫—ଆଠଗଡ଼ର ଗମ୍ଭିରି ସାଆନ୍ତ କହୁଚନ୍ତି :—କୃଷ୍ଣଚନ୍ଦ୍ର, ଆକାଶ ଚାନ୍ଦ ଧରିବାକୁ ତମେ ଆଶା କରୁଚ—ଏ ତମର କଉଳିଆ ଆଚରଣ କହିଲ ।

---

## ଶ୍ଳୋକାଂଶ

**ଯାବନ୍ତୋ ବଳସନ୍ତ ଯୌବତମନଶ୍ଚୌରାଃ କଶୋରାଃ ପୁରେ
ପଞ୍ଚସ୍ତେଷୁ ସମୁଦ୍‌ସୃଜନ୍ ଭୃତପତଃ ପ୍ରକ୍ଷ୍ୱେଡ଼ନାନ୍ କୌସୁମାନ୍,**

**ବାହାବାହବିଚୂର୍ଣ୍ଣକଂ ତ୍ୟଜଂତି କଂ ଭୟେ୍ୟବ ଭଜ୍ୟାଶୟେ**
**ହା ହା ଶମ୍ବରଦମ୍ଭଡମ୍ବରଭର ଲମ୍ଭାନ୍ କଳମ୍ଭାନ୍ ମୁହୁଃ**
**କେନ ବାଦ କିଶୋରେଣ ବଲ୍ଲିବନଗର୍ଯ୍ୟା ମଚ୍ଛକୁଚ୍ଛେମ ବନ୍ୟସ୍ତ**
**କାଞ୍ଚିସ୍ବରଶୁବିମସୃଷ୍ଟି କାଃ କୃତିନା କତ ନାବଲୋକ୍ୟନ୍ତେ ।**

**ଅର୍ଥ—**

ଲଳିତା—ଭଲ ତ କହିଲ କାହ୍ନୁ,
ଯୁବତୀ ମାନସଗ୍ଭେର
ରସିକ ନାଗର,
ଗୋପ ପୁରେ ଅଛନ୍ତି ଯେତେକ,
କୁସୁମର ଶର
ତାଙ୍କୁ ବାନ୍ଧଇ କନ୍ଦର୍ପ ।
ଆଜ, ଠଉରାଇ ତୁମ୍ଭଙ୍କୁ ମୋହନ
ସରଳମତି, ସେ
ରଚି ବାହୁଯୁଦ୍ଧ
ବଜ୍ରଶରେ କରଇ ଜର୍ଜର ?
କହିଲ ମୋହନ !
ଗୋପେ ଯେତେ ଚତୁର କିଶୋର
ନୟନେ ସେ ଦେଖୁ କି ନାହାନ୍ତି କେବେ
ପ୍ରାସାଦ ଉପରେ କେତେ ସୁନାର ପିତୁଳୀ ?

ଶୁଣି ଏତେ, —

# 'ଠ'

## ଅନୁଚିନ୍ତା

**—ଠଣାମାର ନିଜ ମନ୍ଦିର ମଧ୍ୟରେ କହିଲେ ମୁରଲୀଧର :—**
**ଠୁଳେ ହେଲେ ଥରେ ସିଞ୍ଚିଲୁ ନାହିଁ ତ କରୁ ତୋ ଅମୀସୁଧାର ।**
**ଠଉର କରି ମୁଁ ବାରନ୍ତି ଲଳଟେ, ଭୁଞ୍ଜ ଏକା ମୋର ଗତି,**
**ଠସା ତୋ ପଦକ ନ ଜାଣି ପଦକ ମଣିବ ସେ ଗଜଗତି ।**

### —ଗୀତ—

ଠିକ-ଠ ବର୍ତ୍ତୁଳ ଚନ୍ଦ୍ରାନନା, ତୋ ଚରଣରେ ପଦ ।
ଠକଶାଠ ନ ଆଚରି    ମୋ କଦନକୁ ବିଚାରି
ଅକପଟ ସାଣବଧି ଉଚିତ ରେ । ୧ ।
ଠଣା ଠୁକ୍କି ତାପ ସାସ,—    ମୁକ୍ତେ ମନମଥ ପାଶ—
ବନ୍ଧନ କର ତୁ ପରା ମୋ ଚିତ ରେ । ୨ ।
ଠଉରାଇ ଅବସର,    କଲେ ତୁ ପ୍ରସଙ୍ଗ ମୋର
ଯିବ ରାଜାବନେସାକୁ ରୁଚିତ ରେ । ୩ ।
ଠୋ କରି ଛୁଣ୍ଡାଇ ଦେ'ନା,—    ପ୍ରିୟସଖି, ମୋ ବେଦନା,
ନ ଲଗଇ ନିକ ତତେ ହେଲେ କାଞ୍ଚିତ ରେ । ୪ ।
ଠାରି ଦେଲେ ନେତ୍ରାଞ୍ଚଳେ,    ବିଜନ ସ୍ଥଳେ ସେ ବଳେ,
ବରାଜବ ଷଣ୍ଣୁଚି ଉଚିତ ରେ । ୫ ।
ଠାକୁର ଠାକୁରାଣୀଙ୍କ    ପଦାମ୍ବୁଜ-ଧ୍ୟାନରଙ୍କ,
ନୃପ ଜଗଦ୍ଦେବ କରେ ରଚିତ ରେ । ୬ ।

ରାଗ - ତୋଡ଼ି ତାଳ ରୂପକ

## —ଗୀତକଥା—

୧—ଶ୍ରୀକୃଷ୍ଣ କହିଲେ, ଚନ୍ଦ୍ରମୁହିଁ, ତୋ ମୁଖ ଠ ଅକ୍ଷର ଭଳି ଗୋଲ୍‌କାର, ତହିଁରୁ ଠକପଣିଆ ଛାଡ଼, ମୋ ଦୁଃଖ ବିଚାର କର,—ମୁଁ କପରି ଏ କଷ୍ଟରୁ ରକ୍ଷା ପାଇବି । ଅକପଟ ହୃଦୟରେ ତାହାର ବାଟ କରିବା ଉଚିତ ।

୨—ସଖି ! ମଦନ ମତେ ଯେଉଁ ଭୟ ଦେଖାଉଛି, ତା' ମୁଣ୍ଡରେ ଠଣାମାରି ତୁ ମୋତେ ତାର ପାଶ ବନ୍ଧନରୁ ମୁକ୍ତକର ।

୩—ସହି, ବେଳ ଦେଖି ତୁ ମୋ କଥା ପକାଇଲେ ପଦ୍ମନୟନା କଶୋଗ୍ନି କ ନଷ୍ଟେ ତାହା ରୁଚିଯିବ ।


୪—ସଖି, ଆମ ଦୁହିଁଙ୍କ ସମ୍ପର୍କ ପ୍ରସଙ୍ଗକୁ ତୁ ଠୋ କରି ଛିଡ଼ାଇ ଦେନା । ମୋ ଦୁଃଖ କଅଣ ତୋତେ ଟିକଏ ହେଲେ ବାଧୁ ନାହିଁ ?

୫—ତୁ ଖାଲି ଟିକଏ ଆଖି ଠାରିଦେଲେ, ଚଞ୍ଚଳାପଙ୍ଗୀ ସୁନ୍ଦରୀ ରାଧା ବଳେ ଏକୁଟିଆ ସ୍ଥାନରେ ପହଞ୍ଚି ଯିବ । ଠାକୁର ଠାକୁରାଣୀ ଅର୍ଥାତ୍ ଶ୍ରୀକୃଷ୍ଣ ଓ ଶ୍ରୀମତୀଙ୍କର ଶ୍ରୀଚରଣ ଧ୍ୟାନରଙ୍କ ଆଠଗଡ଼ର ରାଜା ଏହା କହିଲେ ।

### ଶ୍ଳୋକାଂଶ

**ଏଣୀଦୃଶଃ ପ୍ରିୟସଖୀ ପ୍ରିୟବାଦମା ତେ—**
**ତ୍ୟାଗଛନେନ ସଦୃଶୀଙ୍କ ବଣାଇଦେନ୍ତ ;**
**ବଶ୍ୟାସନଃସ୍ୱହୃଦୟନ୍ତ୍ୱମପାସ୍ୟ ଭୁଭ୍ୟମ୍**
**ଯଚ୍ଛ୍ରୋତତେ କୁରୁ ସୁରୁପବଣ୍ଣିତ ବଚ**

**ଦୁର୍ଗତଜନବର୍ଗୋପକାରଜନ୍ୟପୁଣ୍ୟଯଶୋଽପବର୍ଗ-**
**ନର୍ଗତାଲସନସର୍ଗା ସ୍ତ୍ରି ଦୟାଳବୋ ଦୁବସ୍ୟାଳବଃ ।**



"ଓଡ଼କ ବିକଳ ସାର, କଳାକାହ୍ନୁ ! କି କରି ହେବି ମୁଁ ସାହା ?"

—ଲଳିତା—

**ଶ୍ରୀକୃଷ୍ଣ**—ସଜନୀରେ !
ଆକୃତିରୁ ପ୍ରକୃତି ବିଗୁର ।
ଏତେକ କମନୀୟ ରୂପ ଧରିଛୁ ସୁନ୍ଦରୀ !
ପୁଣି, କୁରଙ୍ଗୀନୟନା ରାଧା
ସହଚରୀ ତୁହି ,—
ସ୍ୱଭାବେ ମଧୁଭାଷିଣୀ ଚତୁରୀ ଲଳିତା,
ବିପତ୍ତି ଉପୁତ୍ତି କାଳେ
ରଙ୍କର ତୁ ସଞ୍ଚିତ-ରତନ ।
ସହଜ କୃପାଳୁ ଜନେ
ନିଶ୍ଚିତରେ ପରଉପକାରୀ,
ଦୁଃଖୀ ଦୁଃଖ ନପାରନ୍ତି ସହି ।
ତେଣୁ ଲୋ ସୁନ୍ଦରି,
ଅନୁସରି ରହିବି ମୁଁ ତୋରେ
ଯାହା ଇଚ୍ଛା ତୋର, କର ତାହା ।

---

## 'ଓ'

## ଅନୁଚନ୍ତା

ଓହକ ନଆଁକୁ କର ବଢ଼ାଉଛ ଫୋଟକାଟି ଗ୍ରିଡପଳ
ତାକ ମୁଁ କହୁଛୁ—ବୋଇଲ ଲଳିତା, ହୃଦେ ମଧୁ ମୁଖେ ଛଳ ;
ଓଅଁର ମଝିରେ ଜାଣୁ ଜାଣୁ ଆପେ ମେଲି ଦେଲ ହୁଲି ନାଆ
ଓହକ ଝଳଲ ଯାଉ, କଳାକାହ୍ନୁ ! କ କଉ ହେବ ମୁଁ ଯାହା ?

## —ଗୀତ—

ଡର ନାହିଁ କ ହେ ପର ତରୁଣୀ ହରଣୁ ;

ଚୋର ଲଗି ଘେର ପଡ଼ିବ ଯେ ହେବ ଘୋର ପର ଆଚରଣୁ ।ପଦ।
ତୋଳା ପ୍ରତିମାକୁ ପରାୟେ ତୁମ୍ଭଙ୍କୁ ଯଶୋଦା ଅଛନ୍ତି ପାଳି,
ତୁଚ୍ଛବତି ଧନ କେଳକ ମୋହନ ଲୋଡ଼ୁଛ ଯେ କୁଳପାଳି । ୧ ।
ତକା ଦେବା ହେନେ ଅଚେଷ୍ଟ ଉତ୍ତାନେ ଦେଖିଛୁ ଶକଟ ଦଶା,
ତାକ ମଧ୍ୟମାକୁ, ତାକ୍ୱ ଆଣିବାକୁ ଏଠାକୁ କାହା ଭରସା । ୨ ।
ତବ ତବ ବାରି ନିଃସରିବ ଗୁରି ପ୍ରହରେ ନୟନ ଯୁଗୁଁ ,
ତହ ତହ ହେବ ମୃଦୁ ଅବୟବ ଶ୍ୟାମ ଶ୍ରୀଅଙ୍ଗଟି ଘେଗୁଁ । ୩ ।
ତାକ ତ ଜାଣ ମୋହନ, ବଂଶୀରବେ ହର ସୁଖେ ଏ ବନେ,
ତୁଇଁ ହେବୁ ସିନା ଆମ୍ଭେ ଫଳ ବିନା ନ ପଡ଼ୁ ତା ଆମ୍ଭ କାନେ ।୪।
ତାଳମ୍ବମଞ୍ଜି-ମଞ୍ଜୁଳଦଶନା ସେ ଖେଳୁଥାଉ ତୁମ୍ଭ ଭୁଲେ,
ତେଉଁଥାଅ ବନଯାକ ତୁମ୍ଭ ମନ ଶ୍ରୀହରିଚନ୍ଦନ ବୋଲେ । ୫ ।

ରାଗ — ଆଶାବରୀ । ତାଳ — ଆଡ଼ତାଳି

## —ଗୀତକଥା—

ଲଳିତା କହିଲେ—କାହ୍ନୁ, ପରନାରୀ ହରଣ କରିବାକୁ ମନରେ ଠିକଏ ହେଲେ ଡରଭୟ ନାହିଁ ? ଜାଣିଚ ନା ? ଏଇଭଳି ଆଚରଣରୁ ତୁମେ ଦଉଡ଼ିରେ ବନ୍ଧା ହେବ ।

୧—ମାଆ ଯଶୋଦା ତାଙ୍କର ନୟନପିତୁଳି କରି କେତେ ସରାଗରେ ତମକୁ ପାଳିଛନ୍ତି, ତମେ ପୁଣି କୁଳନାରୀଙ୍କ ମହତ ଉଜାଡ଼ିବାକୁ ଲୋଡ଼ୁଛ ? ଯଶୋଦାଙ୍କର ସେ ସ୍ନେହର ଧନ ବୁଡ଼ିଯିବ ସିନା !

୨—ଇନ୍ଦୁଡ଼ିଶାଳରୁ ତ ତମ କଥା ଭଲ ଜଣା ଅଛି । ଚିତ୍ ହୋଇ ଶୋଇ ତକାପାରିଲ ବେଳେ, ତମେ ଶକଟାସୁରକୁ ମାରିଛ

ପଶ୍ର ! ଏଇ ଆଖି ସେକଥା ଦେଖିଛୁ । ସେଥିରେ ପୁଣି କଟି-
ମଧ୍ୟମା (ରାଧା) କୁ ଏଠିକି ଡାକି ଆଣିବାକୁ କାହାର ବହପ
ପାଇବ, କହିଲ !

୩—ତମ ସାଥିରେ ମିଳନ ଘଟିଲେ ଏଇ ସୁନ୍ଦର ଶ୍ୟାମ ଅଙ୍ଗ
ବେଗରେ ତାଙ୍କର ଭରି କଷ୍ଟହେବ, କୋମଳ ଅଙ୍ଗ ଡହ ଡହ
ତାତିବ । ରାତି ଗୃହପହରି ଯାକ ବଗୃଷ୍ଟ ଯାତନାରେ କଲବଲ
ହେବ, ଆଖିରୁ ଡବ ଡବ ହୋଇ ଲୁହ ଝରିବ ।

୪—କାହିଁକି ? ତମକୁ ତ ବଂଶୀ ସ୍ୱନରେ ଡାକି ଆସେ । ତମେ
ତାଙ୍କୁ ଡାକି ଆଣୁନାହିଁ ? ମୋ ଦେହ ସେ କାମ ହେବନାହିଁ ।
ତା' ଛଡ଼ା ମୁଁ ଦେଖୁଛି, ବଂଶୀ ବଜାଇଲେ ବି କିଛି ଫଳ
ହେବ ନାହିଁ । ସେ ସ୍ୱର ଆମ କାନରେ ନ ପଡ଼ୁ କି ଆମେ
ଉହକବକଳ ନ ହେଉଁ ।

୫—ଆଉ ଯଦି ବା କିଛି ଫଳ ଫଳେ, ତେବେ ସେ ଡାଳିମ୍ବଦନ୍ତୀ
ଏଠିକି ଆସି ତମ ସଙ୍ଗେ ଖେଳୁଥାଉ, ତମେ ମନ ଇଚ୍ଛା ଏ
ବଣରେ ଡ଼ିଆଁ ମାରୁଥାଅ ।

ଶ୍ରୀ ହରିଚନ୍ଦନ ଏଇକଥା କହିଲେ ।

## ଶ୍ଲୋକାଂଶ

**କଂସଃ ପୁଂସାଂ ନୃଶଂସାନାଂ ବତଂସଃ ଶାନ୍ତି କାଶ୍ୟପୀମ୍,**
**ଦୁଷ୍ଟଥେ ଧନନଃ ସୂନୋ କଥଂ ଯାସ୍ୟ ଧ୍ୱଗାନତାମ୍**

**ଅକର୍ଣ୍ଣାର୍ଣ୍ଣକୋଦ୍ରଗୀର୍ଣ୍ଣକଲ୍ଲୋଳମାଳାଦୋଳତସ୍ତ୍ୱମପି କଂ ପୁନସ୍ତରୁଣି ତରଣିତ୍ୱମୁଷାକରଣୀୟମିତ୍ୟୁପଦଶ୍ୟ ମାମପି କୁଳ-କୂଳଦଦକ୍ଷାଂ ବଧାସ୍ୱ ମଜ୍ଜୟିତୁଂ ବସ୍ତୁବମାଦ୍ଭସେ ।**

**ଅର୍ଥ :—**

ଲଳିତା—ଜାଣିଛ ତ ନଟବର !
ନିଷ୍ଠୁର ନୃଶଂସ କଂସ ରାଜା ।
ଧନବନ୍ତ ଘର ପୁଅ ତୁମ୍ଭେ
ଅବାଟେ କାହିଁକି ଭଲି
ଯାଇ ମନ କର ?
ସହଜେ ତ ଭାସୁଛ ଆପଣେ
ଅପବାଦ ସାଗର ତରଙ୍ଗେ,
ମୋତେ ପୁଣି—
ନଉକା ତୁ ହୁଅ ବୋଲି
ଦେଇ ଉପଦେଶ,
କୂଳରୁ ଦୂରକୁ ଠେଲି,
ବସ୍ତ୍ରର କାହିଁକି ବାନ୍ଧ
ସେହି ଅପବାଦ ମାରେ
ବୁଡ଼ାଇବ ବୋଲି ?
ଶୁଣି ଏତେ ଲଳିତା ମୁଖରୁ
କହିଲେ ଶ୍ରୀକୃଷ୍ଣ :—

---

—ଅନୁଚନ୍ତା—

**ତମାଳ ମଣିଲୁ ଏବେ ଦେଖିଲେ ମୋର ମିନତିକୁ ବୃନ୍ଦମୁହିଁ !**
**ତୋକ ଗିଳିବାକୁ ଚଳେ ଜଳ ନାହିଁ କହୁଛୁ ତୋ ତନୁ ଛୁଇଁ ।**
**ତାଳ ଶିର କାହ୍ନ ବୋଇଲେ ଲଳିତା ଏତେ ଉପକାର କର**
**ତୋଳ ବାଜଯାଉ କଣୋଗ୍ର-ଉପୂର-କ୍ଷୋଯୂର ଭଣରେ ମୋର ॥**

# 'ଢ'

## —ଗୀତ—

ଢାଳେ ତ ଢାଳିଲୁ ନାହିଁ କୃପାସୁଧା ଝରିକ ରେ । ପଦ ।
ଢକା ବାଜୁଥାଇ ବ୍ରଜେ ଲଳିତାର ହୃଦାମ୍ବୁଜେ,
କରୁଣା ଅଛି ବୋଲି ଯା ନେଲି କେ ତା ହରିକ ରେ । ୧ ।
ଢୋଳାଇଲି ପରି ଢଳ · ତଳେ ପଡ଼ି ଯିବା ଭଳି,
ହେଲିନ ଯେ କୁନ୍ଦକଳଦଶନା ଏ ସରିକରେ । ୨ ।
ଢୁକାଇ ଦେଲେ ତୃଷିତ ଚକୋର ଚଞ୍ଚୁରେ ଶୀତ-
ଭାନୁ ଚନ୍ଦ୍ରିକାକୁ ବଢ଼ ଯାଏ କଛି ସରିକରେ । ୩ ।
ଢୋକୁଟିକୁ ଯିନା ହଟି, ମୋ ସାର ଯାଉଚ ଭୁଟି
ପିଇ ଧ୍ୱାନ୍ତକ ଗୋଟିଯାକ ସେ କଣୋଗିକରେ । ୪ ।
ଢବାଢନାବରୁ ଗୋପ- ନଗରିର ବନ୍ଦେ ଭୂପ
ବାଲୁକେଶ ଦେବ ଦ୍ୱୀପ-କୁଞ୍ଜ ପୁଞ୍ଜ ସରିକରେ । ୫ ।

## —ଗୀତକଥା—

ଲଳିତେ, ଏତେ ନେହୁରି ହୋଇ କହିଲି, ତେବେକେ ଟିକିଏ ହେଲେ ତୋର ଦୟା ହେଲି ନାହିଁ, ( ତୁ କରୁଣା ଅମୃତ ବାର ଢାଳିଲୁ ନାହିଁ ? )

୧—ଲଳିତା ହୃଦୟରେ ଦୟା ଅଛି ବୋଲି ଗୋପପୁରଠା ସାରା ଢୋଲ ବାଜୁଛି, ଏବେ କିଏ ତାକୁ ହରଣ କରି ନେଲି କି ସହି ?

୨—ରେ କୁନ୍ଦଦନ୍ତ ! ଝିମାଇ ଢଳି କରି ତଳେ ପଡ଼ିଯିବା ଭଳି ମୋ ଅବସ୍ଥା ହେଲଣି, ଅନି ।

୩—ଶୋଷିଲା ମୃତକ ମୁହଁରେ, କଣାଏ ଚନ୍ଦ୍ର କିରଣ ପିଆଇ ଦେଲେ କଅଣ ସମ୍ପତ୍ତି ସରିଯାଏ ?

୪—ମୁଁ କଅଣ ସତରେ ଗୋଟିକ ଯାକ ସେ କଣୋଗିକ ପିଇ ଦଅନ୍ତି କି ? ଢୋକଟାକ ଆଶାରେ ମୋ ବଳ ହଟିଯାଉଛି ସିନା !

୫—ଯେଉଁ କୋଠାଘରର ଝରକା ଭିତରେ ଶ୍ରୀକୃଷ୍ଣ ରାଧାଙ୍କୁ ଦେଖିଥିଲେ ସେହିଠାରୁ କଦମ୍ବକୁଞ୍ଜ ଯାକ ପର୍ଯ୍ୟନ୍ତ ସମସ୍ତ ପଥକୁ ବାଲୁକେଶ ଦେବ ବନ୍ଦନା କରୁଛନ୍ତି ।

## ଶ୍ଳୋକାଂଶ

**ସ୍ପୃଷ୍ଟଂ ସ୍ପୃଷ୍ଟଂ ମୟୋଚ୍ଚୈଃ କଥିତମକପଟଂ ସ୍ପଷ୍ଟମାକର୍ଣ୍ଣ୍ୟ ଭୂୟଃ,**
**ପାୟଂ ପାୟଂ ଚ ଦୃଷ୍ଟ୍ୟା ମମତନୁମତନୁ ସ୍ଫୁର ନାବଚଭନ୍ମାମ୍ ;**
**ସାନୁକ୍ରୋଶେନ ସାନୁଗ୍ରହମଦଦ ମମ ପ୍ରାଣବତ୍ତ୍ରାଣନୋକ୍ତା—**
**ସିକ୍ତାଂ ଭୁକ୍ତାଂ ତଧାପ୍ୟୁ କ୍ଷିପସି ସୁମୁଖି କିଂ ରୋଷରୂଷଂ କଟାକ୍ଷମ୍ ।**

**ମୀନାଙ୍କଙ୍କପଙ୍କଦୁନାମ୍ନଃ କଣ୍ଠମାର୍ତ୍ତିସ୍ୟ ବକ୍ଷସ୍ୟେ କାର୍ତ୍ତସ୍ବର-ଗୌରାଙ୍ଗୀଭବଦକାରୁଣିକହୃଦୟବୃତ୍ତିଭୂମୁଖନିସ୍ୱତ ଇତି ବ୍ରୁବତ ଜଶୋଦଶିରୋମଣୌ ସସ୍ମିତରୁତଂ ଲଲତା ।**

**ଅର୍ଥ :—**

ଶ୍ରୀକୃଷ୍ଣ—ପ୍ରିୟସଖୀ,
ଘେନ ମୁହିଁ ଅଛି !
ତେଣୁ ମନ ଖୋଲି,
ଦୁଃଖ ମୋର କରିଛି ବୟାନ ।
ସ୍ପୃଷ୍ଟ ଶୁଣି ମୋର,
ପୁଣି

ସ୍ୱଚକ୍ଷୁରେ ନିରେଖି ମୋ ତନୁ ;—
କନ୍ଦର୍ପ କରଇ ଯାରେ ଶରେ ଖଣ୍ଡ ଖଣ୍ଡ,—
ନାଶକରୁ ଅବହେଳେ—
ଜୀବନର ଉତ୍କଣ୍ଠା ମୋହର
ହୋଇ ତୁ କୋପୀନି ?
କାହିଁକି ରେ ହେମଗୋରି !
କାମ-ବାଣ ସନ୍ତାପିତ ଆରତ ରକ୍ଷଣେ
ତୋସରି ସୁନ୍ଦରୀ ସତେ
ଏଡ଼କି ନିର୍ଦ୍ଦୟ ?
ବାଣୀ ଶୁଣି,
ଦର ହସି ଭଣିଲେ ଲଳିତା :—

---

## 'ଣ'

## ଅନୁରକ୍ତା

**ଅବୁଝା ପଣରେ ସବୁଛ ତ ଶ୍ୟାମ, କେତେ ବୁଝାଇବ ଆଉ ?**
**ଅକାରଣେ ତୁମ ମନ ରଖିବାକୁ ଯିବ, ଯାହା ପଛେ ହେଉ ।**
**ଅକଲ ନଥିବା ଜନପରି ସିନା ତା ଆଗେ କାଢ଼ିବ କଥା**
**ଅକଡ଼ ମଣିଲେ କଶୋଷ ତ ଭଲେ କଟିବ ଲଳିତା ମଥା ।**

**—ଗୀତ—**

ଅତସୀ କୁସମସମ ଶ୍ୟାମ ହେ ମୁଁ ଗଳିଛି । ପଦ ।
ଅଳି ଭ୍ରମର ନିବଡ଼ ଅସହ୍ୟ ହୁଏ ସେ ବଡ଼
ଅବଶ୍ୟ ତା ସମ୍ମୁଖରେ ମୁଁ ନିବେଦନ କଲିଛି । ୧ ।

ଅଧ ଅଧରରେ ସ୍ମିତ ଉଲ୍ଲାସି ହେଲେ ଲକ୍ଷିତ
ଉହ୍ୟବ ଏହ୍ୟ ଟି ବୋଲ କୃପାକଳ୍ପ-ବଲ୍ଲୀଟି । ୨ ।
ଆରକତ କଲେ ମୁଖ ଅଖଣ୍ଡ ସୁଧା ମୟୂଖ,
ଆବୁର ସରବ ମୋର ଖାଇଲେ ହେଁ ମଲଟି । ୩ ।
ଅଦୃଷ୍ଟବକୁଁ କଣୋଖ ଅଙ୍ଗୀକାର କଲେ ସର
ଅଭାବେ ଉଚ୍ଛନ୍ନ ହେବ ଏ ବଲ୍ଲବ ପଲ୍ଲୀଟି । ୪ ।
ଉଗ୍ର ନିର୍ଦ୍ଦେଶ ନୃପର ଉପବନ ଗୋପପୁର
ଆଶ୍ରୟ ନୋହିବ ଗୋବର୍ଦ୍ଧନ ଗିରିଦରୀଟି । ୫ ।
ଅଷ୍ଟଦୁର୍ଗନାଥ ଭଷେ ଆହା, ଧାନେ କ ଶୋଭ ସେ
ଅଖିଳଜନନୀ ନାସା ମୃଗମଦକଲଟି । ୬ ।

## —ଗୀତକଥା—

ଅତସୀ ଫୁଲ ବର୍ଣ୍ଣ ହେ ଶ୍ୟାମସୁନ୍ଦର, ମୁଁ ଏବେ ଯାଉଛି ।

୧—ଏଣେ ତୁମର ଠାଣୁଆଁ ଅଳ, ତେଣେ ଶ୍ରୀମତୀ ତ ମହାଅସହଣୀ । ଦୁ କୂଳ ଜଗିବାରେ ବଡ଼ ହରବର ହେବା କଥା । ହେଉପଛେ, ମୁଁ ତମ କଥା ମୁକୁର ତା (ଶ୍ରୀମତୀ) ଆଗେ ବାଢ଼ିବ, ତେଣିକି ଦେଖାଯିବ ।

୨—ଯେବେ ତମ କଥା ଶୁଣି ତା ଚଳଚଞ୍ଚଳରେ ହେଲେ ଟିକିଏ ଲାଜୁଆ ହସ ଫୁଟିବ, ଜାଣିବ ତେବେ କଳ୍ପଲତାର ଅନୁଗ୍ରହ ହେଲା ।

୩—ଆଉ ଯେବେ ତା ଚୁନ୍ଦମୁହଁଟି ରଙ୍ଗ ପଡ଼ିଯିବ ମୋ ମହର ତେବେ ଦୁ'କଡ଼ାର ହୋଇଯିବ । ଏଭଳି ଅବସ୍ଥା ହେଲେ ମୁଁ ଖାଇ ଥାଉଥାଉ ମଲି ବୋଲି ଜାଣ ।

୪—ଭାଗ୍ୟକୁ ଯେବେ କିଶୋରୀ ମୋ କଥାରେ 'ହଁ' ଭରି ଦେଲା, ତେବେ ତ ଭଲ । ନୋହିଲେ ଏ ଗୋପପୁର ଉଚ୍ଛନ୍ନ ହୋଇଯିବ ସିନା !

୫—ରଜା (କଂସ)ର ତ ନିହାତି କଠୋର ଆଜ୍ଞା, ଏ କଥା ଯେବେ ତା କାନକୁ ଯିବ, ଏ ଗୋପପୁର କି ଗୋବର୍ଦ୍ଧନ ପର୍ବତ, କୋଉଠି ହେଲେ ଆଉ ଠାବ ମିଳିବ ନାହିଁ ।

୬—ଆଠଗଡ଼ ରାଜା କହିଲେ—ଜଗତମାତାଙ୍କ ନାସାର କସ୍ତୁରୀ କଳି ଧ୍ୟାନ ଦୃଷ୍ଟିରେ କେଡ଼େ ସୁନ୍ଦର ଦିଶେ !

## ଶ୍ଳୋକାଂଶ

ଯାମି ପ୍ରଶ୍ନପମନୁକୂଳୟିତୁଂ ପ୍ରସନ୍ନେ—
ତ୍ୱେତଃ ସଂବେଗୁତପସୋଦରଲୋଚନାୟାଃ,
ସାମିପ୍ରସନ୍ନମପିଚେତଦଭବଂ କୃତାର୍ଥା,
ନୋ ଚେଲ୍ଲଭାସ୍ୟବଧିବକ୍ଷଶଂ ମତଦେବ ।

ନନ୍ଦନନ୍ଦନ କର୍ଣ୍ଣିଚିଲ୍ଲାଧବଲବସ୍ୟାଯୂଂପ୍ରିତୌ ଲମନ୍ତୁଭୂପ୍ୟ ଭୁପ୍ୟଷ୍ଟ୍ୟନ୍ନୁକ୍ଷସୁନ୍ଦରେନ୍ଦ୍ରସନ୍ଦର୍ଶନକନ୍ଦଳତାନନ୍ଦସନ୍ଦୋହାନୁଭବ-ମନ୍ଦାଦରସ୍ୟା ବାମସ୍ୟା ଭବ୍ୟମିତ ନବେଦ୍ୟ ନସ୍ତୁମ୍ୟ ସବଧଂ ଶ୍ରୀରାଧାୟାଃ ପ୍ରବଶ୍ୟ ତାଂ ପ୍ରତ ।

**ଅର୍ଥ :—**

ଲଳିତା—ବ୍ରଜ ଯୁବରାଜ,
ଯାଉଛି ମୁଁ, ରଖି ତୁମ୍ଭ କଥା ।
ପ୍ରାଣପଣେ କରିବି ଯତନ —
ବହୁମତେ,

କୃତାର୍ଥ ହେବ ମୁଁ କାହ୍ନୁ,
ଲଭେ ହେଲେ ହେବ ଯେବେ କଶୋଗ୍ର ପ୍ରସନ୍ନା ।
ଅନୁରାଗ ଭୃଙ୍ଗ ପ୍ରତି ରଖିବ ଯଦ୍ୟପି
କମଳନୟନା ରାଧା,
ନବଗୃହ ମନେ ତାର ଆନ ।
ନାହିଁ, ଯେବେ ହେଲ ମୁଁ ନିରାଶ,
ଜାଣିରଖ କାହ୍ନୁ !
ଆଜଠାରୁ ମୋର
ଇଚ୍ଛା ହେଲା ହେରିବାର
ଚନ୍ଦ୍ରମୁଖ ତବ ।
ଶ୍ୟାମ ନଟବର !
ହେଲେ ହେଉ
ହେଟ ମଥା ମୋର ;
ଆଦରେ ବରିବ ତାହା
ଭୃଙ୍ଗର ମନବାସନା ସିଦ୍ଧ ହେବାଲାଗି ।
ନତୁ ହେ ଗୋବିନ୍ଦ !
ତୁଟିବ ଉତ୍ସାହ ମୋର
ଫିଟିବ ଭରସା ।
କି ସୁଖରେ ଆଉ ସତେ
ନିରେଖିବ ଶ୍ୟାମ ମୁଖଶ୍ରୀର ?

# 'ତ'

## ଅନୁଚିନ୍ତା

**ତୁରନ୍ତରେ ଯେବେ ବୃନ୍ଦବା ଦରବ ନେଡ଼ା ମାତରକେ ପାଇ,**
**ତରୁଣ ପଲ୍ଲବ ପରାଏ ସେ ଇଙ୍ଗ ଦ'ଦନକୁ ସିନା ଥାଇ ।**
**ତରକଣା ତେଣୁ କର ସାର ଆଗେ ମୋହନ ମନ ଗହ୍ୱଡ଼ା**
**ତଞ୍ଜଲବାପାଇଁ କଶୋଶ୍ୱ ମାନସ ଲଳିତା ହୋଇଲା ଛୁଡ଼ା ।**

### —ଗୀତ—

ତୋ ଯେନ ତମାଳ ଶ୍ୟାମ ମୋ ମରଜ କଷିଲା ରେ
ତଥାପି ତ ତଳେ ହେଲେ ତୋ ସ୍ନେହେ ନ ରସିଲା ରେ । ପଦ ।

ତଳେ ବସନ ପ୍ରସାରି, ତୃଣ ଦଶନାନ୍ତେ ଧରି,
କହିଲେ ହେଁ ଅନୁସରି, ରାଜ ତ ନ ହସିଲା ରେ । ୧ ।

ତହୁଁ କି ବିଷମଶ୍ରବ ତର୍କିଲା ମୋ ଗୃଠ ଶ୍ରବ—
ତଠକୁ ଘଠନ୍ତେ ଅବଧାନ ବିନା ହସିଲାରେ । ୨ ।

ତପନଜାତଟକୁ ତୁ, ତରୁଣୀଠା କେଉଁ କୁତୂ—
ହଳରୁ ଆସିଲୁ ହେତୁ, କହ ବୋଲି ଘୋଷିଲା ରେ । ୩ ।

ତାର ତୋର ସୁଲୋଚନା ତାରତମ୍ୟ ବିବେଚନା
ଲବ ହୋଇ ନାହିଁ ତହିଁ, ତୋ ଚିତ୍ତ ତ ରସିଲା ରେ । ୪ ।

ତିରସ୍କାର ପୂର୍ବ ଭାଷା, ତରଳାଇ ସୁଖ ଆଶା
ତୋଟିକି ଚୁମ୍ବିଲା ତୃଷା, ତିମିର ବିଳାସିଲା ରେ । ୫ ।

ତୁଚ୍ଛସ୍ନେହମନ ଜନ, ତୋ ସଙ୍ଗକୁ କି ଭାଜନ
ପ୍ରସନ୍ନ ହରିଚନ୍ଦନ ଜଗଦ୍ଦେବ ଭାଷିଲା ରେ । ୬ ।

## —ଗୀତକଥା—

ଲଳିତା କିଶୋରୀଙ୍କ ନିକଟରେ :—

ସଖୀରେ, ତୋ ଲାଗି ତମାଳ ପତ୍ରପରି ଶ୍ୟାମଳ (ବର୍ଣ୍ଣ) ଶ୍ୟାମ ମୋ ମନ୍ତ୍ରଣାକୁ କାନ ଦେଲା । ହେଲେ ମଧ୍ୟ ; ତୋ ପ୍ରତି ଟିକିଏ ହେଲେ ତା ମନ ଟଳିଲା ନାହିଁ ॥

୧—ଭୂଇଁରେ ଲୁଗା ପାରି, ଦାନ୍ତରେ ତୃଣ ଧରି କେତେ ଅନୁସରଣ କଲି, ନତିବେଳେ ସେ ରାଜ ହେଲାପରି ଜଣାଗଲା ନାହିଁ ।

୨—ମୋ ଗୃହଁକୁଥା ତା କାନରେ ପଡ଼ିବା ମାତ୍ରେ ସେ ତାକୁ କେମିତି ଓଲଟା ଅନୁମାନ କଲା । ମନ ତ ଦେଲା ନାହିଁ ଟିକିଏ ହେଲେ, ଆହୁରି କଥାଟାକୁ ମୋର କେମିତି ହସରେ ଉଡ଼ାଇ ଦେଲା ।

୩—ମୋତେ କହିଲା :—ଯୁବା ସ୍ତ୍ରୀଟାଏ ତୁ, କାହିଁକି, କେଉଁ କୌତୁକ କରିବାକୁ ଯମୁନା କୂଳକୁ ଆସିଲୁ , କହ ।

୪—ସତେ ଲୋ କିଶୋରି ! ଟିକିଏ ତୁ ବିଗୃରିଲୁ ନାହିଁ—ସେ କେତେ ବଡ଼,— ତୁ କେତେ ଶ୍ରେଷ୍ଠ ! କେମିତି ମ ସତେ ତା ଆଡ଼କୁ ମନ ଢାଳିଦେଲୁ ?

୫—ତା ଗାଳିମନ୍ଦ ଶୁଣି ମୋର ସବୁ ସୁଖ ଆଶା ଚୂନା ହୋଇଗଲା, ତଣ୍ଟି ଶୁଖିଗଲା । ଚଉଦିଗ ଅନ୍ଧାର ହସିଗଲା ମୋତେ ?

୬—ହରିଚନ୍ଦନ ଜଗଦ୍ଦେବ ଆଶ୍ରିତ ଲୋକ । ସେ କହୁଛନ୍ତି—ଯାହା ମନରେ ଟୋପାଏ ହୋଇ ଶରଧା ନାହିଁ, ସେ କି କେବେ ତୋ ସାଙ୍ଗକୁ ଯୁଗତ ହୋଇପାରେ ?

## ଶ୍ଳୋକାଂଶ

ଗୁପ୍ତାଂ ତ୍ୱଦ୍‌ଭୁଜଦଣ୍ଡ ହେମଲତୟୋରାଶ୍ରିତ୍ୟ ନିତ୍ୟଂ ସ୍ଥିତାଂ,
ପାପ୍ତାନ୍ତ ମଧୁନାପି ତନ୍ୱ ଭବଗ୍ଣ ଉଲ୍ଲାଧିକୋଲ୍ଲାସବାନ୍‌,
ଆସ୍ୱାଦଃ ସଖି କେବଳଂ ଫଳମଭୂତ୍‌ ବାଧାପ୍ୟସାଧାରଣୀ,
ତେତସ୍ୟାବରଭୂନ୍‌ଚଭୂବ ନ ପୁନସ୍ତୁଲ୍ଲାନସୋଲ୍ଲାସନଂ ॥
ଦୃଷ୍ଟ୍ୱା କଦାଚିଦ୍‌ଭବଦାପ୍ୟାଶ୍ଳିଷ୍ଟସିନ୍ଧୌ ସମୃଦ୍ଧାୟାମପି
ବନ୍ଧ୍ୟା ତ୍ୱମୁତ୍ପତ୍ସ୍ୟତେ କଲ୍ୟାଣକଲ୍ୟାଃ ।

—**ଅର୍ଥ** :—

**ଲଳିତା**—ଶ୍ରୀମତି ଗୋ !
ଗୁଇ ପରି, ଏ ଲଳିତା
ଚିର ଅନୁଗତା ତୋର ।
ବାଧୁଛି ରେ ଧନି, ମୋତେ
ହେଲାରୁ ଗୌରବ ହାନି ।
ରକ୍ଷା କର ମୋତେ ସଖି !
ପରିଶ୍ରମ ମାତ୍ର ହେଲା ସାର !
ଲାଭ ହେଲା—
ଜୀବନରେ ନସହିଲା ଭଳି ଯେତେ କ୍ଳେଶ
ହେଉ ପଛେ-
ତାହା ମଧ୍ୟ ଆଦରେ ବରନ୍ତି ;
ଆଆନ୍ତା କ ତଳେ ହେଲେ
ଆଶା ତୋର ପୂରିବା ଭରସା ।
ତେଣୁ,
ବସୁଛି ସଜନି ରେ,

ଯେବେ ଅବା ଭାଗ୍ୟବଳେ
ପୂରେ ତୋର ମନର କାମନା,
ପରିଣତି ନୁହେଁ ହିତକର ।

## 'ଥ'

### —ଅନୁଚନ୍ତା—

**ଥାଳ ପାତ୍ର ସଙ୍ଗେ ରୁକ୍ମିଣୀ ଚଳାଏ ସଜାଗାଇ ପଥଗୁହ୍ନି,**
**ଥରେ ଆଶା, ଥରେ ନିରାଶା ଦୋଳାରେ ଦୋଳ-ଖେଳୁଥାଏ ରାଇ ।**
**ଥଣ୍ଟରେ ଖବର ନ ଦେଲା ଲଳିତା ଅନୁନୟେ ପଡ଼ି ତାର**
**ଥନ ଥନ ମାରି ନୟନେ ଭରାଇ ପଦ୍ମରେ ଥରକୁ ଥର :—**

### ଗୀତ

ଥାପିରେ କହ ତଥାପି, ରେ ପ୍ରିୟସଖି !
ଥିବ କି ଛାଡ଼ିବ ପ୍ରାଣ । ପଦ ।

ଥିଲା ପରି ସ୍ନେହ, ଲାଗିଲା କି କହ,
ଅଛି କି ତୋତେ ମୋ ରାଣ । ୧ ।
ଥକାଇ ତୁ କହୁ କହୁ ଧୃତି ରହୁ,
ନାହିଁଟି ମୋହର ଜାଣ । ୨ ।
ଥୋକାଏ ମୋ ପ୍ରୀତି- ବାଧିକ ସମ୍ମତି
କଲେ କି ମୋ ପରିତ୍ରାଣ । ୩ ।
ଥରେ ହେଲେ ବଙ୍କ, ହେବ ମୋତେ ନଙ୍କ
ବଜାଇବ ପଞ୍ଚବାଣ । ୪ ।
ଥୋଇ ହୃଦେ ଛଳ ନ କର ବିକଳ
କହେ ଅଷ୍ଟଦୁର୍ଗରାଣ । ୫ ।

ରାଗ — ହିଂଝୋଟି, ତାଳ—ଆଠତାଳି

## — ଗୀତକଥା —

ଶ୍ରୀମତୀ କହିଲେ ଲଳିତାଙ୍କୁ—ସଖୀ ! ମୁଁ ବଞ୍ଚିବି କି ମରିବି ମୋତେ ଠିକ୍ କରି କହ ।

୧—ତୋତେ ମୋ ରାଣଟି, ମୋଠାରେ ତାଙ୍କର ସ୍ନେହ ଥିଲା ପରି ତୁ ବାରିପାରିଲୁ କି ନାହିଁ ?

୨—ତୁ ଅଙ୍ଗେଇ ଅଙ୍ଗେଇ ହୋଇ·କଥା କହୁଛୁ ଯେ, ମୁଁ ଆଉ ଧୈର୍ଯ୍ୟ ଧରି ପାରୁନାହିଁ ।

୩—ତୁ ତାଙ୍କ ପାଖରେ ଆମ ମିଳନ ଲାଗି ଯେଉଁ ଉପାୟ ବାଢ଼ିଲୁ, ସେଥିରେ ସେ କଅଣ ଟିକିଏ ରାଜି ହେଲେ ନାହିଁ ?

୪—ଥରେ ହେଲେ କେମିତି ତାଙ୍କ ପାଦରେ ଜୀବନଟାକୁ ବିକି ଦିଅନ୍ତି ! ତା ନ ହେଲେ କନ୍ଦର୍ପ ମୋତେ ଆଉ ବଞ୍ଚାଇ ବ କି ?

୫—ଅନ୍ତରରେ କପଟ ରଖି ମୋତେ ଆଉ କଲବଲ କରି ପକା'ନା' । ଅଷ୍ଟଦୁର୍ଗ (ଆଠଗଡ଼)-ରାଜା ଏକଥା କହିଲେ ।

## — ଶ୍ଳୋକାଂଶ —

**ପ୍ରିଛସୁଭଗମୁଖଃ ଶିଖଣ୍ଡମୌଳିବନ୍ଧ କମ୍ବୁଗ୍ରକୁଚବାନ୍ ମଦଙ୍ଗସଙ୍ଗମ୍,**
**କଥୟ ସଖି ଯଦା ଭୃଣାୟ ମେନେ ବପୁରଥକଂ ବିସୃଜାମି ଧାରୟାମି ॥**
**ସହଚରୀ ଲଳିତେ ! ବନ୍ଧସମ୍ପ୍ରତିସମ୍ପୃକ୍ତ ମୃଣମନ୍ତ୍ରେଣ ବଳମ୍ବମନବଲମ୍ବ୍ୟ**
**ବ୍ରୂହି ସବିଶ୍ରମ୍ଭଂ ଜାନାମି ବା କତିଦିନାନ୍ୟଥବାତା ଚିନ୍ତ୍ରଶାଖିଶାଖାୟା-**
**ମୁଦ୍ବନ୍ଧନମଙ୍ଗୀକରିଷ୍ୟାମି ।**

**ଅର୍ଥ .—**

**ଶ୍ରୀମତୀ**—ସତ କହ ସଜନୀ ରେ,
ଶୀଖଣ୍ଡଚୂଳିଆ ଶ୍ୟାମ
ଘେନଲେଟି କିବେଦନ ମୋର ?
ତୁଚ୍ଛ ତ ନାହାନ୍ତି ମଣି
ଅଙ୍ଗ ସଙ୍ଗ ପରସଙ୍ଗ ମୋର ?
ରଖିବ ନା ତେଜିବ ପରାଣ ?
କପଟ ନରଖି ଚିତ୍ତେ,
ଉତ୍ତର ନକରି, କହ ମୋତେ ।
ତମାଳ ଡାଳରେ
ଘେନ ଗଳାରେ ମୋ ରଜ୍ଜୁ
ହାରିବ ପରାଣ ?—
ଅବା ବଞ୍ଚି ମୁଁ ରହିବ ଆଶ ଧରି ?
ଭାଷିଲେ ଲଳିତା ତହୁଁ—

—o—

'ଧ'

## ଅନୁଚିନ୍ତା

ଦରଶେ କଣୋ୍ଆ ନୟନୁ ଝରଇ ଦରଦର ନୀର ଧାର
ଦରଦୀ ସଖୀ ତ ଲଳିତା କିବର ଦମ୍ଭ ଧରିପାରେ ତାର ?
ଦ'ପଦ ମାତର କହିଛି ଲଗାଇ—ନାହିଁ ବୋଲି ଶ୍ୟାମ ପ୍ରୀତି
ପାପ ଲଭିସବି ହେରିମୁଖଶୀର କହେ ଗୁଡ଼ କୂଟ ନୀତି ॥



"ଘାପ ଲାଗିବାର, ଦେବର ମୂର୍ଖ ଶୀର କହେ ଗୁଡ଼ କୁଟମାତ"

—ଲଳିତା—

## ଗୀତ

ଦୁଃଖିଧନ ! ଦୁଃଖମୟ ନକର ସରସ ମନ,
ଦମ୍ଭ ଦେଖିବାକୁ ସିନା କଲି ଛନ୍ଦ । ପଦ ।
ଦୂରୁଁ ମୁଁ ଯିବାର ଜାଣି ହରି, ଦରିଦ୍ର ନଧିଲଭିଲା ପରି,
ଦ୍ୱିଗୁଣ ଆଦରେ ପ୍ରମୋଦନଦରେ ମଜ୍ଜି ଘେନ ଗଲେ କର ଧରି ।୧।
ଦୟା ଜର ଜର କରି ଚିତ୍ତ, ଦନ୍ତବାସେ ରଖି ଦରସ୍ମିତ,
ଦଶବାର ଅନାମୟ ମୋତେ ଘେନାଘେନ କରି ପଚାରିଲେ ମିତ ।୨।
ଦେଖିଲି ଯାହା ଶ୍ରୀଅଙ୍ଗ ଦ୍ୟୁତି, ଦଳି ହୋଇଗଲା ମୋର ଦ୍ୟୁତି,
ଦ୍ୱିତୀୟାର ଶଶିରେଖା ପ୍ରାୟ ହସିଗଲେଣି ସେ ଇନ୍ଦ୍ର-ନୀଳଦ୍ୟୁତି । ୩ ।
ଦୁବାର ତୋ ନେତ୍ରାଞ୍ଚଳ ଶର । ଦେବାରୁ ଦୁଃଖ ଦୁଃସହତର,
ହବାଲା ହେବାର ଦେହ ମଜ୍ଜାସାର ଜାଣି ଯା ହେଲା ମାନସ ମୋର ।୪।
ଦୁର୍ବଳ ସାଳସ ଦେଖି ସ୍ଥିଳି, ଦୁରୁହରେ କାଚ୍ଛ ପଚାରିଲି,
ଘର୍ଘ ରପତ ନାସାନାଳ ତେଜନ୍ତେ ଆହା ମରଇ ତ ବୋଲିରିଲି । ୫ ।
ଦେବ ଦଇବ ତୋ ଅଭିମତ, ଦୂରକର ଦ୍ୱାପରକୁ ମିତ,
ଦଦବଷ୍ଟି ଏ କଷ୍ଟଯାକ ହେବ ଅଷ୍ଟଦୁର୍ଗନାଥର ଏ ବିରଚିତ । ୮ ।

ରାଗ—କାମୋଦୀ । ତାଳ ଏକତାଳୀ ।

## —ଗୀତକଥା—

ଲଳିତା କହୁଛନ୍ତି :—

ଦୁଃଖିଧନ, ତୋ ଠାଣି ପରଖିବାକୁ ସିନା ମୁଁ ଟିକିଏ ଡରାଇ ଦେଉଥିଲି ସରସ ମନଟିକି ତୋ'ର ମାରଦେନା !

୧—ମୁଁ ଯାଉଛି ବୋଲି ଦୂରରୁ ବାରପାରି ରଙ୍କ ନିଧି ପାଇଲାପରି ଆନନ୍ଦ ସାଗରରେ ବୁଡ଼ିଗଲେ ଶ୍ୟାମ, ଆଉ ଆଉ ଦିନଠୁଁ ମୋତେ ଦ୍ୱିଗୁଣ ଆଦରରେ ମୋ ହାତ ଧରି ନେଇଗଲେ ।

୨—ଜାଣିଲୁ ମିତ, ସ୍ନେହଭରା ହୃଦୟରେ, ହସ ହସ ମୁହଁରେ ମୋତେ ଯେତେକ ଠେକାଠେକ କରି ଦଶଥର ତୋ କୁଶଳ ପ୍ରଶ୍ନ ପଚାରିଦେଲେ ।

୩—ମାଳତୀଲତା ସତରେ ଏକା ଦ୍ୱିତୀୟାଚନ୍ଦ୍ର ପରି କ୍ଷୀଣ ହୋଇ-ଗଲେଣି – ତାଙ୍କୁ ଦେଖିକରି ଚିତ୍ତ ମୋର ଦଳି ହୋଇଗଲା ।

୪—ତୋ କଟାକ୍ଷ ବାଣ ନିଷ୍ଠୁରେ ତାଙ୍କୁ ବଡ଼ ଦୁଃଖ ଦେଇଛି, ତାଙ୍କ ଦେହ, ମନ, ବଳ ସବୁ ଦୁର୍ବଳ ହେବାପରି ଦେଖି ଯାହା ସତେ ହେଲା ମୋ ମନ, କଅଣ ଆଉ ତୋତେ ସେକଥା କହିବି ?

୫—ତାଙ୍କ ଦୁର୍ବଳ ଦେହ, ଅଳସ ଚାଲି ଭଙ୍ଗି ଦେଖି ମୁଁ ଦୁଃଖରେ କିଛି ପଚାରିଲାବେଳକୁ ସେ ଗରମ ଖର ନିଃଶ୍ୱାସ ପକାଇଲେ । ଏତକ ଦେଖି ମୋର ମନେ ହେଲା, ମରଣ ହେଲା ନାହିଁ କାହିଁକି ମୋତେ ଭଲ !!

୬—ସଖିରେ ! ଦଇବ ତୋ ମନବାଞ୍ଛା ସଫଳକରିବ । ମନରୁ ତୋର ସନ୍ଦେହ ଛାଡ଼ । ନିଶ୍ଚେ ଏ କଷ୍ଟ ତୋର ଦୂରହୋଇ ଯିବ । ଆଠଗଡ଼ ରାଜା ଏହା ରଚିଲେ ।

## ଶ୍ଳୋକାଂଶ

**ସମାଶ୍ୱସିହି ମାନନ ଭ୍ରଦନ୍ତଧୈର୍ଯ୍ୟ ଚନ୍ଦ୍ରାସସ୍ୱା,**
**ନଟତ୍ୱକପଟପାଟବ ତବପୁରଃ ପ୍ରଣୀତଂ ବଚଃ ;**
**ଅମନ୍ଦମଧୁମନ୍ଦିରଂ କମଭିବନ୍ଦନ୍ତୁନ୍ଦଂ ବନା—**
**ନୁବନ୍ଧତ ମୁଦଂ ହୃତ ନ୍ରଭଚୋଂ ମିଳନ୍ଦୋ ଯୁବା ।**

ପୁଷ୍ପିତାଂ ମାକନ୍ଦମଞ୍ଜରୀଂ ବନପ୍ରିୟ ଇବ, ସରୋଜମାଂ ଯୁବରେଲମ୍ବ ଇବ, ଚନ୍ଦ୍ରକାଂ ଚକୋର ଇବ, ପ୍ରତ୍ୟଗ୍ର-ମୁଦ୍ଧରମଣ୍ଡଳୀଂ ଚାତକ ଇବ, ଚିନ୍ତାମଣିମକଞ୍ଚନ ଇବ, ଭ୍ୱାମନକରତଂ ବଲ୍ଲବମହ୍ୱାମହେନ୍ଦ୍ରନଯୁନାନନ୍ଦଃ ସ୍ମରନ୍ କିଶୋରଃ ସୀଦତି, ତ୍ୱଂ କଥଂ ସେଦନେନ ସେଦୟସି ସେଦସୀ, ?

**ଅର୍ଥ—**

ଲଳିତା ମାନିନୀ ଲୋ !
ନହୁଅ ଅଧୀରା ।
କହିଥିଲ କପଟ ବଚନ ଯିନା
ପରଖିବ ଧୈର୍ଯ୍ୟ ତୋର ବୋଲି,
କାହିଁ ଗୋ, ଭ୍ରମର ଠାବ
ମଧୁଭରା କମଳିନୀ ଅଙ୍କ ବିନା ?
ବନପୀକ, ଭୁଲିକ ରହିବ ସଖି,
ବକୁଳ ମଞ୍ଜରୀ ?
ଚକୋର କି ନଚ୍ଛୁରେ ଚନ୍ଦ୍ରମା ?
ଚାତକ କି ପାଶୋରିବ ନବ ମେଘମାଳା ?
ଜାଣୁତ କିଶୋରୀ,
ଚିନ୍ତମନେ ଚିନ୍ତାମଣି ସଦା,
ଦରିଦ୍ର ଯେସନ
ଅତିଦୁଃଖ ବିତାଏ ଜୀବନ ;—
ସେହି ମତ—
ନୀଳମଣି ଆରେ ଧନ !
କିଶୋର ଚନ୍ଦ୍ରମା
ଝୁରି ତୋରେ ସରେ ।

କାହ୍ନିଁକ ଲୋ !
କାହ୍ନିଁକଲୋ ଆଉ ? —
କମଳ ନୟନ କୋଣେ
ଭରି ନୀର ବିନ୍ଦୁ ,
କାନ୍ଦ ଆପେ
କନ୍ଦାଉଛୁ ଗଗନ, ଭୁବନ ?

---

## 'ଧ'

### ଅନୁଚିନ୍ତା

**ଧଇଲା ପଲ୍ଲବେ ସରଗ ବୃନ୍ଦରେ ଚକୋରୀ କଶୋରୀ ଭାଳେ**
**ଧଅସି ପଲ୍ଲବରେ ଲଳିତା ସଖୀରେ ; ସତେ କେଉଁ ଭାଗ୍ୟଫଳେ ;—**
**ଧନ ତୋ ଦର୍ପଣ ସେନ କହ୍ନିଲେକ ସନମତ ପଦ "ହେଉ"**
**ଧର ସର ଏତେ ଶୁଣି ମଣିବ ଲୋ କୁଳ, ମାନ ପୋଡ଼ିଯାଉ ।**

### ଗୀତ

ଧୀର ରେ କି ଧନ ତୁ ନ ଦେଲୁ ଆଜ ।
ଧଇଲେ କି ସତେ କର ଯୁବରାଜ । ପଦ ।

ଧରମ ବନ୍ଧୁ କି ମୋର, ଧୂପି ଦେଇ ନିଜ କର,
କୋଳକୁ ଆଣିଲୁ କଳାଦ୍ୱିଜରାଜ । ୧ ।
ଧୂରନ୍ଧର ସେ ଇଙ୍ଗିତେ, ଧରିଥିଲୁ କେହ୍ନେ ସତେ,
ଧମକାଇଲା ନାହିଁ କି ତୋତେ ଲାଜ । ୨ ।

ଧନରେ ଯେତେ ପୁରୁଷେ, ଧୂର୍ତ୍ତ ତାହାଙ୍କ ଗୁରୁ ସେ
ଧନରୁ ଯେ ବଳେ ତାହାଙ୍କର ବ୍ୟାଜ । ୩ ।

ଧୃତ ହୋଇ ବଳହୀନ, ଧୂସର ହୋଇବା ମନ
ଧୋଇ ଚନ୍ଦ୍ରା କଳଙ୍କ ସମାଜ ମାଜ । ୪ ।

ଧରଣୀନ୍ଦ୍ର ଜଗଦ୍ଦେବ, ଧ୍ୟାନେ ବଲ୍ଲବୀବଲ୍ଲଭ-
ଧରାଧୂଳି କରେ ମସ୍ତକରେ ତାଜ । ୫ ।

ରାଗ—କାଫି । ତାଳ—ଆଡ଼ତାଳି

## —ଟୀକକଥା—

ଶ୍ରୀମତୀ କହିଲେ—ପଣ୍ଡିତାରେ ତୁ ସତେ ଆଜ ମୋତେ କି ଧନ ନ ଦେଲୁ ? ସତ କହ ସଖି, ବ୍ରଜ ଯୁବରାଜ ତୋ ହାତ କ'ଣ ଧରି ପକାଇଲେ ? । ପଦ ।

୧—ସତେ କ'ଣ ମୋ ଧର୍ମ ବଳରେ ତୁ ହାତ ବଢ଼ାଇ ସେ କଳା-ଗୃହକୁ କୋଳକୁ ଆଣିଲୁ ସଖୀ ?

୨—ସେ ତ ପକ୍କା ଅଠେଲ । ତୁ ସତେ କେମିତି ସାହସ କରି ତାଙ୍କ ମନ କଥା ବୁଝିଲୁ ମ ? ତୋତେ ଟିକିଏ ହେଲେ ଲଜ ଲାଗିଲା ନାହିଁ ?

୩—ସଂସାରରେ ଯେତେ ଧୂର୍ତ୍ତ ପୁରୁଷ ଅଛନ୍ତି ସେ ତାଙ୍କ ଭିତରେ ଗୁରୁ । ତାଙ୍କର ତ ସୁଧରୁ ମୂଳ ବେଶି । ସେ ଯେତିକ କହନ୍ତି ତା'ଠାରୁ ବଳକରି କଥା ଆଦାୟ କରନ୍ତି ।

୪—ସଖି ! ମୁଁ ଧୈର୍ଯ୍ୟ ହରେଇ ଦେଇଛି । ମନ ସେଥିପାଇଁ ମଇଳା ହୋଇଯାଇଛି । ତାକୁ ଧୋଇଧାଇ ସଫାକରି ମନରୁ ମୋର ଚିନ୍ତା ଘୁଞ୍ଚାଇ ଦେ । । ୪ ।

୫—ରାଜା ଜଗଦ୍ଦେବ ଧ୍ୟାନରେ ସେହି ଗୋପୀ ଓ ଗୋପାଳ ମାନଙ୍କର ବାସସ୍ଥାନର ଧୂଳିକୁ ମଥାର ମୁକୁଟ କରି ଦେଉଛି ।

## ଶ୍ଲୋକାଂଶ

**ହୃତଭବ୍ୟ ସଖି କିଂ ନ ବଶାର୍ଣ୍ଣା, ଯନ୍ମମ ଶ୍ରବଣସୀମ୍ନି ବକାର୍ଣ୍ଣା,**
**ସାଜସ୍ୱଜରବ ଶର୍ମଲତାୟାଃ, ସପ୍ତି ଚେନ୍ଦୁମୁଖୀ ବାଗନୁକୂଳା ।**
**ସର୍ମୈର୍ମିତସ୍ତାଙ୍କୁରଶ୍ରେଣ୍ୟାଃ ପ୍ରତ୍ୟଗବୃଷ୍ଟିରିବ, ରଜନ୍ୟାଃ କୌମୁଦୀବ,**
**ତମଃସମୂହକବଳିତଶ୍ରିୟୋ ଶୁଦ୍ଧଲେଖାୟା ଧାପଣିଖେବ, ଯତତଭୃ-**
**ବୃତ୍ତୈର୍ବ୍ରହ୍ମାନନ୍ଦଧାରେବ ସାମ୍ପ୍ରତଂ ମମ ଭ୍ରମସି ।**

**ଅର୍ଥ—**

ସୁହାସିନୀ, ଶୁଭ-ଶଶିମୁଖି !
କି ଧନ ତୁ ନ ଦେଲୁ ଗୋ ସତେ ?
ଅନୁକୂଳ ବଚନ ତୋହର
ସତେ ଏକାସିନା ମୋର
ସୁଖ ଲତା ଉପଜାତ ମୂଳ ।
ଗୁରୁ ଗୀରଷମ ଦିନେ,
ଝାଉଁଳା ତରୁ-ଅଙ୍କୁର
ଲଭିଲା କି ସତେ ଅବା
ଆଶାଘନ ନବ ବାରି ଲଳିତ ପରଶ ;
ଅବା, କୃଷ୍ଣ ନଶିଥିନୀ ବୁକେ

ହିମକର ଚନ୍ଦ୍ର ଦେଲ୍ ଛୁଆଁ !
ଅନ୍ଧ-ଗୁମ୍ଫା ଦେଗ୍ ଘରେ
କେ ଦେଲ୍ ଗୋ ଜାଳ ସତେ
ଉଜ୍ଜ୍ୱଳ ଏପାଳ ?
ବ୍ରହ୍ମାନନ୍ଦ ଧାଗ୍ ଅବା କସେ ;—
ସଂଯମୀ ଯତିର ଯାହା ଚିର ଆକାଂକ୍ଷୀତ,
ସତେ ସତ୍ୟ, ସେତ୍ୟ ମନ୍ତ—
ସେତ୍ୟ ମନ୍ତ ବାଣୀ ତୋର
ଆନନ୍ଦ ଦେଲ୍ ଗୋ ଆଜ ମୋରେ ।
କହିଲେ ଲଳିତା ଶୁଣି ଏତେ ;—

---

## 'ନ'

## ଅନୁଚିନ୍ତା

**ନରେଶ ଧମାର ଉତ୍ତୁଙ୍ଗା ପୀରତ ବନ୍ଧ-ଭଙ୍ଗା ଛଇ, ଗୋଇ**
**ନବା କଇତବ ଭଣିଲ୍ନ ପୂଣ ଭଲେ ଭେଲ ନ ଫଳଲ୍,**
**ନଖୁଣ ସବଗ ଅଛି ବୋଲ ତାର ନ ପାଇଲ ଅନୁମାନ**
**ନଗଟରେ ଶଠ ବଗାବାର ସେ ତ କେ ଅବା ନ ଅଛି ଜାଣି ?**

**—ଗୀତ—**

ନବବଳାସିନ ରେ, ନକ୍ଷକେଶ-ହାସିନ । ପଦ ।
ନାହିଁ ବୋଲବା ବାଣୀ, ନପଟ ନାହିଁ ଶୁଣି
ନଳନାକ୍ଷି ରେ ହୋଇ କସ ହେବ,
ନନ୍ଦନନ୍ଦନ ପ୍ରେମା, ପ୍ରେମାରେ ନୁହେଁ ଜମା,
ନତମ୍ବିମାଙ୍କି ଯେବେ ଗତ ଥିବ । ୧ ।

ନିଷ୍ଠୁରଗୁଣ କୁଳ— ଶରୁ ପଡ଼ୁଛି ବଳି
ନିଷ୍ଠୁର ଜନବର୍ଣ୍ଣି ନାହିଁ ଲେଖି ।
ନାଗଶ୍ରବମୋହନ ମନ୍ତ୍ର ମାନଙ୍କ ମନ-
କପଟ ସମ୍ପୁଟରେ ଅଛି ରଖି । ୨ ।
ନିରନ୍ତରାୟୁ ରସ— ପ୍ରସାରଣେ ପୀୟୁଷ-
ଧାରାଧିକ୍କାରକାରୀ ପରି ଲାଗେ,
ନିମିଷକରେ ଜ୍ୱାଳା ଜନ୍ମାଏ ଜଣି ହଳା—
ହଳକୁ ଯେ ସଞ୍ଚାଳି ମହାନାଗେ । ୩ ।
ନିଶି ଦିନ ଶୟନ, ନ ଜାଣଇ, ନବୀନ
ବିସିନୀଦଳ ଶେଯ ଯାଏ ଜଳି,
ନୀପବନ ପବନ, ନିର୍ଦ୍ଧୂମଶିଖି ଧନ—
ଞ୍ଜୀୟୁ ଝାସରୁ ଲବେ କଣ୍ଠୁକେଳି । ୪ ।
ନିନ୍ଦାର ନିକେତନ, ହୋଇବୁ ରେ ନୂତନ—
ମନ୍ଦାର-ବନ୍ଧ୍ୱ-କୁରୁବିନ୍ଦାଧର,
ନିଶା-ରମଣ-କର— କଳିକା-କଣ ତୋର,
ହୋଇଯିବ କଳ୍ପାନ୍ତ କାଳ ଖର ।
ନ ବରଷରୁ ଊଣା କାନ୍ତ ଅଛି ଜଣା
ନଖାଗ୍ରେ ଉଦ୍ଧରିଲା ଗୋବର୍ଦ୍ଧନ,
ନବନୀରଜ କୋଷ— ନାଭି ତୋ କୁଚ କଷ
ଅଣିବ କର୍ଣ୍ଣୀରବମଧ୍ୟା ଯେନ । ୬ ।
ନିବେଦନ କରୁଛି କରକଞ୍ଜ ଧରୁଛି,
ହେଲେ ହେଉ ଅରୁଚି ନିନ୍ଦାହାରେ,
ନରନାଥ ଶ୍ରୀହରି— ଚନ୍ଦନ ବନ୍ଦେ ଗୋରି,
ନ ରସ ମାଳବାଦୀ ମୁଦ୍ରାହାରେ । ୭ ।

ରାଗ-କାମୋଦ—ତାଳ-

## —ଗୀତକଥା—

ରେ ଚନ୍ଦ୍ରହାସିନୀ ନବରସିକା, "ନାହିଁ" ବୋଲି ପଦେ କଥା ମୁଁ ତା'ଠାରୁ ମୋଟେ ଶୁଣିନାହିଁ । ହେଲେ ଏକଥା "ହୋଇ" ଅବା କଅଣ ହେବ ? ଆରେ କମଳନୟନା, ଯେବେ ନିତମ୍ବବତୀ କେହି ଯୁବତୀର-ଅନ୍ୟ ଗତି ଥାଏ, ତେବେ ତା ପକ୍ଷରେ ନନ୍ଦନନ୍ଦନ ଶ୍ରୀକୃଷ୍ଣଙ୍କର ପ୍ରେମରେ ବୁଡ଼ି ରହିବା ଆଦୌ ଉଚିତ୍ ନୁହେଁ । ୧ ।

ତା ନିଷ୍ଠୁରପଣିଆ ବକ୍ରକୁ ବଳି ପଡ଼ିଛି । ନ, ଷ୍ଟ, ଯୁ— ବୋଲି ତିନୋଟି ଅକ୍ଷର ସେ କେବେ ଲେଖିନାହିଁ, କି ଜାଣିନାହିଁ । ତା ମନ—ରୂପୀ କପଟ ପରୁଆରେ କେବଳ ନାରୀମାନଙ୍କୁ ବଶ କରିବା ମନ୍ତ୍ରଟି ଭରି ରଖିଛି ସେ । ସହଜରେ ନାଗରୀମାନଙ୍କୁ ବଶ କରିଜାଣେ ମାତ୍ର କାହାରିଠାରେ ସେ ନିଶ୍ଚିତ ପ୍ରେମ ରଖେ ନାହିଁ । ୨ ।

ସେ ଯେତେବେଳେ ଅନୁରାଗ ଅବା ସରାଗ ଦେଖାଏ, ମନେହେବ ସତ୍ୟ, ସତେ ଅମୃତ ଧାରା ଅବା ତୁଚ୍ଛ, ପୁଣି ଲହମାକ ଭିତରେ ତାହା ସାପର ଶଙ୍ଖୁଆ ବିଷଠାରୁ ବଳି କରି ପୀଡ଼ା ଦିଏ । ୩ ।

ସତ୍ୟରେ, ଏଇନେ ତୋ ବିରହରେ ଆଖିରେ ତା'ର ରାତି କି ଦିନ ନିଦ ନାହିଁ, ପଦ୍ମ ପତ୍ର ଶେଜ ବିରହ ଜ୍ୱାଳାରେ ଜଳିଯାଉଚି, କେଳିକଦମ୍ବ ବଣରୁ ବହି ଆସୁଥିବା ପବନ ଧୂଆଁ ନଥିବା ନିଆଁ ଧାସଠାରୁ ଆହୁରି ତାତିଲା ଜଣା ପଡ଼ୁଛି । ୪ ।—

ବାକି ରେ ରଙ୍ଗଅଧରା, ତୁ ତା ଆଡ଼କୁ ମନ ଢାଳି ଦେଲେ ଲୋକନିନ୍ଦା ସାର ହେବ, ବନ୍ଧୁଏ ଚନ୍ଦ୍ରକିରଣ ପ୍ରଳୟ ଖରାପରି ବାଧିବ ତୋତେ । ୫ ।

ସଖି ! ଟିକିଏ ମନରେ ଭାବିଲୁ ନାହିଁ ବରଷକରୁ ଊଣା ବୟସରେ ପଦ୍ମ ସେ ନଖ ଅଗରେ ଗିରି ଗୋବର୍ଦ୍ଧନକୁ ଟେକି ଧରି ଥିଲି, ଏକଥା ବା ନ ଜାଣେ କିଏ ? ଆରେ ସିଂହକଟିଶୋଭନା, ବଢ଼ିଆସୁଥିବା ପଦ୍ମକଢ଼ିପରି କୁଚ ତୋର, ସେ କଅଣ ତାଙ୍କୁ ଅଣ୍ଟିବ ? । ୬ ।

ମୁଁ ତୋ କରକମଳ ଧରି ନେହୁରା ହେଉଛି ସଖି ! ଖିଆ ପିଆ ତୋତେ ଅରୁଚ ପଛକେ ହେଉ, ସେ ମାଳଭୁଜର ଆଲିଙ୍ଗନକୁ ଗଳାମାଳା କରିବାକୁ ଆଉ ମନ ବଳାନା । ରାଜା ଶ୍ରୀହରିଚନ୍ଦନ ବନ୍ଦନା କରୁଅଛି । ୭ ।

## ଶ୍ଳୋକାଂଶ

**ମତ୍‌ବକ୍ତ୍ରାର୍ପଣମାଦରେଣ ମହତା ସ୍ୱୀକୃତ୍ୟାନସ୍ମର କେଶବଃ,**
**କର୍ଣ୍ଣାଭ୍ୟର୍ଣ୍ଣମପଶ୍ୟମୀଶ୍ୱର ତଥା ଭଙ୍ଗୀସ୍ତବଙ୍ଗୀକୃତେଃ,**
**ସତ୍ୟଂ ତାବଦିଦଂ ତଥାପି ସୁଦୃଶାଂ ଗତ୍ୟନ୍ତରଂ ଚେଦ୍‌ଭୁବ,**
**ପ୍ରେମା ତତ୍ର ବତେ ଶିଖଣ୍ଡମୁକୁଟେ ଧେୟୋ ନ ହେୟଃ ପରମ୍‌ ।**
**କୃଷ୍ଣଂ କୃଷ୍ଣବର୍ତ୍ମନିମିବ ଶଲଭବଜବତ୍ରିତ୍ୟାଦୃଶଂ**
**ବାମଭ୍ରୂବାଂ ଚେତୋବୃତ୍ତିଃ ଶର୍ମୈତବେମନୁଭବନ୍ତି ।**

**ଲଳିତା—**

ବ୍ରଜେଶ୍ୱରୀ,
ଆଦରେଲୋ, ହସି ମନ୍ଦ ମନ୍ଦ
ଶୁଣିଲେ ମୋ ନିବେଦନ କାହ୍ନୁ ।
ବାଉଳି ମୁଁ ଭଙ୍ଗି ଅନୁସରି,
ଅଙ୍ଗୀକାର ସତେ କଲି ପରି ।

ତଥାପି ଲୋ, ନାଗରୀରତନ,
କି ବିଶ୍ୱାସ ଶିଖୀଚୂଳଆରେ ?
ଧୂର୍ତ୍ତ ଶିରୋମଣି ସେତ, କିଏ ବା ନ ଜାଣେ ?
ଆନ ଗନ୍ତ ଥିବ ଯା'ର
ଶ୍ୟାମ୍ ଭୁଲେ ପ୍ରେମ ଆଶା
ନ ଆଣୁ ସେ ମନେ ।
ମୋ ବିଚାରେ ସଜନୀ ଲୋ,
ଭୁଞ୍ଜ ଜ୍ଞାନେ,
ଶ୍ୟାମଠାରୁ ଦୂରେ ଥିବା ଭଲ ।
ବାଧୁଛି ଏତିକ ମୋତେ,
ସୁକୁମାରୀ ସୁନ୍ଦରୀ ତୋ ସରି
କାହ୍ନୁ ଠାରେ ଢାଳି ଦେଇ ମନ,
ଘାରି ଯାହା ହୁଏ ମହା ଦୁଃଖେ ;—
ପତଙ୍ଗ ଯେସନ,
ନ ବିଚାରି ମଙ୍ଗଳାମଙ୍ଗଳ
ଆଗ୍ରା ଲୋଡ଼ି ଅନଳଶିଖାର
ବରି ଆଣେ ଜୀବନର ଦୁଃଖ ।
ଲଳିତା ଭଣନ୍ତି ଶୁଣି—
ସଂଶୟ ଦୋଳାରେ ଦୋଳି
ଭାଷିଲେ ଶ୍ରୀମତୀ :—

# ପ

## ଅନୁଚିନ୍ତା

**ପଡ଼ିଲେକ ଋଷି ସ୍ୱରଗୁଁ ପାତାଳେ କଶୋଣି ହେଲେ ସେ ସବୁ**
**ପୀଡ଼ ଲଳିତାର କର ପଶୁରିଲେ, ଏକ କଥା ସହଚରୀ,**
**ପହିଲୁ କହିଲୁ ସଂଖୋଳିବେ ବନ୍ଧୁ ସନମାନ କରୁ ତୋତେ**
**ପଣା ନଣ ବୋଲି ପେଲି ଦେଉ ସଖି, ଗଣ୍ଡରେ ପଛନ୍ତେ ମୋତେ ?'**

### —ଗୀତ—

ପ୍ରିୟସଖି, ପରମାଦ ବଡ଼ ଭୁଞ୍ଜି ଗୋ,
ପାରୁ କେତେ ଛନ୍ଦେ ମୋହି ଗୋ । ପଦ ।
ପରମ ପଦରେ ନେଇ ଜାଣୁ ତୁ ବସାଇ,
ପୁଣି ତହୁଁ ଜାଣୁ ତଳାତଳକୁ ଖସାଇ,
ପାତଶାଗାଇ ମନୁ ନାନା କଦନ ଲସାଇ,
ପୀଡୁ ଅଶ୍ରୁ ବରଷାଇ ଗୋ । ୧ ।
ପ୍ରପଞ୍ଚ ଯାକରେ ଜଣା ନ ଥାଇ ସଂଶୟ,
ପସନ୍ଦ ନୁହଇ ପର ପୁରୁଷରେ ସ୍ନେହ,
ପରବଶ ହେବ ଯେବେ ପ୍ରାଣଭୁଲେ ଦେହ,
ପ୍ରାଣୀ କି କରିବ କହ ଗୋ । ୨ ।
ପରବଚନ୍ଦ୍ର ଚପୁଡ଼ି ପିଇବା ପୀୟୂଷ,
ପରଶନ୍ତି ସମୟେ ସେ ହେବ ଯେବେ ବିଷ,
ପ୍ରପନ୍ନ ହେବା ଗଙ୍ଗାରେ ଜନ୍ମିଲେ କଲ୍‌ବିଷ,
ପ୍ରୟୋଗ କରିବା କିସ ଗୋ । ୩ ।

ପିଆଇ ଦୁହିଁଙ୍କୁ ଥରେ ଦୁହିଁଙ୍କ ଅଧର,
ପଛେ କହ ଆଚରଣ ପୂତନା ବଧର,
ପୀତପଟ ନଟ ନାଁ ମୋ ଆଗରେ ନ ଧର,
ପାଳିଏ ମାନ ଉଦ୍ଧାର ଗୋ । ୪ ।

ପୁରନ୍ଦର ମଣି ଶ୍ୟାମେ ଅଛି ମୋ ଭରସ,
ପରପରିବାଦ-ମୁଣ୍ଡେ ଠାକର ବରଷ,
ପୃଥ୍ୱୀଚନ୍ଦ୍ରବାଳ ପରିବୃଢ଼ ବାଳୁକେଶ,
ପ୍ରସରାଇଲେ ଏ ରସ ଗୋ । ୫ ।

## —ଗୀତକଥା—

ଶ୍ରୀମତୀ କହିଲେ—

ତୁ ବଡ଼ ଦୁଃଖ ଦେଉଛୁ । କେତେ ଛଳରେ ସତେ, କେତେ କଥା କହୁଚୁ ! କେତେବେଳେ ତୁ ସ୍ୱର୍ଗରେ ବସାଇ ଦେଇ ଜାଣୁଚୁ ପୁଣି କେତେବେଳେ ପାତାଳକୁ ଖସାଇ ଦେଇ ମଧ ପାରୁଚୁ । ମନର ଦୁଃଖ ଭୁଲାଇ ଦେଉଚୁ ପୁଣି ବଢାଇ ମଧ ପାରୁଚୁ । ୧ ।

ପରମପୁରୁଷରେ ସ୍ନେହ ବଢ଼ାଇବା ପସନ୍ଦ କଥା ନୁହେଁ— ଏ କଥା ତ ଜଗତଯାକ ଜାଣନ୍ତି । ବାକ ଦେହ ଓ ପ୍ରାଣ ଯଦ୍ଧ ପରର ଅଧୀନସ୍ଥ ହୁଏ, ସେତେବେଳେ ପ୍ରାଣୀ କ'ଣ କରିବ, କହ । ୨ ।

ପୂର୍ଣ୍ଣ ଭଦ୍ରକୁ ଚିପୁଡ଼ି ଅମୃତ ପିଇ ଜୀର୍ଣ୍ଣ କଲି ବେଳକୁ ଯେବେ ସେ ବିଷ ପାଲଟେ ଆଉ ଗଙ୍ଗାକୁ ଆଶ୍ରାକରି ଗାଧୋଇଲେ ଯେବେ ପାପ ହୁଏ ତେବେ ସେଥିକି କ'ଣ କରିବା, କହ । ୩ ।

ସତ୍ୟ ମ, ଆଗେ ଆମ ଦୁହିଁଙ୍କୁ ଦୁହିଁଙ୍କ ଅଧର ଚୁମ୍ବନର ସୁବିଧା କରିଦେ, ପଛେ ତୁ ସେ ପୁତନାକୁ ମାରିଥିଲେ ବୋଲି କହୁଥା ଅର୍ଥାତ୍—ଆମର ମିଳନ ଘଟାଇ ଦେଇସାରି ପରେ ତୁ ତାଙ୍କୁ ନାଗିମରି ବୋଲି କହ । ସେ ପୀତପଟ ନଟ ଅର୍ଥାତ୍—ହଳଦିଆ ଲୁଗା ପିନ୍ଧା ଜଣେ ନଟକୁଟିଆ ବୋଲି ମୋ ଆଗରେ କହନା । ମତେ ଏ ଦୁଃଖରୁ ଅତରେ ପାରି କର ।।୪।

ଲୋକ ନିନ୍ଦା ମୁଣ୍ଡରେ ଠଣା ମାରିଦେ ସଖି ! ସେ ଇନ୍ଦ୍ରନୀଳମଣି ଶ୍ୟାମଙ୍କଠାରେ ମୋର ପୂର୍ଣ୍ଣ ଆଶା ଅଛି । ରାଜା ବାଲୁକେଶ ଏ ରସ ପ୍ରଚୁର କଲେ ।୫।

## ଶ୍ଳୋକାଂଶ

**ମାମଭ୍ରୂଂଲତନବ୍ୟବବ୍ୟବତ୍ତଶ୍ମାନର୍ଥ ତୁପର୍ଯ୍ୟଙ୍କିକା—**
**ସଂବଷ୍ଟାଂ ପ୍ରବଧାସ୍ୟ ବକ୍ଷିତସି କଂ ତସ୍ମାଦଧୋଽଧଃ ପୁନଃ ।**
**ଆର୍ତ୍ତିସ୍ୟାତିପିପାସୟାମୃତଝଂଗ୍ରବାର୍ତ୍ତାଂ ନବେଦ୍ୟଗ୍ର ତୌ,**
**ଭୂୟଃ ଶମ୍ବକଦମ୍ବକେଳକଠିନଂ କଂ ଖରଖଂ ଖସସେ ।**

**ଜନ୍ତୋଃ ସନ୍ତତଚକ୍ରାରୁନ୍ତୁଦକୁନ୍ତମୁଖାଗ୍ରଦଳଚଦ୍ଧବପୁଷସ୍ୟ ପିପାସାର୍ତ୍ତସ୍ୟ ବଦନାନ୍ତକେ ସୁଧାସୁଧାସଂ ବନ୍ୟସ୍ୟ ମନ୍ତ୍ରମନ୍ତ୍ରେଣ ପୁନସଞ୍ଜିବ୍ୟ କୋ ବା କମୀଷଣ ।**

**ଶ୍ରୀମତୀ**—ଏ କି କଲୁ ସଖୀ,

ତମଧ-କୁଆଁ ସରସ ସୁନ୍ଦର ପୁରେ
ବାଡ଼ଧେଇ ପଲଙ୍କେ ଶୁଆଇ ମୋତେ,
ଦେଉ ପୁଣି ଖସାଇ ତଳକୁ ?
ଶୋଷରେ ବିକଳ ବେଳେ

କାନେ ଥରେ
ଅମୃତ ମିଳିବ ବୋଲି
ଆଶା ବାଣୀ ଭରି,
କପଟି ଲୋ,! ସତେ
ଶୁଣାଇ ପାରୁଛୁ କହ
ବଜ୍ରଠାରୁ କଠିନ ବଚନ ?
ଚନ୍ଦ୍ରା-କୁନ୍ତଘାତ
ନିତ ନିତ ଦେଉଚି ଲୋ ପୀଡ଼ା ।
ଅମୃତର ଧାରା ଢାଳି
ମୁଖ ପାଶେ ତାର
ଅଦୋଷରେ କାଢ଼ିନେବ
କିଏ ତା ଆଗରୁ ?

ବିନୟ ବଚନ ଶୁଣି ଶ୍ରୀମତୀଙ୍କ ମୁଖୁଁ, କହିଲେ ଲଳିତା—

---

# 'ଫ'

## ଅନୁଚନ୍ଦ୍ରା

ଫଡ଼କା ଉଡ଼ା ତୁ 'ଶ୍ୟାମ-ସୋହାଗିନୀ' ବୋଲାଇ ବଇଜ ସାର
ଫିଟାଇ କହିଲ ମରମ-ଗଣ୍ଠି ମୁଁ, ଫଳ ତାର ଏହା ଚର ?
ଫୋପଡ଼ ବଜାଇ ବାଈ ଆମ୍ବଡାଳେ, କଥିଟାକ ଆଶା କାହିଁ
ଫମ୍ପାକଥା କହ ତୋ ମନ ରଞ୍ଜାଇ ଲଳିତାଜାଣି ତ ନାହିଁ ?

## —ଗୀତ—

ଫାଟି ପଡ଼ିବାର ନିକୁଞ୍ଜସଞ୍ଚାର-ଶ୍ରମୁଁ ମୋ ଚରଣତଳ,
ଫଭୁରିଖୋର ଆଖିରକୁ ହେବାର ଏହି ଏକା ଏଥୁ ଫଳ,
ରେ କିଶୋରି, ଫିଟିଗଲା ଯେ ସନ୍ଦେହ,
ଫୁଲିଗଲୁ ଫୁଲଲଲିମରସିକା ଜାଣି ପରା ଶ୍ୟାମ ସ୍ନେହ ରେ ।୧।


ଫନ୍ଦାଇ ନାନା ବିନୟେ କହି ଦନ୍ତେ ତୃଣ ଧରିବାର ହେଲା,
ଫଠା କପାଳରେ କୁଟିଳ-ହୃଦୟା ବୋଲାଇବା ଲେଖାଥିଲା,
**ରେ କିଶୋରି, ଫନ୍ଦାଧନ ତୁ ତ ମୋର,**
ଫରିଆଦ କାହିଁ ତୋ ନାମେ କରିବି ନିନ୍ଦାକଲେ ପଛେ କର ରେ ।୨।

ଫରୁଆରେ ପରି ଜରେଜରେ ଭରି ରଖ ସେ ମାଳମଣିକି,
ଫଉଜଭୁଲେ କୁଞ୍ଜଦ୍ୱାରେ ରଖାଅ ବେଣବଲ୍ଲୀଧାରିଣୀକି,
ରେ କିଶୋରି, ଫରମାସ ମନେ ମନେ,
ଫେଇଦିଅ ତୁ ମୋ ଆବୁର ମୁଁ ଯେବେ ଯିବି ସେ ଦିଗକୁ ଦିନେରେ ।୩।

ଫଜିତ ହୋଇ ଦୂରରେ ଥିଲେ ତୋତେ ଭଜିତ ଥିବାର ସତ,
ଫେଡ଼ିନୁ ତୋ କଷ୍ଟ ସୁଖଦେଇ ଅଷ୍ଟଶ୍ରୁତି ଏ ଆମ୍ଭ ବାଞ୍ଛିତ,
ରେ କିଶୋରି, ଫୁରୁଣା ହୋଇ ତୁ ରସ,
ଫେରିଆସି ମାନ ଆମ୍ଭ ଆଗେ ନେଇକଞ୍ଚୁ ମାର ନ ବରଷ ରେ ।୪।

ଫୋଠକା ହେଉଛୁ ସିଞ୍ଚିବା କର୍ପୂର ଚନ୍ଦନ ମିଶ୍ରିତ ବାରି
ଫୁଙ୍କିଦେଲେ ଉଡ଼ିଯିବା ପରି ସଡ଼ ଅଛୁଟି ତନୁ ବଲ୍ଲରୀ,
ରେ କିଶୋରି, ଫୁକାରା ନୋହୁ ଜଗତେ,
ଫିଙ୍ଗୁଆ ନୁହଟି ବୋଲେ ଜଗଦ୍ଦେବ ରଘୁନନ୍ଦନ ଏ ଗୀତେ ।୫।

ରାଗ—ଖମ୍ବାଜ—ତାଳ-ଆଡ଼ତାଳି



"ଫିଟାଇ କହିଲି ମରମ-ଗଣ୍ଠି ମୁଁ ଫଳ ପାଉ ଏବା କଣ ?"

—ଲଳିତା—

## —ଗୀତକଥା—

### ଲଳିତା କହୁଲେ—

ଶ୍ରୀମତି, କୁଞ୍ଜବନକୁ ଦଉଡ଼ାଦଉଡ଼ି କରି ମୋ ତଳିପା ଫାଟିଲା, ତେବେବେଳେ ତୋଠାରୁ 'ମିଛୁଆ' ବୋଲି ଅପବାଦ ଶୁଣିବାକୁ ଥିଲା । ଏଇଟା ହେଲା ଶେଷ ଫଳ ମିନା ! ହଉ, ଲୋ କୁସୁମ-ରସିକା, ଏଥର ଶ୍ୟାମ ସ୍ନେହରେ ଆଉ ସନ୍ଦେହ ନଥିବାର ଜାଣି ମନେ ମନେ ଫୁଲିଗଲୁ ପରା ? । ୧ ।

କେତେ କାକୁତି ମିନତି ହୋଇ ତାଙ୍କୁ କହିଲି, ଶେଷରେ ହାତରେ କୁଠା ଧରିବା ଯାଏ ଗଲି । ହେଲେ, ଫଟାକପାଳକୁ ମୋର 'କୁଟୀଳା' ବୋଲି ଶୁଣିବାକୁ ଥିଲା ! ହଉ ହେଲା, ଆଉ କାହା ଆଗେ ନାଲିଶ କରିବ ? ତୋତେ ତ ଆଶ୍ରାକରି ପଡ଼ିଛି, ନିନ୍ଦାକଲେ, କର । ୨ ।

ଏବେ ତୁ ଫଗୁଆରେ ସମ୍ଭାଦିଲାପରି ସେ 'ନୀଳମଣିକି ତୋ କୁଚ ଭିତରେ ପୁରାଇ ରଖ ; କୁଞ୍ଜଦ୍ୱାରରେ ବେତଧରା ପ୍ରହରୀ-ମାନଙ୍କୁ ଜଗାଇଦେ, ଯେମିତି ସେ କୁଆଡ଼େ ପଳାଇ ନଯାଏ । ମନେ ମନେ ସବୁକଥା ତୁ ବରାଦ କରିଦେ । ଆଉ ମୁଁ ଯେବେ କେବେ ସେ ଆଡ଼କୁ ଯାଏଁ ମୋ ମହତ ସାରିଦେ । ୩ ।

ଆମକୁ ତୁ ଅପମାନ ଦେଇ ଦୂରକୁ ଠେଲି ଦେଲେ ବି ଆମେ ତୋତେ ଭରସା କରି ରହିଥିବୁ । ବିଧାତା ତୋ ମନବାଞ୍ଛା ସଫଳ କରୁ, ଏତିକି ଆମର କାମନା । ବାକି ଦେଖ୍, ସେଠାରୁ ଫେରି ତୁ ଯେମିତି ଆମ ଆଗରେ ଆଉ ଲୁହ ନ ଝରାଉ ।୪।

ଏଇନେ କର୍ପୂର ଚନ୍ଦନଜଳ ତୋ ଦେହ ଫୋଟକା କରି ଦେଉଛି ; ଏମିତି ଶୁଖି ଗଲୁଣି ଯେ ଫୁଙ୍କି ଦେଲେ ଠିଳିପଡ଼ିବୁ । ଯାହା ହେଲା ହେଲା, ଏ କଥା ଆଉ ସଂସାର ନଜାଣୁ । ତୁ ବିଫଳ ମନୋ-ରଥ ହୁଅନା । ଜଗଦ୍ଦେବ ହରିଚନ୍ଦନ ଗୀତରେ ଏହା କହିଲେ ।

## ଶ୍ଳୋକାଂଶ

**ଆକୁଞ୍ଜଂ ଭବଦାନ୍‌ବନାଦପି ତବା ପ୍ରୋଭୂଙ୍ଗସୌଧୋଦରମ୍,
ଯାତାଯାତ ପଦାନ୍ତପାତଜଫଳଂ ଲବ୍‌ଧଂ ମୟୈତଃ ପରମ୍ ।
ଅନ୍ୟାପେକ୍ଷିତଶୂନ୍ୟମୀଶ୍ୱର ଯୁବାମନ୍ୟୋନ୍ୟଦୌତ୍ୟେନ ତତ୍
ସୌଭାଗ୍ୟଂ ବତତଂ ମୁଦାନୁଭବତଂ ନାପ୍ନାସି ମାପ୍ନାବଳୀ ।**

**ହା ହା ଚନ୍ଦ୍ରକଚୂଡ଼ାନନ୍ଦନଚରିତେ, ମାମପ୍ରତ୍ୟପ୍ୟଦୂତ୍ୟବଶୀଷ୍ଟାଂ ନ ନବକୃତ୍ୟ ପ୍ରତ୍ୟହଂ ପ୍ରତ୍ୟୂହପ୍ରତିହନ୍ୟମନମାନୋରଥମଞ୍ଜରୀଫଳ ନାଭସି ।**

**ଲଳିତା**—ମିଳିଗଲ, ମିଳିଗଲ

ମୋତେ ଲୋ କିଶୋର !
ସୂତ୍ରଂ ତୋର କୁଞ୍ଜବନ ଦଉଡ଼ାଣି ଫଳ ।
ଏଥରକ ତୁମେ ଦୁହେଁ,
ନିଜ ନିଜ ଦୂତ ଦୂଷ୍ଟି ରୂପେ
କାର୍ଯ୍ୟସାଧି;
ଲଭ ଗୋ ସୌଭାଗ୍ୟ ସୁଖ ।
ମାପ୍ନାବଳୀ ମୁହିଁ ଗଇ !
ମାଡ଼ିବ ନାହିଁ ଗୋ କେବେ ଏକୁଞ୍ଜ ଦୁଆର ।
ଏତିକ ମାତ୍ରକ ଦୁଃଖ ହୁଏ ମନେ ମୋର—
ଦୂଷ୍ଟି ରୂପେ ପଠିଆଇ
ମୋତେହାସବ୍ ଅବଶ୍ୟାସିମାତର
ନିତି ନିତି ହେଲା ଯାହା
ମନୋରଥ ବଫଳ ତୋହର ।
ତହୁଁ; ଲଳିତା ମୁଖର ବାଣୀ ଶୁଣି—

---

# 'ବ'

## ଅନୁଚିନ୍ତା

**ବାଲବାଟୁଟିଆ ଚଇମଇବେଳେ କଇଁଛ ପଡ଼ିଲା ସତେ !**
**କାଣୁଆଁ ଲୁଗରେ ଚିଆଡ଼ ବାଜିଲା ଭୂକ ପିଠି ପରଯନ୍ତେ,**
**ବୁଢ଼ୁଥିଲା ସିନା ବନାଇ ଲଳିତା କଇତବ କଥା କହ୍ନ,**
**କାଉ ନପାଉ ତା' ବୋଇଲେ କଣେ ଶୋଷ କଥାଏ ରେ ଜୀବ ସହ୍ନ !**

### —ଗୀତ—

ବିଚକ୍ଷଣାରେ, ବିନା ତୋ ପ୍ରୀତି କେ ଗତି ଅଛି ଜଗଣ୍ଡରେ ।ପଦ।
ବୋଲି ଦେଲ ସିନା ଗେଲେ ହସି, ବିଶ୍ୱେ ତୋ ସମ କାହିଁ ବିଶ୍ୱାସୀ,
ବାନ୍ଧିବାକୁ ମୋ ମନ ଭୁ ପାଶି,
ବିଶେଷରେ ମୋ ହୃଦନ୍ତର ତୋତେ ଜଣାରେ । ୧ ।
ବିଶ୍ୱମ୍ଭର ରଜ ଖେଳକାଳୁଁ, ବହ୍ନିଃ ପ୍ରାଣ ପରି ପରିପାଳୁ
ବିଧି ବଶୁ ନିସର୍ଗ-କୃପାଳୁ,
ବ୍ରଜେ ହେଉଛି ଏହି ଉତ୍ତ୍ରିମ ବାଜଣା ରେ । ୨ ।
ବିକେ କଣେ ଯେ ଯାହାକୁ ସ୍ନେହେ; ବଡ଼ ତା'ଠାରୁ ଜୀବନ ନୋହେ,
ବଳ ତାହାଠାରେ ସିନା ସହେ,
ବହୁରଙ୍ଗେ ବୁଲୁଛନ୍ତି ଦେଖ ଅଗଣା ରେ । ୩ ।
ବୋଲେ ଅଷ୍ଟଦୁର୍ଗର ମଘବା, ବଲ୍ଲୀ ନିକଟକୁ ଗୃଲଯିବ ।
ବଂଶୀଗୀତ ପୀୟୂଷ ପିଇବା,
ବିଭବଶ ନ ପାହୁଁ ଆସିବା ଅଜଣା ରେ । ୪ ।
ରାଗ—ସାବେରି ; ତାଳ—ଆଡ଼ତାଳ

## —ଗୀତକଥା—

ଶ୍ରୀମତୀ କହିଲେ—

ଚତୁରୀ ଲୋ, ତୋ ସ୍ନେହ ଛଡ଼ା ମୋର ଆଉ ଏ ସଂସାରରେ କଏ ଗତି ଅଛି ?

୧—ଗେଲରେ ସିନା କହି ଦେଲି ତୋତେ, ହେଲେ ସତରେ ଏ ସଂସାର ଭିତରେ ବିଶ୍ୱାସୀ ବୋଲିବାକୁ ମୋର ଆଉ କଏ ଅଛି ? ତୁ ଏକା ମୋ ମନକୁ ଫାଶରେ ବାନ୍ଧିଲାପରି ଧରି ରଖିଛୁ । ମୋ ମନ ଗହନର କଥା, ବିଶେଷ କରି, ତୁ ଜାଣୁ ।

୨—ପ୍ରାଣଟା ସିନା ତୋର ତୋ ଦେହ ଭିତରେ ଅଛି, ମାତ୍ର ଧୂଳିଖେଳ ଦିନରୁ ତୁ ମୋତେ ତୋ ଦେହ ବାହାରର ଜୀବନ ପରି ପାଳି ଆସିଛୁ । ଦଇବେ ତୁ ଦୟାବନ୍ତୀ ବୋଲି ଏ ଗୋପ ନଗର ସାରା ନାଗରୀ ବାଜୁଛନ୍ତି ।

୩—ସହି ! ଯେ ଯାହାକୁ ସ୍ନେହରେ ଜଣେ ବିକେ, ଜୀବନଟା ତାଠୁଁ ବଡ଼ ନୁହେ ତ ! ଦେଖୁନାହୁଁ, ଯେଉଁମାନେ ସତରେ ଆପଣାର ନୁହନ୍ତି, ସେଭଳି କେତେ ଏମିତି ବାହାରେ ବୁଲୁନାହାନ୍ତି କି ?

୪—ଚାଲ ସହି, ଲତାକୁଞ୍ଜ ପାଖକୁ ଯିବା, ଶ୍ୟାମ ମୁରଲୀଗୀତ-ସୁଧା ପିଇ ରାତି ନପାହୁଣୁ ଲୋକଙ୍କ ଅଜଣାରେ ବାହୁଡ଼ି ଆସିବା ।

ଆଠଗଡ଼ର ରାଜା ଏହା ରଚିଲେ ।

---

### ଶ୍ଳୋକାଂଶ

**କୌତୁକାଲ୍ପିତମୀଷଦନ୍ତଧ୍ୟଂ**

**କୌ ତୁ କା ହୃଦି ଦଧାତି ବୟସ୍ୟା,**
**ତିଷ୍ଠତେ ମମ ଯଥା ଭ୍ରମହେତ୍ୟା**
**ତିଷ୍ଠ ତେତଣଭୟାନ୍ନ କଦାପି ।**

ରସିକାଂ ପ୍ରାଣାଧିକାଂ ତ୍ୱାଂ ଭବନାତ୍ ନଗର୍ଯ୍ୟାଂ ମଦୁକ୍ତ ନୈଷ୍ଠୁର୍ଯ୍ୟନିଦାନପର୍ଯ୍ୟାଲୋଚନଷ୍ଟୁର୍ଯ୍ୟାଧୁର୍ଯ୍ୟା କା ଭାନ୍ୟାଶ୍ଚିର-କନ୍ୟାସ୍ତୀତି ଧୈର୍ଯ୍ୟମବଲମ୍ବ୍ୟ ସଦୁକ୍ତମନୁଚରଂ ତଦ୍ଭବନ୍ମୁଚ୍ୟା-ଗଚ୍ଛାବାଂ ଗତ୍ୱା କୁହଚନ୍ଦ୍ରିଲୀପୂ ଯୌବତଜୀବନାନ୍ତଯାଚନାପତମାନ କଟାକ୍ଷଲୀଳସ୍ୟାପି ତସ୍ୟାଖଣ୍ଡଶିଖଣ୍ଡମଣ୍ଡିତଶେଖରସ୍ୟ ଭ୍ରମଣ-ରମଣୀୟାୟା ଭୁବଃ ସୁଷମା ମବଲୋକୟିଷ୍ୟାବଇତି ବିଡମ୍ବିତସୂନ-କାଲମ୍ବଜପୁଣ୍ଡ୍ରିମାଣ୍ଡସ୍ୱଗବଲମ୍ବି ଚରଣମଣ୍ଡନଂ ନିଃସୃତ୍ୟ କଦମ୍ବ-କୁଞ୍ଜକାନନାନ୍ତର୍ବିବଶତୁଃ ।

**ଶ୍ରୀମତୀ**—ସଜନି ଲଳିତା !
କହ ଦେଖି,
କେଉଁ ସଖୀ ଜଗତରେ
ଗାରକରି ରଖେ ସତେ
ବୁକୁରେ ତାହାର—
ଛଳଭରା ଅସାର କଥାକୁ ?
ବହକ ହୋଇବ ସିନା ଅଧିକ ବୋଇଲେ !—
କିଏ ସେ ନଜାଣେ ଅବା
ତୋର ମୋର ମନ ଦିଆନିଆ ପଣ—
କି ଭଲ ଅଛୁଟ ?
କହିଲୁ ତୁ ସତେ,
କିଏ ଅଛି ଚତୁରୀ ଏମନ
ସାରା ବରଜ ନଗରେ,
ଆଲୋଚନା କରି ଯେ ପାରିବ କେବେ
ନିଷ୍ଠୁର ବଚନ ମୋର ?

ଧୈର୍ଯ୍ୟଧର ସଖି !
ଶୁଣ ଲୋ ପାଶୋରି ସବୁ କଥା ;—
ଅନୁଚିତ ମଣୁ ଯାହା,
ଚାଲ, ଯିବା ଚାଲ—
ଦେଖିବା ଲୋ,
କାହିଁ ସେହି ରମଣୀ ମନମୋହନ
ବରଜ ସୁନ୍ଦର—
ଲତା ଉହାଡ଼ରେ ଲୁଚି
ଖେଳାନ୍ତି କଟାକ୍ଷ ସଖୀ,
ଯୁବତୀର ଜୀବନ ନାଶନେ ।
ନିରେଖିବା ଦୁହେଁ ମିଶି
ସେ କାନନ ଶୋଭା ;—
ଯାହା ରମଣୀୟ ହୋଇଅଛି
ଶ୍ୟାମଘନ ଭ୍ରମଣ ବିଳାସେ ।
ମୂକର ହେଲାରୁ ଯିବା କଥା
ଫେଇ ଚରଣରୁ
ମଦନର ବିଜୟ ଡିଣ୍ଡିମ ଜଣା—
ବାଜେଣି ନୂପୁର,
ପ୍ରବେଶିଲେ ଦୁହେଁ ଧୀରେ
ଲୁଚି ଲୁଚି
କଦମ୍ବ ନିକୁଞ୍ଜେ ।
ତହୁଁ, ଲତା ଅନ୍ତରାଳେ ଥାଇ
ଶ୍ୟାମଶୋଭା ଦେଖାଇ ଧୀମାରେ
ଭଣିଲା ଲଳିତା .—

# 'ଭ'

## —ଅନୁଚନ୍ତା—

**ଭୂଲଇ ସିନା ମୁଁ କନ୍ଦୁଦେଲ ପଦେ ଭଡ଼ଙ୍କ ଗଲୁଁକ ସଙ୍ଗେ,**
**ଭଲେ କି ଚୋ ଦୁଃଖ ସହି ରେ, ସନ୍ଧାଦ ବସ୍ତୁର ନକଲୁ ଏତେ ?**
**ଭଜ ହେଉ ଯାରେ ଶୟନେ ସ୍ୱପନେ ଜାଗରଣେ ଆଟରେ ଗୋଷ !**
**ଭଣିଲ ଲଳିତା,—ଦେଖିବୁ ଆସ ହେ,ସେ ତ ମନେ ତୋରେ ଝୁରି ।**

## —ଗୀତ—

ଭଙ୍ଗୀ ଗୃହାଁ, ଭ୍ରୂଭୂଲଭୁଜଙ୍ଗୀ-ଭ୍ରମର, ଜୀବସଙ୍ଗି । ପଦ ।

ଭାଗ୍ୟ ଏ ଜନଆଖି, ଜନନରତି ସଖି, ଜାଣ ରେ,
ଭରମି ନ ଯା'ନ୍ତୁ ମନ୍ମଥ ବାଣରେ,
ଭୁଜପାଶକୁ ଛନ୍ଦ ମୋ ଗଳେ, ଭଟ୍ଟେ ପଦକଞ୍ଜ ଖଞ୍ଜ ଧରଣୀ ତଳେ
ଭୂମଣ୍ଡନା ରେ,

ଭଲ୍ଲ ମାନୁଛି ଦେଖ, ମୁଖସୁଧା ମୟୂଖ,
ଅଳକତଳ ଅଖଣ୍ଡିତ ଗୋରଚନା ରେଖ,
ତିଳକେ ଦୃଷ୍ଟି ରଖ, ସଖି ରେ, କି ଦଶେ ଚଳାଚଳ,
ଭ୍ରୂରୁଚନ୍ଦ୍ରକଚୂଳ । ୧ ।

ଭର୍ତ୍ସିତ ନବରବି, କୁଣ୍ଡଳ-ଯୁଗଛବି, ଗଣ୍ଡରେ,
ଭଦ୍ରୁର ଏକ୍ଷାଠି ବିବେକ ମୁଣ୍ଡରେ,
ଭବ୍ୟଦାୟକ ମାଣିକ୍ୟବର, ଭ୍ରମ ଜାତ କରୁଅଛି ମଧୁରାଧର,
ଭୂମଣ୍ଡନା ରେ !

ଭୂଷୁଣ୍ଡବଟି ସପ୍ତ-ବ୍ରତ ନିଯୁମ ଧୃତ,
ଶ୍ରୀଅଙ୍ଗସଙ୍ଗ ମତ୍ତ, ବନା ଅନାଅ ଦୁ୍ୟତ,
ମଦଦ୍ୱିରଦଗତ, ସଖି ରେ, ଶୋଭନଧି ତୋ ଗାନ,
ନ ଚୂମ୍ବ ଶ୍ୟାମ ନେନ ।୨।

ଭଙ୍ଗୀନପୁରେ ଉଭା, ହେବାର କେତେ ଶୋଭା, ପ୍ରକାଶେ
ଭଗ୍ନଜ କା ହାର ସେ ବକ୍ଷ ଆକାଶେ,
ଭର୍ଗସମାଧି ଭଙ୍ଗ କରବ, ଭଲେ ଏହା କରକମଳ ବଂଶୀରବ,
ଭୂମଣ୍ଡନା ରେ,

ଭୂତଭୂଷ-ବପକ୍ଷ—ପ୍ରସ୍ୱେତ୍ତନରୁ ତକ୍ଷ,
ଏ କିଶୋର କଟାକ୍ଷ, କନକାଚଳ ବକ୍ଷ
କେବଳ ଏହା ଲକ୍ଷ୍ୟ, ସଖିରେ, କହ ବଗ୍ଜୁର ସତେ
ଯୁବକ୍ତଧୃତି କେତେ ? ।୩।

ଘଷିଲେ ଅଷ୍ଟଦୁର୍ଗ-କ୍ଷିତ କପଟ ସ୍ୱର୍ଗ-ମଘାବା,—
ଏ ଶୃଙ୍ଗାର ସୁଧା-ବରଷୀମେଘ ବା;
ଭୃତ୍ୟ ପଣରେ ହେଲେ ଏହାର ଭୁଜ ଭୁଜଗେନ୍ଦ୍ର କରନ୍ତା କଣ୍ଠେ ହାର
ଭୂମଣ୍ଡନା ରେ ;

ଭଜଥାନ୍ତା ରଜନୀ, ଦବସେ ଟିକଦାମୀ,
ଖଟି ଏ କୃପା ଘେନ ; ସାର୍ଥ ହୁଅନ୍ତା ଜନ୍ମ,
ସତେ ଜଲଜଯୋନ, ସଖିରେ, କରବେ ଅନୁଗ୍ରହ ;
ଏ ମୋହନ ବଗ୍ରହ । ୪ ।

---

ରାଗ—କେଦାର ଗୌଡ଼ା । ତାଳ—ତ୍ରିପୁଟା

## — ଗୀତକଥା —

**ଲଳିତା କହୁଛନ୍ତି**—ଜୀବନ-ସଙ୍ଗିନୀ, କାଳ-ସର୍ପିଣୀ ପରି ଦେଖାଯାଉଥିବା ଶ୍ରୀକୃଷ୍ଣଙ୍କର ଭ୍ରୂଲତା ଭଙ୍ଗିକୁ ଚାହାଁ ।

୧—ସଖି ! ଏହାଙ୍କୁ ଦେଖି ମନୁଷ୍ୟର ଆଖିର ଜନ୍ମ ସାର୍ଥକ ହେଲା । ତୁ ସଖୀ, ଆଉ ଏ ରୂପକୁ ଦେଖି ମଦନ ବାଣରେ କାତର ହୋଇ ପଡ଼ନାହିଁ । ମୋ ଗଳାରେ ତୋ ହାତକୁ ଫାଶ କରି ଛନ୍ଦି ଦେଇ, ଆଉ ଭୂଇଁ ଉପରେ ଦମ୍ଭ କରି ପାଦକୁ ରଖି ଛିଡ଼ାହୁଅ । ରେଖମଣ୍ଡିତା ଶ୍ରୀମୁଖ ଚନ୍ଦ୍ରମା କେଡ଼େ ସୁନ୍ଦର ଦିଶୁଅଛି । ଚୂର୍ଣ୍ଣ କୁନ୍ତଳ ତଳର ଅଖଣ୍ଡ ଗୋରଚନା ତିଳକକୁ ଆଖିପକା । ଗନ୍ଧମନ୍ତ ସୁନ୍ଦର ମୟୂର ଚୂଳ କେଡ଼େ ମନୋହର ଦିଶୁଚି, ଅନା ।

ନବ ଅରୁଣ ତେଜକୁ ବଳି ଗଣ୍ଡରେ ଥିବା କୁଣ୍ଡଳ ଦୁଇଟିକୁ ଦେଖିଲେ ବିବେକ ହଜିଯାଏ । କମନୀୟ ଅଧରକୁ ଚାହିଁଲେ ସୁଖ-ଦାୟକ ସର୍ବଶ୍ରେଷ୍ଠ ମାଣିକ୍ୟ ବୋଲି ଭ୍ରମ ଜାତ ହେଉଛି । ସଖି ! ଏ ସବୁକୁ ଦେଖିଲେ ସତୀ ସ୍ତ୍ରୀ ହେଲେ ମଧ୍ୟ ତାର ଧୈର୍ଯ୍ୟ ଏକାବେଳେ ନଷ୍ଟ ହୋଇଯିବ । ରେ, ଭ୍ରୂ-ମଣ୍ଡନା, ତୁ ଶ୍ୟାମର ଅଙ୍ଗ ସଙ୍ଗ ନ ମନାସି କେବଳ ଶ୍ରୀଅଙ୍ଗ ଶୋଭାକୁ ଅନା । ସଖି ! ତାଙ୍କ ନେତ୍ର ତୋ ଅଙ୍ଗଚୁମ୍ବନ ନକରୁ । ୨ ।

ସଖି ! ତ୍ରିଭଙ୍ଗ ଠାଣିରେ ଉଭା ହୋଇ ଶ୍ୟାମ କେଡ଼େ ମନୋହର ଦିଶୁଚନ୍ତି, ଅନା । ଶ୍ରୀକରରେ ଶୋଭା ପାଉଥିବା ବଂଶୀର ସ୍ୱନ, ମହାଦେବଙ୍କ ପରି ଯୋଗୀର ଧ୍ୟାନକୁ ମଧ୍ୟ ଅକ୍ଳେଶରେ ଭଙ୍ଗ କରିଦେବ । ଆରେ, ଭ୍ରୂ-ମଣ୍ଡନା, ଏଇ ନବକିଶୋରଙ୍କ ବାଙ୍କଚାହାଣୀ କନ୍ଦର୍ପ ଶରରୁ ମଧ୍ୟ ଆହୁରି ତୀକ୍ଷ୍ଣ । ସଖି ! ଥରେ ବିଚାରି କହିଲୁ ଏହା ନିକଟରେ ଯୁବତୀର ଧୈର୍ଯ୍ୟ କି ସ୍ଥିର । ୩ ।

ଆଠଗଡ଼ ରାଜା କହୁଚନ୍ତି, ଶ୍ରୀକୃଷ୍ଣଙ୍କର ଏ ରୂପ ଦେଖି ମନେ-ହୁଏ ସତେ କଅଣ ଏହା ଶୃଙ୍ଗାର ରୂପକ ସୁଧା-ବର୍ଷନ୍ତ ମେଘ କ ,? ଯେବେ କେହି ଯୁବତୀ ଦାସୀପଣରେ ସୁଦ୍ଧା ଏହାଙ୍କ ଭୁଜଙ୍ଗ ବାହୁକୁ ତାର କଣ୍ଠଦେଶରେ ହାର କରିପାରନ୍ତା ଆଉ ଏହାଙ୍କର ପିକଦାନ-ଧରୀ ଭୃତ୍ୟ ହୋଇପାରନ୍ତା, ତେବେ ସେ ଆପଣା ଜନ୍ମକୁ ସାର୍ଥକ ମନେକରନ୍ତା । ସତେ କ'ଣ ବିଧାତା, ଏ ମୋହନ ବିଗ୍ରହକୁ ପାଇବା ଭଳି ଅନୁଗ୍ରହ କରିବେ ? । ୪ ।

**କୁଳାଙ୍ଗନାଧୈର୍ଯ୍ୟବ୍ୟୟୁକରଣ ଧୂର୍ଯ୍ୟସ୍ମିତଲ୍ଲେବୋ**
**ବିଧନ୍ତୀପାଭ୍ୟାସେ ଭୁବନନୟନା ସେଚନକତାଂ ।**
**ହରିଃ ସୋଽୟଂ କାଳାମ୍ବୁଦନିଭଚମାଳାଗମରୁଚିଃ,**
**କୃତସ୍ତ୍ରୈର୍ଯ୍ୟନ୍ୟାସଂ ଗତନିମିଷୟା ସଂପିବ ଦୃଶା ॥**
**ଇତି ବିଜ୍ଞାପ୍ୟ ବିଧାଙ୍ଗସୌରଭଲବ୍ଧବିଧାନଙ୍ଗମଙ୍ଗଳ ସଙ୍ଗୀତ-ମଧୂକରନିକରବିଜାଣିଯୁବଳାସଚୂର୍ଣ୍ଣନିକୁଞ୍ଜପୁଞ୍ଜ ଅମ୍ବୁନଂ ହରେର୍ଲୋ-ଚନଗୋଚରୀକୃତ୍ୟ କୁସୁମନଚୟାବଚୟସମୁଦ୍ୟ ମାଭନସ୍ତେନ ତତୋ ତତିକାନ୍ତରଂ ପ୍ରତି ଲଳିତାୟାଂ ଲଳିତାୟାଂ—**

**ଅର୍ଥ:—**

ଲଳିତା—କିଶୋରୀ ଲୋ,
ମଧୁ ମନ୍ଦ ହସି ଯେହୁ
ଗୋପକୁଳ ବାଳା ଧୈର୍ଯ୍ୟ
ଅବହେଳେ କରିପାରେ ଲୋପ,
ନବମୀଳ ଘନରୁଚି—
ତମାଳ-ବରଣ ସେହି ଶ୍ୟାମ,
ବିଶ୍ୱଜନ ନୟନ-ରଞ୍ଜନ ଛବି ଧରି,
ବିଜେ ସଖି କେଳିକଦମ୍ବର ମୂଳେ,

ନୟନ ପୁରାଇ ଦେଖ ।
ଅପଲକ ନୟନେ ଗୋ,
ପାନ କର ରୂପ-ସୁଧା ଧନ !
କହ୍ନ ଏତେ,
ଫୁଲତୋଳା ଛଳ କରି
ଚଳିଲେ ଲଳିତା ଆନ ଲତିକା ସମୀପେ ।
କୁଞ୍ଜେ ଏକା ରହିଲେ ଶ୍ରୀମତୀ ।
ଧନୀ ଅଙ୍ଗ ସଉରଭେ
ଆକୃଷ୍ଟ ଭ୍ରମର କୁଳ
ଆରମ୍ଭିଲେ ଚହୁଁ

କାମ-ସନ୍ଦୀପକ ସବିଳାସ ମଙ୍ଗଳ ସଂଗୀତ

( ଏକାଳରେ ଦକ୍ଷିଣ ଅନିଳ
ପ୍ରସରିଲା ମନ୍ଦ ମନ୍ଦ କଦମ୍ବ କାନନେ )

---

## 'ମ'

### ଅନୁରକ୍ତା

ମହୁର ଝଟାଳ ମକରନ୍ଦ-କଣା ବାଣ୍ଟିଲା ଫୁଲ-ନାଗରୀ,
'ମନ୍ଦ' 'ମନ୍ଦ' ବୋଲି କୋଇଲି ଡାକୁଆ ତା' ଦେଖି ପକାଏ ତୁରି ।
ମଧୁକର ମଧୁ-ଗୁଞ୍ଜରଣେ ପୁଣି ମାଧୁକରି ଆରମ୍ଭିଲା,
ମୋହିନୀ-ମୋହନ ମିଳନେ ମଙ୍ଗଳ ଶଙ୍ଖ ଧ୍ୱନି ଶୁଭା ଦେଲା !

— ଗୀତ —

ମଧୁରେ, ମନ୍ଦ ମନ୍ଦ ହୋଇ ଗନ୍ଧବହ ପ୍ରସରିଲ କଦମ୍ବ ନିକୁଞ୍ଜସୀମାରେ,
ମରନ୍ଦ ସେକେ ଚମକି ଲୋକେ ଭାଷିଲେ ଇଷି ମା ରେ,
ମିଳିନ୍ଦ ଲତା ଦମ୍ପତିବନିତା ବଦନେ ମିଶି ମାରେ,
ମଣ୍ଡିତ ହେଲା ସେ ବନସ୍ଥଳ, ମହାରଜତ ମହେନ୍ଦ୍ର ମାଳ-
ମୟୂଖ ଶିଖାମୟ ମଞ୍ଜରୀ ବସର ସୁଷମାରେ । ପଦ ।
ମିଶିଲା ଗୃହିନୟନ ବାରି- ରୁହ ମଦନୁ ଲଭି ଲଗୁହି
ମିଳିଲା ଶ୍ୟାମ ଗଉର ଦୁଇ ମହ,
ମଧୁପ ଯୁବା ଲଭିଲା ଅବା ନବ ସରସୀରୁହ,
ମାନସ ଅଙ୍ଗଭେଦ ପ୍ରସଙ୍ଗ ଭଙ୍ଗ ରଚିଲା ସ୍ନେହ ;
ମଉଳିଗଲା ଶେଷ ସାତ୍ତ୍ୱିକ ମୃଡନୟନ ସଂଖ୍ୟକଯାକ
ମଜ୍ଜାଇ ଦେଲା ଦୁହିଙ୍କ ମନ ମହାମୋଦପ୍ରବାହ । ୧ ।
ମଦଦ୍ୱିରଦ-ମଥିତହ୍ରଦ, ମୂର୍ଚ୍ଛିତ ମହୋତ୍ପଳ ଆମୋଦ,
ଫୁଲ୍ଲଚମ୍ପକ ଶ୍ରୀଅଙ୍ଗରାଗ ବାସ,
ମୃଗଲାଞ୍ଛନ ମରୀଚି ଚୂର୍ଣ୍ଣ ଧାବଲ୍ୟ ପରକାଶ,
ମଧୁମାଦକ-ଗୁଣ-ସୂଚକ କୋକିଳ କଳଘୋଷ,
ମଣି ମଣ୍ଡିତ କିଙ୍କିଣୀଯୁତ ମଞ୍ଜୁ ମଞ୍ଜୀର ଭୂଷାଶିଞ୍ଜିତ
ରସନା ରଣତ୍କାର ଶ୍ରବଣ କଲା ବିବେକ ମୋକ୍ଷ । ୨ ।
ମଧୁ ମଧୁର ବଧୂ ଅଧର କିଶୋର ବର ରଦନାମ୍ବର,
ବିମ୍ବ ଚୁମ୍ବନ ଚୁଂକୃତ ସ୍ୱନମେଳା,
ମୃଦୁ ମନ୍ମନ ଧ୍ୱନି ଜନନ କଲାଟି ହୋଡ଼ଖେଳା,
ମହେନ୍ଦ୍ର ମଣି, ବଳୟ ଶ୍ରେଣୀ ରଚିଲା ହୋଇ ଲୋଲା,
ମନୋଜ୍ଞ ଗୃହି ପୀୟୂଷମୟ, ମିଶ୍ରିତ ହେଉ ହେଉ ସମୟ
! ମାର ମହତ୍ତ୍ୱ ଗଲା କି ନାହିଁ ହେଲା ସଂଶୟଦୋଳା । ୩ ।

ମନ୍ଦାର ବନ ସେ ବନରସା- ଛନ୍ଦେ ରଚିଲା ସୂନ ବରଷା
ରସିଲେ ସର୍ବ ଗନ୍ଧର୍ବମାନେ ଗାନେ ;
ମାତ୍ତ ତାଣ୍ଡବ ରଚିଲେ ଦେବଦାସୀଏ ସାବଧାନେ,
ମର୍ଦ୍ଦଳ ଘୋଷ ହେଲା ତ୍ରିଦଶ ମଣ୍ଡଳେ ସବୁସ୍ଥାନେ,
ମୁକତ ପ୍ରାପ୍ତ ହେଲା ତ୍ରିଲୋକ- ମାନସୁ ମ୍ଳାନ କଲେ ପାତକ
ଶ୍ରୀ ଜଗଦ୍ଦେବ ହରିଚନ୍ଦନ ସେ ମହୋତ୍ସବ ଧ୍ୟାନେ । ୪ ।

ରାଗ-ମାରୁଆ । ତାଳ—ତ୍ରିପଟା।

—ଗୀତକଥା—

ବସନ୍ତ ସମାଗମ ହେଲା—

କଦମ୍ବବନ ସୀମାରେ ଧୀରେ ଧୀରେ ମଳୟ ବହିଲା । ଫୁଲରୁ ମକରନ୍ଦ ଝରିବାର ଦେଖି, ଲୋକେ କାମ ବିଭୋର ହୋଇ ଚମକି 'ଇଷି ଇଷି' କହିଲେ । ଭ୍ରମରମାନେ ଗର୍ବିତା-ନାଗରୀ ରୂପିଣୀ ଲତିକାର ମୁଖରେ ମିଶିଗଲେ । ଶ୍ରୀମତୀଙ୍କର ସୁନାଶିରୀ ଓ ଶ୍ରୀକୃଷ୍ଣଙ୍କର ଇନ୍ଦ୍ରନୀଳମଣି ତେଜର ସଞ୍ଚାର ଜନିତ ସୁଷମା ବନସ୍ଥଳରେ କଳିକା ମଣ୍ଡିଦେଲା ପରି ଶୋଭା ପାଇଲା । ଘୋଷା ।

୧ — କନ୍ଦର୍ପପୀଡ଼ାରେ ନାଗର ହୋଇ ଶ୍ୟାମ ଓ ଶ୍ରୀମତୀଙ୍କର ଚାରି ଗୋଟି ନୟନ କମଳ ଏକତ୍ର ହେଲା । ଶ୍ୟାମ ଓ ଗୌର ଦୁଇଟି ତେଜ ଏକାଠି ମିଶିଗଲା । ସତେ ଅବା ଯୁବକ ଭ୍ରମର ନବୀନା କମଳିନୀର ସଙ୍ଗଲାଭ କଲା । ସ୍ନେହ ବଳ ପଡ଼ିବାରୁ ମନ ଓ ଦେହ ଦୁହେଁ ଅଭିନ୍ନ ହୋଇ ଆପଣା ଆପଣା ପାର୍ଥକ୍ୟ ପାଶୋରି ଦେଲେ । ସାତ୍ତ୍ୱିକ ଭାବର ଶେଷ ତିନିଗୋଟି ବିଭାଗ ଅର୍ଥାତ୍ ବିବର୍ଣ୍ଣତା, ଅଶ୍ରୁ

ଓ ମୂର୍ଚ୍ଛା ଏ ତିନିହେଁ ସାକ ମଳିନ ହୋଇଗଲେ । ବାକି ପ୍ରଥମ ପାଞ୍ଚଗୋଟି ଅର୍ଥାତ୍ ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ ସ୍ୱରଭଙ୍ଗ ଓ କମ୍ପନ ପ୍ରବଳ ହୋଇ ଉଠିଲା । ଦୁହିଁଙ୍କ ମନ ମହାଆନନ୍ଦ ପ୍ରବାହରେ ଆନ୍ଦୋଳିତ ହୋଇ ଉଠିଲା ।

୨—ମତ୍ତହସ୍ତୀ ଦଳି ଦେଇଥିବା ହ୍ରଦରେ ଫୁଟିଲା ପଦ୍ମର ପରାଗ ସୁବାସ ସହିତ ମିଶି ଚଉହଗରେ ବିସ୍ତୃତ ହୋଇ ପଡ଼ିଥିବା ପରି ଶ୍ରୀକୃଷ୍ଣ ଓ ଶ୍ରୀମତୀଙ୍କର ପ୍ରେମ-ମିଳନ କାଳର ଅଙ୍ଗ ସୌରଭ ଚତୁ-ର୍ଦ୍ଦିଗରେ ଚହଟିଗଲା । ଏତିକିବେଳେ ନୂଆ ପରିଧଳା ଚନ୍ଦ୍ରକିରଣ ପ୍ରକଟି ଉଠିଲା ! କୋଇଲି କୁହୁକୁହୁ ଡାକି ବସନ୍ତର ମାଦକତା ପ୍ରକାଶ କଲା । ମଣି ମଣ୍ଡିତ କିଙ୍କିଣୀର ନାଦ ନୂପୁର ଧ୍ୱନି ସହିତ ମିଶି ମଧୁର ସ୍ୱର ସୃଷ୍ଟିକଲା । ତହିଁ ସହିତ ଚନ୍ଦ୍ରହାରର ରଣଝଣ ଶବ୍ଦ ବିବେକକୁ ଲୋପ କରିଦେଲା ।

୩—ଶ୍ରୀମତୀଙ୍କର ମଧୁରାଧର ଶ୍ରୀକୃଷ୍ଣଙ୍କ ଅଧର ସହିତ ମିଶି ଏକତ୍ର ଚୁମ୍ବନ ଶବ୍ଦ ସୃଷ୍ଟିକଲା । ଶ୍ରୀକୃଷ୍ଣଙ୍କ କୋଡ଼ରେ ଶ୍ରୀମତୀଙ୍କର କ୍ରୀଡ଼ା କାଳରେ ଇନ୍ଦ୍ରନୀଳମଣି ନିର୍ମିତ ବଳୟମାନ ଇତସ୍ତତ ହୋଇଗଲା । ତହିଁରୁ ଅବ୍ୟକ୍ତ ମଧୁର ଧ୍ୱନି ଜାତ ହେଲା । ଦୁହିଁଙ୍କର ମନହୋର ଚାଟୁବାକ୍ୟ ଏକତ୍ର ମିଶିଗଲାବେଳେ କନ୍ଦର୍ପର ମହତ୍ତ୍ୱ ଆଉ ରହିଲା କି ନାହିଁ ବୋଲି ମନରେ ସନ୍ଦେହ ଆସିଲା ।

୪—ଏତିକିବେଳେ ସେଇ ବନରେ ସ୍ୱର୍ଗରୁ ପୁଷ୍ପ ବୃଷ୍ଟିହେଲା । ଗନ୍ଧର୍ବମାନେ ସଙ୍ଗୀତ ଆରମ୍ଭ କଲେ, ଦେବଦାସୀମାନେ ସଂଯତ ହୋଇ ନୃତ୍ୟକଲେ । ଗୁରିଆଡ଼େ ମର୍ଦ୍ଦଳ ଧ୍ୱନିତ ହେଲା । ତିନି ଲୋକର (ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର) ଲୋକେ ପ୍ରକୃତି ଏବଂ ପୁରୁଷଙ୍କର ମିଳନରେ ପାପମୁକ୍ତ ହେଲେ । ସେହି ମହୋତ୍ସବ ଧ୍ୟାନ କରି ରାଜା ଜଗଦ୍ଦେବ ହରିଚନ୍ଦନଙ୍କ ମନରୁ ପାପ କ୍ରମଶଃ ଦୂରୀଭୂତ ହେଲା ।

ପ୍ରପଞ୍ଚକାନ୍ଧତମସାନ୍ଧୁ ପିଶଣ୍ଡପାତାତ୍
ପ୍ରାପ୍ତୁଃ ସମାକୁଳବିବେକଦୃଶାଂ ଜନନାଂ ।
ଗୃମୀକରପ୍ରକରପୀତମୟୂଖଲେଖା,
ନୀଲୋପଲାଂଶୁମୟୁମସ୍ତୁ ବିନାୟୁ ତେଜଃ ।

ଶିଶୁପତ୍ମୁକ୍ତଷିପ୍ତାଂ ମାଳାମିବ, ଶାଣୋଲ୍ଲୀଢ଼ାଂ ମଣିମିବ, ତମସାଗ୍ରସ୍ତଗଳତାଂ ଚନ୍ଦ୍ରକାମିବ ; ଗଜେନ୍ଦ୍ରକଳତୋଜ୍ଝିତାଂ ସରୋଜନୀମିବ, ମୃଗନ୍ଦ୍ରେଗୃହୀତମୁକ୍ତାଂ ମୃଗୀମିବାନଙ୍ଗସଙ୍ଗରରଙ୍ଗମଙ୍ଗଳମଦ୍ୱୋସ୍ରବାଭିଶପ୍ତାୟୁସ୍ତା ଭୂପୁସ୍ତାମଙ୍କ ମା ରୋପ୍ୟ କୃଷ୍ଣଃ ।

**ଅର୍ଥ:—**

ସ୍ୱର୍ଣ୍ଣପ୍ରଭ କଶୋଗ୍ଧ କରଣମାଳା,
ପୁଣି,
ନୀଳ କମଳ-ନନ୍ଦିତ
ଶ୍ୟାମ ଅଙ୍ଗତେଜ,
ମୋହାନ୍ଧ-କୂପରୁ
ରକ୍ଷାକରୁ ସଂସାରୀ ଜନରେ ;—
ଯାହାଙ୍କ ବିବେକ ଦୃଷ୍ଟି
ଘନାବୃତ ଘୋର ଅନ୍ଧକାରେ ।
ବାଳକର—
କଣ୍ଠଦେନା ପରେ ଫୁଲମାଳ ଫିଙ୍ଗାପରି,
ଶାଣଘଷା ମଣି ସଚ ଅବା,
ରାହୁମୁକ୍ତ ଚନ୍ଦ୍ରମା ଯେସନ,
କିବା, ମଦମତ୍ତକରୀ—ଦଳା
ପଦ୍ମବନେ ଉପେକ୍ଷିତ
ପଦ୍ମନାଳ ସରି,

ଅଥବା ହରିଣୀ ସମ ;—
ଉଧିର ଯେ ଆସିଅଛୁ ସିଂହର କବଳୁ ;
ସେହି ମତ—ସେହିମତ ରତ—ପ୍ରାନ୍ତେ
ଶ୍ରାନ୍ତା କଶୋରୀରେ
ଅଙ୍କରେ ବସାଇ ଶ୍ୟାମ
ସମ୍ଭାଷିଲେ ମଧୁ :—


## 'ଘ'

—ଅନୁଚନ୍ତା—

**ଯାମିନୀ ମାତର ପରମାୟୁ ତାର କେତେ କାଳ ଅବା ସତେ,**
**ଯାବତ କାଳର ଯତନ ସାଇତା ହେବ କ ସରିବ ଯେତେ ?**
**ଯୋଗାଇ କଶୋରୀ ମାନସ କଶୋର ବଶୋର ଆପଣା ପଣ,**
**ଯଦୁବନ ଯାଉ ଚରଣେ ଶରଣ ବଖାଣିଲେ ତାର ଗୁଣ :—**

—ଗୀତ—

ଯୋଷାବର ରେ, ଯଥାର୍ଥରେ ଜାଣ ମୁଁ ତୋହର ରେ,
ଯାମଳଭୂଧରନଭପୟୋଧର ମରଦନଆ ଗୃକର ରେ । ପଦ ।
ଯାବକ ତୋ ପଦକଞ୍ଜର ସମଦଗଜଗଣ୍ଡ ମୋ ଶେଖରରେ,
ଯଷ୍ଟୀନ୍ଦ୍ର ସମାଧି-ଖଣ୍ଡନା ତୁ ନଧି, ମୁଁ ରଙ୍କମାନଙ୍କ ବର ରେ । ୧ ।
ଯମକ କ ତୁହି ପୂର୍ଣ୍ଣଚନ୍ଦ୍ରମୁହିଁ ! ମୋ ମହାଶୁଭ ଦଶାର ରେ ।
ଯତ୍ନେ ସମ୍ପାଦବା ଚନ୍ତାମଣି ଅବା ମୋ କରେ ହେଲୁ ସୁସାରରେ ।୨।



"ଯଉବନ ଯାର ଚରଣେ ଶରଣ ବଖାଣିଲେ ତାର ଗୁଣ"

—ଶ୍ରୀକୃଷ୍ଣ—

ଯୁବତି କଦମ୍ବରାଜୀ ଅବଲମ୍ବ ହୋଇଲୁ ଯେବେ ନକର ରେ,
ଯୁଦ୍ଧକୁ ସନ୍ନିଧ ହେଉ ଅତି କ୍ରୁଦ୍ଧ ହୋଇ ଏବେ ପଞ୍ଚଶର ରେ ।୩।
ଯମୁନାବାହିନୀ ଚଟୁଳହବନୀ ଅବନୀ ବନାଇବାର ରେ ।
ଯଶ ରଖି ନନ୍ଦା ପଟଳୀରୁ ବୃନ୍ଦା କରାଇଲ ତ ନବାର ରେ ।୪।
ଯଶୋଦାକୁମର ଗିରେ ରାଧା ଶିର ନୁଆଁଇଲେ ଲଜ୍ଜାଭରରେ ।
ଯୁଗଳ ବିଗ୍ରହ କରି ଅନୁଗ୍ରହ ଅଷ୍ଟଦୁର୍ଗ ପୁରନ୍ଦର ରେ ॥

ରାଗ ମୁଖାରୀ । ତାଳ ଆଡ଼ତାଳି ।

---

## —ଗୀତକଥା—

ନାଗରୀ-ମଣ୍ଡନା ! 'ମୁ ତୋହର' ଏକଥା ନିଶ୍ଚିତ କରି ଜାଣ । ଯାଉଁଳ ପର୍ବତ ପରି ଦେଖାଯାଉଥିବା ତୋର ଉଚ୍ଚ କୁଚ ଯୁଗଳର ମର୍ଦ୍ଦନକାରୀ ଶୂକର ବୋଲି ମୋତେ ଘେନାକର । ଘୋଷା ।

୧ – ଆରେ ମତ୍ତଗଜ ଗମନା, ତୋ ପାଦତଳର ଅଳତା ମୋ ମଥାର ଭୂଷଣ ପରି । ଯୋଗୀ-ଯୋଗ-ଭଙ୍ଗିନୀ ! ତୁ ଅମୂଲ୍ୟ ନିଧି, ମୁଁ ଅତିଦରିଦ୍ର ଅଟେ ॥

୨—ରେ ଚନ୍ଦ୍ରବଦନା, ତୁ ମୋ ମହା ଶୁଭଦଶାର ପୁନରାଗମନ କି ? ଅଥବା ହାତରେ ମୋର ଅତି ଯତ୍ନରେ ସାଇତା ଅମୂଲ୍ୟ ମଣି ମୋତେ ଦେଇପକାଇଲୁ କି ? ॥

୩ – ଆରେ ନାଗରୀରାଜା ! ମୁଁ ତୋର ଆଶ୍ରୟ ପାଇପାରିଲି— ଏତକ ଜାଣିପାରି ମୁଁ କନ୍ଦର୍ପ ସହିତ ଲଢ଼ିବା ପାଇଁ ପ୍ରସ୍ତୁତ ଅଛି । ଏଣିକି ସେ ଲୁହାର ସାଞ୍ଜୁ ପିନ୍ଧି ଆସିଲେ ମଧ ମୁଁ ତାଙ୍କୁ ଖାତିର କରୁନାହିଁ ।॥

୪—ସହଚରୀବୃନ୍ଦା ଯମୁନା କୂଳର ଏହି ବନକୁ ଲୀଳାସ୍ଥଳରେ ପରିଣତ କରାଇ ନନ୍ଦାକୁ ଏଡ଼ାଇ ସତରେ ଏକା ଯଶ ରଖିଦେଲି ।

୫—ରସରାଜ ଶ୍ରୀକୃଷ୍ଣଙ୍କର ଏହିପରି କଥାରେ କିଶୋରୀ ରାଧା, ଲାଜରେ ମଥା ନୁଆଁଇ ଦେଲେ ।

ରାଧାକୃଷ୍ଣ ଯୁଗଳ ଆଠଗଡ଼ର ରାଜାଙ୍କୁ ଅନୁଗ୍ରହ କରନ୍ତୁ ।

## ଶ୍ଳୋକ

**ଅଦ୍ୟପ୍ରଭୃତ୍ୟନଳସେନ୍ଦୁ ସହୋଦରାସ୍ୟେ,**
**ଦାସ୍ୟେ ତବାସ୍ମ୍ୟହମହର୍ନିଶମେବ ଯୁକ୍ତଃ ।**
**ଆଗୋ ଲତା ନ ଗଣୟତ୍ୟକୃଶଂ ଯଥାଲେ-**
**ର୍ବାଲେ ମମ ତ୍ୱମପି ତଦ୍ ସତତଂ କ୍ଷମସ୍ୱ ॥**

**ଇତ୍ୟଂ ପ୍ରତ୍ୟଙ୍ଗଚୁମ୍ବୋଚ୍ଚୟଚଟୋଚ୍ଚରିତଚୁମୁତ୍କାର-ଚମତ୍କରଣଃ ସଚଟୂଳଚଟୂକ୍ତିପଟିମାଟୋପପୂଟିତୈର୍ମୁଦୁଭର୍ବଚନୈ-ଶ୍ଚେଲାଞ୍ଚଳବ୍ୟଞ୍ଜନବୀଜନୈଶ୍ଚାପନ୍ନାବସାନାୟୁଂ କ୍ଷଣଦାୟୁଂ ମଞ୍ଜୁଳ-କେଳମଞ୍ଜରୀ ନଳୟୁଦ୍ୱାର ନଲୀୟୁ କାଚିତ ବ୍ରଜଦେବୀ ।**

**ଅର୍ଥ** ;—

ଶ୍ରୀକୃଷ୍ଣ—ପୂର୍ଣ୍ଣଚନ୍ଦ୍ର ମୁଖି ରେ ସୁନ୍ଦରି,
ଆଜଠାରୁ ଘେନ ମୋତେ
କୋଯୁର ମୁଁ ତୋର ନଶିଦ୍ଦନ ।
ଲତା ଯଥା ଅପରାଧ ନ ଘେନଇଁ
ମଧୁଲିଟ ବଧୁର-ଚୁମ୍ବନେ,
ନବୀନା କିଶୋରି—
ସେହିମତ !
ସେହି ମତ କ୍ଷମିବୁ ଲୋ, ଅପରାଧ ମୋର ।
ଚୁମ୍ବନର ଚୁଁ କାର ଶବଦେ ମୋହନର ।

ଜାତ ହେଲା ଆନନ୍ଦ ଅପାର ।
କହୁ କହୁ ଗୃଢ଼ କଥାମାନ,
ପଣନ୍ତରେ ଦେଇ ଦେଇ ବାଣ୍ଟ,
ପ୍ରଭାତିଲା ସୁଖ ନିଶି ।
ଏହି କାଳେ
ମଞ୍ଜୁକେଳି କୁଞ୍ଜଦ୍ୱାରପଟେ
ଆଡ଼େ ଆଡ଼େ ରହି କେହି
ବରଜ ଲଳନା
ଦେଖି ଦେଲା ଚତୁର୍ଥ ଭାଇବର ;

## 'ର'

## ଅନୁଚନ୍ତା

**ରଟିଲା କଳକଣ୍ଠ ଯେବେ କି ରଜନୀରେ କଲା ନାଶ**
**ରସିକା ବରଟେ,ସୁଖ ନିଶି ଶେଷେ ସଜାଡ଼ିଲା ବାସ ବାସ,**
**ରହି କୁଞ୍ଜ ଦ୍ୱାରେ ସଜନୀ ଦେଖାଏ ଏ କି ଲାଜ କଥା ସତେ ?**
**ରତି ସାର ମାତି ସୁରତେ,ନଅଣ୍ଟ ହେଲା କି ଗୋ,କାଳ ଛୋଟେ !**

—ଗୀତ—

ରସାଳସା ରେ । ରସି ଘୂର୍ଣ୍ଣି ଏ କି ଲୋକହସା ରେ । ପଦ ।
ରକ୍ତମା ଚୁମ୍ବିଲା ଇନ୍ଦ୍ର ଆଶାରେ,
ରାଜୀବେ ପ୍ରଫୁଲ୍ଲ ହେଲେ କାଶାରେ । ୧ ।
ରତିନାଥ ସମର ପ୍ରଶଂସାରେ,
ରମଣୀ ଙ୍କେ ନ ରସନ୍ତି ସଂସାରେ । ୨ ।
ରସନ୍ତି ରସିକେ ସିନା ନିଶାରେ,
ରଜନୀ ଶେଷରେ ଏ କି ଦଶାରେ । ୩ ।

ରମଣୀୟ ହେମକୁ ସୁଦୃଶା ରେ,
ରଖିଲୁ କେଡ଼େ ନବଡ଼େ ମସାରେ । ୪ ।
ରହୁ ନା ଅଯଶ ଆଉ ରସାରେ,
ରସାରୁହରୁ ଲତାକୁ ଖସା ରେ । ୫ ।
ରାଜା ଅଷ୍ଟଦୁର୍ଗର ଏ ଭାଷାରେ,
ରଚେ ଏବେ ବିଜେ ହୋଉ ସୁସାରେ ।
ରାଗ— ଆଶାବରୀ । ତାଳ—ଆଡ଼ତାଳି ।

**—ଗୀତକଥା—**

ରସାଳସା, ଏ କେମିତି କଥା ? ରସରେ ମାତି, ପୁଣି ଏମିତି ଲୋକହସା ହେବାଟା କ'ଣ ସୁନ୍ଦର ହେଉଚି ?

୧ । ପୂର୍ବମେଘରେ ସିନ୍ଦୁର ଫାଟି ଆସିଲାଣି, ପୋଖରୀରେ ପଦ୍ମ ଫୁଟିଲାଣି ।

୨ । ସଂସାରରେ ଏଭଳି କେଉଁ ରମଣୀ ଅଛି, ଯେ କି ରତି-କ୍ରୀଡ଼ାରେ ବିଜୟିନୀ ହୋଇ କାମଦେବଙ୍କୁ ପ୍ରଶଂସା ନକରେ ?

୩ । ହେଲେ, ରାତିରେ ସିନା ରସିକମାନେ ରସରେ ମାତନ୍ତି, ରାତି ପାହାନ୍ତାରେ ପୁଣି ଏ କି ଦଶା ? ସକାଳ ହେଲା, ଏବେ ସୁଦ୍ଧା ତୋ ରଙ୍ଗରସ ତୁଟୁନାହିଁ ?

୪ । ଗୁରୁନେତ୍ରା ! ସୁନା ଭିତରେ ସିନା ଇନ୍ଦ୍ରନୀଳମଣି ବସେ, ତୁ ତୋ ସୁନା ଦେହକୁ ନେଇ ନୀଳମଣି ଶ୍ରୀକୃଷ୍ଣଙ୍କ ମଧ୍ୟରେ ଠାଣକର ବସାଇ ଦେଲୁ, କେମିତି ଭଲା ?

୫ । ଜଗତରେ ଅପବାଦ ରଟାନା ଆଉ, ତୋ ଅଙ୍ଗଲତାକୁ ଶ୍ରୀକୃଷ୍ଣ ରୂପୀ ତରୁରୁ ଏବେ ଖସାଇ ଦେ ।

୬ । ଆଠଗଡ଼ ରଜା କହୁଛନ୍ତି:—ଏଥର ଭୁନ ହୋଇ ଭଲେ ଭଲେ ଗୃଲଆ ।

## ଶ୍ଳୋକାଂଶ

**ଅନାଦୃତ୍ୟାଳୀନାଂ ପ୍ରିୟବଚନମାଳାମକଠିନାମ୍,**
**ହଠାତ୍ ପ୍ରେୟଃଶ୍ରଦ୍ଧାର୍ଗଳନଚଣ୍ଡୂବୁଦ୍ଧାସି ସଖି ଚେତ୍ ।**
**ଇଦାନୀମସ୍ୟାମ୍ବାଦନମଦନଭୂଷାଙ୍ଘ୍ରିଂ ସୁତନେ,**
**ଯଥାଭୂୟାତ୍ ତନ୍ନ୍ୟାନ୍ କୁରୁ କୁଶଳପନ୍ନାସ୍ୟଦପିତମ୍ ॥**

**ତତସ୍ତଦାକର୍ଣ୍ୟ କର୍ଣ୍ଣାନ୍ତ୍ୟର୍ଣ୍ଣଚୁମ୍ବି ଚୂର୍ଣ୍ଣକୀର୍ଣ୍ଣକଲ୍ଲୋଳ ଲୋଚନାଂ ଦାଦୋଭୀର୍ଣ୍ଣସ୍ୱର୍ଣ୍ଣପାବର୍ଣ୍ଣ୍ୟଚୂର୍ଣ୍ଣବର୍ଣ୍ଣା ଶୀର୍ଣ୍ଣନଧ୍ଵନୋହ୍ଲାହାନ୍ତରେକା ସା ତ୍ରକ୍ତର୍ଣ୍ଣମାଲ୍ୟମୁତ୍‌ଥାପ୍ୟ ସନ୍ନାସନ୍ନଂ କଶୋରେଶ୍ୱରଂ ପ୍ରତି :—**

**ଅର୍ଥ :—**

**ସଖୀ**—ସଜନୀ ଲୋ,

ନ ଘେନ ତୁ ସହଚରୀଜନ ହିତ କଥା
ଦେଇ ସାରିଛୁ ଲୋ, ଯେବେ ଧରୀ ପ୍ରିୟ-ପାଶେ ;
ଏବେ ହେଲେ ଉଧୂରିବା ଉପାୟ ତୁ କର ।
ରଖ ତୁ ଆମ୍ଭଣା ମାନ ।
ନହୁଅ ଉଗାରି-ହସା ।
ଶୁଣି ସଖୀ ମୁଖୁଁ
ଏତେ ସାବଧାନୀ ବାଣୀ,
ତପତ ହେମବରନା, ଆୟତ୍ତ ଲୋଚନା
ରତିରଙ୍ଗ-ଆଳସୀ କଶୋରୀ,
ଫିଙ୍ଗି ବେଗେ କୁସୁମର ହାର ସହୁଁ ତହୁଁ,

ଲାଜେ ଲାଜେ, ଡରେ ଡରେ
ଚେତକ ନଟବର ଅଙ୍କ,
କହିଲେ ବନସ୍ତ୍ରୀ :—

———

## 'ଲ'

### ଅନୁଚିନ୍ତା

ଲଳନା ଲଳାମଣ୍ଡିର ନୋଇଁ ଗଣ୍ଡ ଜଣାକଲେ ଯୋଡ଼ି କର-
ଲଳିତା ବଚନ ଶୁଣିଲ ତ ବେଗେ ପୂରେ ଭଲ ବଜେଜର ।
ଲବେ ହେଲେ ଦସ୍ୟୁ ନାହିଁକ ? ଆହ୍ଲଭ ଲୋକେ ହେଲେ ଜଣାଜଣି
ଲାଜେ ଏ ବରଜେ ପଥ ମୁଁ ବୁଲବ, କ କର ମୁରଲୀ-ପାଣି ?

—ଗୀତ—

ଲୀଳାନିଧି ହେ, ଲାଜେ ମୁଁ ଗଳିଟି ସଡ଼ି
ଲୁଗୁଇଛ କାହିଁ ଶ୍ୟାମ ହେ, ଦିଅ ମୋ ଲାଗି ଶାଢ଼ୀ । ପଦ ।

ଲଭି ତୁମ୍ଭଙ୍କୁ ପ୍ରାଣବନ୍ଧୁ କରି,
ଲୋକହସାରେ ଯେବେ ଯିବ ସରି,
ଲସିବ ଯେବେ ଟାଇ ନାଦାଦାଉ,
ଲାଗିଲା ଆପଣଙ୍କୁ କେହ୍ନ ଆଉ । ୧ ।
ଲକ୍ଷ ଲକ୍ଷ ଋଣ ଅଛିଟି ମୋର,
ଲଲାମ ଆଦି ଭୂଷା ସଜ କର,
ଲଭିଥିବ ଭୃରୁ-ମଧ୍ୟ ତିଳକ,
ଲେଖିଦିଅ ବେଗେ ନ ଦେଖ ଲୋକ । ୨ ।

ଲୋଭୀ, ଶ୍ରୀଭୁଜବନ୍ଧ ଶିଥିଳାଅ,
ଲତା ଗନ୍ଧଲେ ଗନ୍ଧନେ ପଳାଅ,
ଲଗିଛୁ ଲକ୍ଷା ମୁକୁଟ ଶିଖଣ୍ଡେ,
ଲାଜ କଥା ଲୋକେ ଦେଖିଲେ ଦାଣ୍ଡେ । ୩ ।
ଲଗାଇଛ ହସ୍ତ ଯେଉଁ ରସରେ,
ଲୁଟିବ ସିନା କାଲି ପ୍ରଦୋଷରେ,
ଲଙ୍ଘି ଆଶ୍ରିତେ ଥିବା କୃପାସିନ୍ଧୁ,
ଲଞ୍ଜୁ ଆଜି କେତେ ହେଲ ହେ ବନ୍ଧୁ । ୪ ।
ଲଳିତା ନୁହେଁଟି ଯେ ଡାକୁଅଛୁ,
ଲକ୍ଷ ଦୃଷ୍ଟିରେ ମୁଁ ରଖିଛୁ ବାଛୁ
ଲଘୁ କରିଦେବ ଦେଖିଲି କ୍ଷଣେ ।
ଲେଖାଧିପ ଅଷ୍ଟଦୁର୍ଗର ଭଣେ । ୫ ।

ରାଗ—ଲଳିତ । ତାଳ—ଝୁଲା

## —ଗୀତକଥା—

ଶ୍ୟାମ, ପିନ୍ଧାଶାଢ଼ୀ ମୋର କୋଉଠି ଲୁଗ୍ଭଇଚ, ଦିଅ । ମୁଁ ଲାଜରେ ସଡ଼ି ଗଲ ହେ ଲୀଳାନିଧି !

୧ । କହିଲ ଭଲା, ତୁମକୁ ପ୍ରାଣପ୍ରିୟ ରୂପେ ପାଇ ମୁଁ ଯେବେ ଲୋକହସାରେ ସରିଯିବ, ଲୋକନିନ୍ଦା ଶୁଣିବ, ତେବେ ଆଉ ତୁମେ ମୋଠାରେ କି ସ୍ନେହ ରଖିଲ ?

୨ । ଲକ୍ଷେ ଲକ୍ଷେ ଗୁଣ ଅଛୁ ମୋର, ଦେଖ, ମୋର ମଥାଭୂଷଣ ସବୁ ଏଣେତେଣେ ପଡ଼ିଛୁ, ଟିକିଏ ସଜକର ଦିଅ ମୋତେ, ଭ୍ରୂଲତା ମଝିର ତିଳକ ଟିକା ଲିଭିଯାଇଛୁ । ଦାଣ୍ଡ ଲୋକେ ଦେଖିଲେ ହସିବେ ସିନା ! ତା ଆଗରୁ ତୁମେ ତାକୁ ଠିକ କରିଦିଅ ।

୩ । ବଡ଼ ଲୋଭୀ ହେଲଣି ତୁମେ ଶ୍ୟାମ ! ବାହୁପାଶ ଟିକିଏ ହୁଗୁଳାଇ ଦିଅ । ଗୁଡ଼ ମୋତେ ବନ୍ଧୁ ! ଆଲିଙ୍ଗନରୁ ମୁକ୍ତଦେଇ ତୁମେ ଲତା ଗହଳ ଭିତରେ ଲୁଚିକରି ପଳାଅ । ମୟୂର ମୁକୁଟରେ ଅଳତା ଲାଗିଛି, ଲୋକେ ଦେଖିଲେ ହସିବେ । ଛି ଛି କି ଲାଜକଥା ସେ !

୪ । ଦିଅ, ମୋ ଶାଢ଼ୀ ଏବେ ଦେଇପକାଅ । ରସିଆ ! ମୁଁ ବୁଝିଲି ତୁମ ହଠ କୌତୁକ । କାଲି ସଞ୍ଜବେଳେ ତୁମେ ପୁଣି ରସରେ ମାତିବ । ଆଶ୍ରିତ ଲୋକଙ୍କୁ ଲାଜ ଏତେ ହରବର କରୁଛ ! କାଲି ସଞ୍ଜାକୁ କଣ ଦେଲ ପର ! କରୁଣାସିନ୍ଧୁ ବୋଲାଇ ଏତେ ଲାଞ୍ଜୁଆ ହେଲ ତୁମେ ଶ୍ୟାମ !

୫ । ଜାଣିଛନା, ଲତାଦୁଆରେ ଡାକୁଥିବା ଲୋକଟି 'ଲଳିତା' ଲୁହେ ଯେ ; ଲକ୍ଷେ ଦୁଷ୍ଟଙ୍କ ଭିତରୁ ସେ ଜଣେ । ମୁଁ ତାକୁ ଭଲକରି ଚିହ୍ନିଛି । ସେ ଦେଖିଲା ମାତ୍ରକେ ମୋତେ ନାନା ଅପମାନ ଦେବ । ଆଠଗଡ଼ ରାଜା ଏହା ଗୀତରେ କହିଲେ ।

**ଶ୍ଳୋକାଂଶ**

**ଲମ୍ବମମ୍ବରମାରକ୍ତଂ ପ୍ରାଚୀ ପ୍ରାଚୀନନଟତ୍ କଟୌ,**
**ବାଲାତୁଦପୂପଟ୍ଟୋଷୋ ମୁଞ୍ଚ ମତ୍କଞ୍ଜୁଳାଞ୍ଚଳଂ ।**

**ଅମନ୍ଦାନନ୍ଦପୀୟୂଷନିଷ୍ୟନ୍ଦସନ୍ଦୋହତୁନ୍ଦିଳସ୍ୟନ୍ଦନମଦଦମ୍ପତି-ଜନନୈର୍ନିଶାଚରମଦଶ ସ୍ମାରକବନେଚରଚରଣାୟୁଧଧ୍ୱନିଭର୍ପମୂନା-ବାଃପୂରବକସ୍ୱରଜନବୃନ୍ଦତୁନ୍ଦମଟନ୍ଦପାନପ୍ରମୂନ୍ଦଚାଳପାଳପ୍ରଣୀତ-ଝଙ୍କାରୈର୍ନନ୍ଦମନ୍ଦିରଗୋପୁରବଲମ୍ବବନ୍ଦନକୁଳମ୍ବସ୍ତବପାଠପାଠବୈଦ୍ୱା-ହିନ୍ୟବଗାଦାଗତଗୋପୀଜନାଙ୍କଟଣଟଣଚକରଣୈଃ ପଟଟଭ୍ୟମାଣ-ପ୍ରାଙ୍ଗଣକଡିନ୍ତିମରବାଡ଼ମ୍ବରୈଃ ସବୃନ୍ଦେନ୍ଦ୍ୟମ୍ବରତଳେ ଶନୈର୍ନିବୃ-ତ୍ତାଲିଷ୍ଟାନ୍ତାଂ କାନ୍ତାଂ ସ୍ମତ ସଖ୍ୟଃ ;—**

**ଅର୍ଥ :—**

**ଶ୍ରୀମତୀ**—ତେଜ ମୋ ପ୍ରଣନ୍ତ ଘନଶ୍ୟାମ !
କାମିନୀ-ମନ-ମୋହନ !
ଦେଖ, ଦେଖ,
ପୂର୍ବାଶା ନାୟିକା ଏବେ
ରଙ୍ଗବାସେ ଦେଲ୍ଣି ଘୋଡ଼ାଇ କଟିତଟ ।
ଉଦିଲେଣି ତରୁଣ ଅରୁଣ ।
ଶୁଣ, ଶୁଣ ପ୍ରିୟତମ !
ନିଶି ଅବସାନେ, ସୁଖ-ମିଳନ ଆଶାୟୀ
ଚକ୍ରବାକ ଦମ୍ପତିର ଆହ୍ଲାଦ ନିଃସ୍ୱନ,
ତାମ୍ରଚୂଡ଼ କଣ୍ଠେ ଶୁଭେ
ପ୍ରଭାତର ମଧୁ ଆଗମନୀ ।
ଯମୁନାର ନୀଳ ଜଳେ-
ବିକଶିତ ପଦ୍ମ-ମଧୁ ଆଶେ,
ମଧୁକରେ ଆରମ୍ଭିଲେ ଗୁଞ୍ଜନ ଝଙ୍କାର ।
ନନ୍ଦରାଜ ନବର ତୋରଣେ
ସ୍ତବଗାନ କରିଲେଣି ଭାଟେ ।
ପ୍ରଭାତୀ ଉଚ୍ଚିମ ଭୁଲେ ଯାଏ ମିଶି
ଯମୁନାରେ ସ୍ନାନାର୍ଥିନୀ ।
ଗୋପବାଳା ପରିହିତ
ଚରଣର ନୂପୁର ନିନାଦ ।
ବିବିଧ ଶବଦେ ଯହୁଁ ଭରିଲା ଆକାଶ ;
ଚେତିତହୁଁ ବିନୋଦିନୀ ରାଇ,
ତେଜିଲେ ସଖୀରେ କୁଞ୍ଜ
ନିରେଖି ଧନୀରେ,
ପରିହାସେ ପଚାରିଲେ ସଖୀ :—

# 'ବି'

## ଅନୁଚିନ୍ତା

**ହାସି ଫୁଲ ସଞ୍ଜ, ମଉଳନ୍ତି ଶିଖି, ତାହାର କୁଞ୍ଜରୁ ଯାଇ**
**ବାରି ହୋଇଗଲେ, ଖେଳ ସହଚରୀ, ପଶ୍ଚିମଲେ କି ଗୋ ସହି !**
**ବେଶ ଛ ମଳିନ, ବାସ ଅପଚନ, ବଣରେ ନଥିଲୁ ଏଥି**
**ବିଶେଷେ ଲକ୍ଷଣ, ବିଶେ ଆନଆନ, ଏକ ଯାତ ଚମ୍ପାଖୁ ?**

### —ଗୀତ—

ବିଚିତ୍ର ବେଶ ମଞ୍ଜୁଳା ରେ ବାଳା, ବିବିଧ ଶୃଙ୍ଗାରଶୀଳା,
ବିଭାବରୀ ଅର୍ଦ୍ଧେ ଏକାକୀ ଏକାକୀ ହୋଇ ଲଚ୍ ଫୁଲ ତୋଳା ରେ,
ବିଳାସକୁଶଳା ରେ, ବିଲ୍ଲୀନିଳୟବିହାରଲୋଳା । ୧ ।
ବାଳକାନ୍ତ ବାସ ପରି ରେ ବଳା, ବଞ୍ଚୁଥିଲୁଁ ଅନୁସରି,
ବିଲକ୍ଷଣ ବନବିହାର ଉତ୍ସବ ବେଳେ ଯା ଦେଲୁ ପାଶୋରି ରେ,
ବିଦୁର ତ ଗୋପୀ ରେ, ବିଶେଷେ କାହ୍ନୁଁକ ପ୍ରୀତି ଆଚରି । ୨ ।
ବ୍ୟସ୍ତ ହୋଇ ଚୟନମାତ୍ରରେ ବାଳା, ବ୍ରଣଗଣ ତ ଦିଶୁଛି,
ବିମ୍ବାଧରୁ ନବପଲ୍ଲବମାନଙ୍କୁ ବାଣ୍ଟିଲୁ କି କାଟି କାଟି ରେ,
ଶିଶ୍ଳଥ ହୋଇଛି ରେ, ବାସ ପିନ୍ଧିଥାଉ ପରା କାଛି । ୩ ।
ବିଲ୍ଲୀକି ଅନାଇ ଦୂରରୁ ରେ ବାଳା, ବାସରେ ତ ଭୟ କରୁ,
ବ୍ରଜେ ଆଜ ଶୁଣି ଆସିଲୁଁ ତୁ ପୁଣି ପ୍ରଭାତ ଆସୁ ଘରୁ ରେ ।
ବିଜନେ ସଞ୍ଚରୁ ରେ, ବଡ ବିଷମ ଏ ଯା ନ ଡରୁ । ୪ ।
ବିନୟ ନୟବସନ୍ତ ରେ ବାଳା, ବିମୋହନ କଳାବନ୍ତୀ ,
ବିରୂପାକ୍ଷ ଦେବ ବିପକ୍ଷକୁ ଜିଣି ଯଶ ମଣ୍ଡିଲୁ କି କ୍ଷିତିରେ,
ବିଲ୍ଲବମୂବନ୍ତି ରେ ବନ୍ଦେ ଅଷ୍ଟଦୁର୍ଗାଧିଶାଗନ୍ତି । ୫ ।

ରାଗ—ଆରଭି । ତାଳ—ଝୁଲା

## —ଗୀତକଥା—

୧—ବାଳା ! ବଚନ ବେଶରେ ତ ଭାରି ସୁନ୍ଦର ଦିଶୁଚୁ ; ପୁଣି ବଡ଼ ଚତୁରୀ ତୁ, ଅଧରାତରେ ଏକୁଟିଆ ହୋଇ କେମିତି ଆସି ଏ ବଣଠାରେ ଫୁଲ ତୋଳୁଚୁ ମ ? ନବ-ବିଳାସିନୀ ! କୁଞ୍ଜବନରେ ଖେଳାଖେଳାରେ ମାତିବାକୁ ମନ ତୋର ଭାରି ହମହମ ହେଉଛି !

୨ ଗୋରୀରେ, ପିଲାଟି ଦିନରୁ ପିନ୍ଧାଲୁଗା ଦେହରେ ଲାଗି ରହିବାପରି ଆମେ ପରା ତୋ ଅନୁସରଣରେ ଥାଉଁ ; ଏ ସରସ ବନ-ବିହାର ଉତ୍ସବ ବେଳେ ତୁ ଆମକୁ ଏକାବେଳେକେ ପାସୋରି ପକାଇଲୁ ? ଏ କଥାଟା ଏକା ଆମକୁ ଭାରି ବାଧୁଚି, ବଡ଼ୁର କରି କହିଲୁ ଦେଖି ଲୋକେ ସଂସାରରେ ବନ୍ଧୁ ବାନ୍ଧନ୍ତି କାହିଁକି ?

୩—ସହି ! ଗଣ୍ଡରେ ତୋର ଯେଉଁ ମାଛିର ଚିତ୍ର ସବୁ ହୋଇଥିଲା ସେଗୁଡ଼ିକ ଲିଭି ଲିଭି ଗଲାପରି ଦିଶୁଛି, ଅଧରରେ କ୍ଷତ ହେବାପରି କଅଣ ଚିହ୍ନମାନ ଦେଖାଯାଉଛି ! ଟାଟକା କଇଁଅକାକୁଡ଼ି ପରି ତୋ ରଙ୍ଗ ଅଧରର ନୂଆ ପଲ୍ଲବମାନଙ୍କରୁ ମାଛିମାନଙ୍କୁ କାଟି କାଟି ବାଣ୍ଟିଲୁ କି ? ସେମାନେ ପଲ୍ଲବ ଲୋଭରେ ତୋ ଅଧରରେ ବସି କ୍ଷତ ବିକ୍ଷତ କରି ଦେଇଛନ୍ତି ବୋଧହୁଏ । ତୁ ତ ସବୁବେଳେ କାଛିକରି ଲୁଗା ପିନ୍ଧିଥାଉ, ଆଜି ଏମିତି ହୁଗୁଳା ହୋଇଯାଇଛି କାହିଁକି ମ ?

୪—ଆମେ ତ ଜାଣିଥିଲୁଁ ତୁ ଘୁରି ଲତାଟାକୁ ଦେଖିଲେ ଡରୁ, ଆଜି ଶୁଣିଲୁ କଅଣ ନା—ତୁ ନିତି ରାତିରେ ଘରୁ ବାହାରି ଆସି ନଟୁଆଟିଆରେ ବଣବୁଲା ଆରମ୍ଭ କରିଦେଇଚୁ ! ଏ କଥା ତ ବଡ଼ ତାଟକା ଲାଗୁଛି । ।

୫ । ଧନ ! ତୁ ମଣ୍ଡନପୁଣା, ବିନୟଶୀଳା ପୁଣି ନାନା ସୂକ୍ଷ୍ମ କଳା ବିଦ୍ୟାରେ ବିଚକ୍ଷଣା । ଗୋପାଳ ଘରର ଭୂଆଷଣୀ ହୋଇ କନ୍ଦର୍ପକୁ ଜିଣି ପୃଥିବୀରେ ଯଶ ପତାକା ଉଡ଼ାଇ ଦେଲୁ କି ?

ଆଠଗଡ଼ର ରାଜା ତୋ ପଦ ବନ୍ଦନା କରୁଛନ୍ତି ।

---

## ଶ୍ଳୋକାଂଶ

**ଯା ତ୍ୱଂ ଶିରୀଷାଙ୍ଗଲତେ ସହେଥା ନାଳୀଜନାଲିଙ୍ଗନମପ୍ୟଗାଢଂ,**
**ଅସ୍ମାକଦୋର୍ଗଳଯୁଗ୍ମରୁଦ୍ଧା ଦୈବତ୍ୱମାସୀଃ କଥମଦ୍ୟ କଷ୍ଟଂ ।**

**ସାନ୍ତଃପ୍ରଣୟୋଦାସପଞ୍ଚଦାଃସୈଂସ୍ୱେଦ୍ଭିରଚ୍ୟବମାଳୀନାମାଲ୍ଲିନାୟୁ-ମଙ୍ଗେଷୁ ଲଜ୍ଜାପ୍ଲୁ ମ୍ଲାନବମର୍ଦ୍ଦଦ୍ୟୁନାଙ୍ଗ୍ୟାମଙ୍ଗୀକୃତ୍ୟାଙ୍ଗରାଗାଦ୍ୟଙ୍ଗସ୍କାରଂ ସାଲଖଲସର୍ ସମୀରେଣ ତଥା କଦମ୍ବକଦମ୍ବସମ୍ବାଧେନତାଭିଃ ସହଚରୀଭିରବଗାହ୍ୟ ଯମୁନାକାଃ ପ୍ରବିଷ୍ଟାୟାଂ ସ୍ୱଧାମ୍ନାମକସ୍ମା ଦାଗତଃ ସାନ୍ଦୀପନିମୁନିନନ୍ଦନଃ ସାନନ୍ଦଃ ଶ୍ରୀକୃଷ୍ଣଂ ପ୍ରତି ସସ୍ମିତମ୍ ।**

**ଅର୍ଥ :—**

ସଖୀ—କୋମଳାଙ୍ଗୀ,
ଶିରୀଷସମାନ ତନୁ ତୋର,
ସହି ତ ନପାରୁ ସତେ
ସଖୀଜନ ସ୍ନେହ ଆଲିଙ୍ଗନ ;
କି କର ରେ ସହି !
ଧରିଦେଲୁ ମାଳମଣି ବାହୁର ବନ୍ଧନେ ;—
ଅର୍ଗଳରୁ ବଳି ଯାହା କଠୋର, କଠିନ ?
ଶୁଣି ଏତେ —
ଲାଜେ ଗଲେ ସତି ସୁକୁମାରୀ,
ଏକେ ତ କୋମଳ ତନୁ ରତିରଙ୍ଗେ କ୍ଲାନ୍ତ ।

ଦୁଜେ ପୁଣି—
କଦମ୍ବ କାନନ ଛୁଇଁ ବହୁଥିଲା ସମୀରଣ ମନ୍ଦ ।
ଯମୁନା ପୁଲିନ-ବାହୀ କ୍ଷୀଣ ବନପଥେ—
ସୁବାସିତ ଅଙ୍ଗରାଗ ସୁଲେପିତ ଗୋପୀକା ଗହଣେ,
ପ୍ରବେଶିଲେ ବ୍ରଜେଶ୍ୱରୀ
ଯମୁନାର ଜଳେ ।
ତେଣେ ସାନ୍ଦୀପନ ମୁନିସୁତ
ଆକସ୍ମାତ ପଥେ ଭେଟି ରସିକରାଜଙ୍କୁ
ସମ୍ଭାଷିଲେ ପରିହାସେ —

— — —

## 'ଶ'

### ଅନୁଚନ୍ଦ୍ରା

**ଶଙ୍କ ବନପଥେ ଯାଉଁ ଯାଉଁ ଧରା ପଡ଼ିଲେ ପୀତବାସ-ଶ୍ରୀବର**
**ଶଠ ବାଟ ଜଗି ବଟୁ-ଛଳ-ବୁଦ୍ଧା ପଚାରଇ ଧରି କର :—**
**ଶେଜ ତେଜ ଏଡ଼େ ବେଗେ ରଜାପୁଅ ଯାଇଥିଲ କାହିଁ,**
**ଶାଉଁଳା ଶାଉଁଳ ପାଶୋର, ବାଗଡ଼ ଦେବଟି ମୋତେ କହ୍ନାଇଁ ।**

—ଗୀତ—

ଶ୍ୟାମ ଶିଖଣ୍ଡ ଚୂଳ,
ଶ୍ରମ କି ଆଜଯାକେ ହେଲା ସୁଫଳ । ପଦ ।
ଶବରୀ କନ୍ଦ୍ରା ବନା ଗଲା କି ସରି,
ଶମ୍ବରପରପୁର କଲେ କି ଜୁରି ? । ୧ ।

ଶ୍ରୀଅଙ୍ଗ ବେଶ କପଁା ଏପରି ଆଜ,
ଶରଦଚନ୍ଦ୍ର ଚୁମ୍ବୁ ନାହିଁ କ ଲଜ । ୨ ।
ଶିଶୁ ହେଲେହେଁ ତୁମ୍ଭେ କଲଭ ସରି,
ଶଶ କଶୋରୀଟିକି ଦେଲ ଯେ ସାରି । ୩ ।
ଶିରୀଷ ମାଳା ଦଳିଦେଇ କୁଠାରେ,
ଶଙ୍କା ନ କଲ ସଖୀମାନଙ୍କଠାରେ । ୪ ।
ଶରମପ୍ରଦ ଆଜ ସରିକି ହେଲ,
ଶମନସ୍ୱସା ; ତଟ-ଅଟବୀ ବୁଲି । ୫ ।
ଶିର ସୁନ୍ଦର ହସେ ଯାବକ ବୋଳେ,
ଶରଣ ବୋଲ ପଡ଼ିଲ କ ପା'ତଳେ । ୬ ।
ଶପଥ ଶତ ଶତ କହୁଛି ସତ,
ଶ୍ରୀବାଲୁଙ୍କେଶ ଦେବ ରଚିଲେ ଗୀତ । ୭ ।

ରାଗ-ମୁକାବଳୀ । ତାଳ-ଏକତାଳୀ

## —ଗୀତକଥା—

ମଧୁମଙ୍ଗଳ ;—

ମୟୂର-ଚୂଳିଆ ଶ୍ୟାମ ! ଯେତେ ପରିଶ୍ରମ ଆଜଯାକେ କରିଥିଲ, ସେ ସବୁ କଅଣ ସଫଳ ହେଲି କ ?

୧ । କନ୍ଦର୍ପ-ଭଣ୍ଡାର ଲୁଟି କରୁ କରୁ ଅନିଦ୍ରାରେ ରାତି ପାହିଗଲି କ ଆଜି ?

୨ । ଅଙ୍ଗ ଶୋଭା ତ କାହିଁକି ମଳିନ ଦିଶୁଛି ! ଶରତ ଚନ୍ଦ୍ର ପରି ଶ୍ରୀମୁଖକୁ ଚିହ୍ନିଏ ହେଲେ ଲଜ ମାଡୁ ନାହିଁ ?

୩ । ବାଳକ ହେଲେ କଅଣ ହେବ, ଦେହରେ ତମର ତ ହାତୀଛୁଆର ବଳ । ଶଶୀ ପରି କୋମଳାଙ୍ଗୀ କଶୋରୀଟିକୁ ସାରି ତ ଦେଇଥିବ ତୁମେ ।

୪ । ହଇହେ କାହ୍ନୁ ! ଏ କେଡ଼େ ଦୁଃଖର କଥା ! ଶିରୀଷ ଫୁଲର ମାଳାକୁ କୁରାଢୀରେ ଦଳି ଦେଲ ! ସାଙ୍ଗ ସାଥିକୁ ତମର ଡଳେ ହେଲେ ଭୟ ହେଲ ନାହିଁ ?

୫ । ଯମୁନା କୂଳର ବଣବୁଲାଟା ଏବସରକ ତମକୁ ସୁଖକର ବୋଧ ହେଲ ପରା ?

୬ । ମଥାରେ ଅଳତା ବୋଳ ଲଗିଛି, ଭାରି ସୁନ୍ଦର ଦିଶୁଛି ତ ! 'ଶରଣ ନେଲି' ବୋଲି କହି, କାହା ପା' ତଳେ ପଡ଼ିଗଲ କି ?

୭ । ଶପଥର ମୋ ରାଣ ଦେଉଚି ତମକୁ କାହ୍ନୁ, ମୋତେ ସତ ସତ କହ । ରାଜା ବାଲୁକେଶ ଏ ଗୀତରେ ଭଣିଲେ ।

## ଶ୍ଳୋକାଂଶ

**ନବଶୈଶବ ସୌକୁମାର୍ଯ୍ୟ ଧୁର୍ଯ୍ୟାଙ୍କୁର ଲୀଳୋତ୍କଣ୍ଠିତ ଦୁର୍ଦ୍ଧରଚଳସ୍ୟ,**
**ଇବ ତସ୍ୟ କଳାଢ୍ୟ ବାଳକାୟୁଃ ସ୍ତନଚାଳଦ୍ୱୟୂଦାରଣଂ ନ ଚଷଂ ।**

**ଚିରେଣ ଲବ୍‌ଧାଷ୍ଟବ୍‌ଧମନୋରଥ ଫଳତୟା ଗର୍ବିତୋଽପି ଖର୍ବିତପଞ୍ଚଶବ୍ଦସ୍ମରମଣାସ୍ୟାଦ୍ୟବୋଦ୍ଧବ୍ୟଂ ନନ୍ଦଯଶୋଦୟୋଃ ପୁରତସ୍ତ୍ରବୀତବତି ମିତ୍ୟୁକ୍ତବତ ମଧୁମଙ୍ଗଳେ ସପ୍ରଣୟମୀଷଦ୍ଧାସସ୍ମିତସ୍ତଂ ପ୍ରତି କୃଷ୍ଣଃ, ପୃଷ୍ଠାର୍ଦ୍ଧସ୍ୟ ବାର୍ତ୍ତା ବାର୍ତ୍ତାମପି କଂ ନାଭପ୍ରେକ୍ଷେ ଭଜ୍ଜାମବଲମ୍ବସେ ଦାରୁଣାଂ ସରଣୀମ୍ ।।**

ମଧୁମଙ୍ଗଳ :—

ଆହେ ବଳବାନ୍,
ଶୈଶବରେ ପା'ର

ସୁକୁମାର କରାଙ୍ଗୁଳି
ଟେକିଥିଲ ଅବହେଳେ ଗିରି ଗୋବର୍ଦ୍ଧନ,
ବିଚିତ୍ର ନୁହଇ ତାହା ପକ୍ଷେ
ବାଳିକାର ଚୋଳସ୍ତନ ବିଦାରଣ ଏବେ ।
ହେ ଶ୍ରୀକୃଷ୍ଣ !
ମୁଖ ଶିଖି ନିନ୍ଦେ ପୂର୍ଣ୍ଣଶଶୀ,
ଗର୍ବିତ ହୋଇଛ ତୁମ୍ଭେ
ପୂରି ଅଛୁ ବୋଲି ପରା
ବହୁକାଳ ସଞ୍ଚିତ ବାସନା !
ଚାଲ, ଚାଲ ତେବେ ଶ୍ୟାମଚନ୍ଦ୍ର !
ବୁଝାପଡ଼ା ହେବ କଥା
ତୁମ୍ଭ ପିତା ମାତାଙ୍କ ସମୀପେ ।
 ସଖା ମଧୁମଙ୍ଗଳର ବଚନ ଶୁଣନ୍ତେ
ସ୍ମିତ ମିଶା ହସ ତୁଲେ
କହିଲେ କହ୍ନାଇ :—
ଧୂର୍ତ୍ତ-ଶିରୋମଣି ବନ୍ଧୁବର !
ଏଡ଼ିକି ଦାରୁଣ ତୁମ୍ଭେ ଜାଣିତ ନଥିଲି,
ଆରତ ମୁଁ ପରା,
ନ ପଚାରି କୁଶଳ ବାରତା ମୋର
ତୁମ୍ଭେ ପୁଣି ହେଉଛ କଠୋର ?

# 'ସ'

## ଅନୁଚିନ୍ତା

**ସବୁ ମନ୍ଦ କରି ମହତ ଜନର ହାବୁଡ଼େ ପଡ଼ିଲେ ଚିରି**
**ସତ କି ମିଛ—ଏ ମହାଜନ ପଦ, ପଦକ ମନେ ବିଚାରି,**
**ସାରିଦଶ ନାହିଁ ସଖୀ, ଆଜ ଲାଜେ, ବୋଇଲେ ମୁଁ ଚଳାଧର,**
**ସାଇତ ସଜାଡ଼ି, କଥା କହିବାରେ ନାଗର ତ ଧୁରନ୍ଧର ।**

## —ଗୀତ—

ସପତ୍ନି ମୋର ରେ, ସହି ଏହି ଥର ରେ,
ସାର ହାରମସାରମଣିବର ପରି ଧରି ବକ୍ଷସ୍ଥଳେ ନିରନ୍ତର,
ନଫିଙ୍ଗି ପୁଣି ହସି, ସୁନ୍ଦର ନୁହଇସି
ବିଗୁର ଭରସା ବଢ଼ାଅ ଅପରିମିତ । ପଦ ।

ଶୁଣିଲେ ଆଉ କେ ବ୍ରଜେ, ସରିପିବ ସିନା ଲାଜେ,
ସାହା ତୁ ନୋହିଲେ କିଛି, ସଂସାରେ ମୁଁ ନିକ ଅଛି । ୧ ।
ସାଧୁଜନ କୁକ୍ଷିକୂପେ, ଭଲ ମନ୍ଦ ସିନା ଛପେ,
ସଂହରି କ୍ରୋଧ ଉଦୟ, ସହଜେ ତୁ ସହୃଦୟ । ୨ ।
ସବୁ ଅନ୍ୟାୟ ଚରିତ, ଶିକ୍ଷାକୁ ଗୁରୁ ତୁହି ତ,
ସମୟେ କାଟୁ ତୋଟିକି, ସଖୀ ଲକ୍ଷଣ ଏ ଠିକି ? । ୩ ।
ସମାଂସମୀନା ଅଯୁତେ, ସମର୍ପି ଦେବି ମୁଁ ତୋତେ,
ସମ୍ଭାଳ ମୋର ଆବୁର, ସର୍ବସ୍ୱ ପରି ତୁ ମୋର ! ୪ ।
ସାକ୍ଷାତ ଦେଖିଲି ପରି, ସାକ୍ଷୀ ଦେବାକୁ ବାହାରି,
ସାଧିବାର ଅବିଚାରି, ସପତ୍ନୀ ମୁଁ ନୁହେଁ ତୋର । ୫ ।

ସାନ୍ଦୀପନ ସୁତ ଯନ୍ତ, ସେ କ ଜାଣେ ବୋଲି ପ୍ରୀତି,
ସରସେ ପିଠିବେ ଡକ୍କା ; ସମ୍ବାଦବୁ ଏତେ ଏକା । ୬ ।
ଶୁଣି କଶୋର ବଚନ, ସଖା କଲେ ଆଲିଙ୍ଗନ,
ସୁବାମା ଅଷ୍ଟାଦୁର୍ଗର, ସନ୍ତୋଷେ ଯୋଡ଼ିଲେ କର । ୭ ।

ରାଗ—କଲ୍ୟାଣୀ । ତାଳ ଆଡ଼ତାଳ ।

## —ଗୀତକଥା—

ଶ୍ରୀକୃଷ୍ଣ—

ସଖା ମଧୁମଙ୍ଗଳ ! ସହ୍ୟ ଯା' ଏଇ ଥରଟା, ତମକୁ ମୋ ରାଣ । ଅତି ସବାଗରେ ସରସ ଇନ୍ଦ୍ରନୀଳମଣିକୁ ଗୁପ୍ତରେ ହାର କର ପକାଇ ପୁଣି ଗେଲ ଗେଲରେ ତାକୁ ଫିଙ୍ଗି ଦଅନାହିଁ । ଠିକଏ ଏ କଥାକୁ ବିଗୃର କର । ମୋ ଭବିଷ୍ୟତ ଆଶା ବଡ଼ାଇବାରେ ତୁମେ ସାହାଯ୍ୟ ହୁଅ ।

୧—କଥାଟା ଯେବେ ଗୋପ ପୁରରେ କେହି ଶୁଣିବେ, ତେବେ ମୋ ମହତ୍ତ୍ୱ ସରିଯିବ; ମୁଁ ଲଜରେ ମରିଯିବ ସିନା ! ତୁମେ ମୋର ସାହା ନୋହିଲେ ମୁଁ ଆଉ ଜଇବ ଠିକ ?

୨—ସାଧୁ ଲୋକଙ୍କ ପେଟ ଭିତରେ ସବୁକଥା ଲୁଚି ଛପି ରହେ, କଥାଟା ବାହାରକୁ ଫୁଟେ ନାହିଁ । ରାଗ ନାହିଁ ଆଉ, ତୁମେ ପରା ମୋର ପ୍ରକୃତ ବନ୍ଧୁ ।

୩—ଯେତେକ ଅନ୍ୟାୟ ଆଚରଣର ତ ଗୁରୁ ତୁମେ ଆଉ ବେଳସରିକ ତଣ୍ଟି ଚିପି ଦେବାଟା କଅଣ ବନ୍ଧୁପଣିଆଁ ?

୪—ଦଶହଜାର ଦୁଧିଆଳି ଗାଈ ମୁଁ ଦେବ ତମକୁ । ମୋ ମହତ୍ତ୍ୱ ରଖ । ସମ୍ଭାଳି ଯାଆ, ତୁମେ ପରା ମୋର ସର୍ବସ୍ୱ

୫—ଆଖି ଦେଖା ଭଳି ସାକ୍ଷୀ ଦେବାକୁ ବାହାରି ପଡୁଚ ଯେ, ମୁଁ କଅଣ ତମ ଭଗାରି ? ଏମିତି ଅବଗୃରି କାହିଁକି କରୁଛ ?

୬—ହେଲା ଏବେ, ତୁମେ ଏ କଥା ଦାଣ୍ଡରେ ପ୍ରକାଶ କରିବ । ଲୋକେ କଅଣ କହିବେ ଜାଣ ? କହିବେ ;—ସାନ୍ଦୀପନ ଋଷିଙ୍କ ପୁଅ ହୋଇ ସେ ଅବା ପ୍ରୀତି କଥା କଅଣ ଜାଣିବ ? ସେ ତ ତପସ୍ୱୀଟିଏ ।— ଶେଷରେ ଏ ଅପବାଦ ତୁମକୁ ଭୋଗିବାକୁ ପଡ଼ିବ ସିନା !

ଶ୍ରୀକୃଷ୍ଣଙ୍କ ଠାରୁ ଏ ସବୁ କଥା ଶୁଣି ମଧୁମଙ୍ଗଳ ତାଙ୍କୁ ସ୍ନେହାଲିଙ୍ଗନ ଦେଲେ ।

ଆଠଗଡ଼ର ରାଜା ସନ୍ତୋଷରେ କର ଯୋଡ଼ିଲେ ।

## ଶ୍ଳୋକାଂଶ :—

**ଅନ୍ୟୋଽନ୍ୟାଶ୍ଳେଷଶର୍ମବ୍ୟତିକରବିମଳସ୍ୱାନ୍ତସନ୍ତୋଷବନ୍ତୌ —**
**ବନ୍ୟୋନ୍ୟାକ୍ଷୀଣଲକ୍ଷ୍ମୀକ୍ଷଣଗଳିତସମସ୍ତାନ୍ତରାୟୌ ସଖାୟୌ ।**
**ସତ୍ରଦ୍ଧାବର୍ଦ୍ଧପଦ୍ଧତ୍ୟୁ ପନତସଖିଭିଃ ସାର୍ଦ୍ଧମାନନ୍ଦ ବଂଶୀ—**
**ଶୃଙ୍ଗଧ୍ୱାନାଢ୍ୟଷ୍ଟାଲଂ ଛଦପଦନଭୁବୋ ଜଗ୍ମତୁସ୍ତିଗ୍ମରଶ୍ମେଃ ।**

**ତତସ୍ତସ୍ୟାସ୍ତୀରେଽପ୍ୟନ୍ୟହାମାଳଶତପହପହସରୋହ-ନେହାଭିର୍ବଲ୍ଲବପଲ୍ଲବାଧରଭିଷ୍ଟିରାଦବଲୋକ୍ୟ ସବ୍ରଜବାଳକବ୍ରଜଂ ସମୁଦ୍ଦଣ୍ଡତାଣ୍ଡବପାଣ୍ଡିତ୍ୟଶୋଭିପିଚ୍ଛିଲଚରଣାମ୍ଭୋଜଂ କଞ୍ଚିଦବର୍ତିଷ୍ଟ ଶୈଶବ କେଶବ ମିଥଃ କଥାସ୍ତେନରେ ।**

**ଅର୍ଥ:** —

ଆନନ୍ଦରେ କୋଳାକୋଳି ହେଲେ ବେନି ସଖା
ଦୂର ହେଲା କାହିଁ ସବୁ ବାଧା ।
ଯାଉଁ ଯାଉଁ ଦୁହେଁ ମନ ସୁଖେ,
ସଖାଗଣ ଭେଟିଲେ ପଥରେ ।
ମୃଦଙ୍ଗ, ମୁରଲୀ, ଶିଙ୍ଗା, ବଜାଇ ଆନନ୍ଦେ

ଚଳିଲେ ସରବେ ନୀଳ ଯମୁନାର ତୀରେ ।
ଆନ ଘାଟେ ଯମୁନାର—
ପଦ୍ମ-ପଲାଶ-ଲୋଚନା
ପଲ୍ଲବଅରୁଣଧରା—
ବରଜଅଙ୍ଗନା କୁଳ,
ବରଜ ବାଳକକୁଳେ
ହେରି, ନର୍ତ୍ତକ-ନାୟକ ଶ୍ୟାମେ
ପରସ୍ପର ପ୍ରେମାଳାପେ ହେଲେ କୁହାକୋହି ।—

————

'ଷ'

—ଅନୁଚିନ୍ତା—

**ଷଟ୍‌ପଦ ସନା ଲୋଡ଼ି ବୁଲେ ମଧୁ ଏ ତ ଷଟପଦ୍ମ ତ ଛାଇ**
**ଷୋଳ, ସଞ୍ଚରନ୍ତି ଯକ୍ଷବନ-ପଥ ଆଗ ଆଗ ବଳିନାହିଁ ;**
**ଷଡ଼ଜ-ପଞ୍ଚମ ମିଳନ ମନାସି ଲାଜହରା ହେଲେ ନଗାଇ**
**ଷଠିରେ ମନାଇଁ ଭଲ ସୁତ ସଚ୍ଚେ ନନ୍ଦରାଣୀ ଅଛୁ ! ପାଇ**

—ଗୀତ—

ଷଟ୍‌ପଦନୀଳକେଶୀ ଆରେ ଗୁହାଁ ଗୁହାଁ,
ସ୍ବର୍ଣ୍ଣସନ୍ଧ୍ୟାରେ ଖେଳୁଛନ୍ତି ନବ ବାରିବାହ ;
ସମୀପରେ ତାର ରହି,
ସରଜୁଛନ୍ତି ନର୍ତ୍ତନ ଅନେକ ବରହୀ । ୧ ।
ସଜ ହୋଇ ସୁରସରଦାର ଅବା ଆସେ,
ସ୍ବର୍ଣ୍ଣସ୍ତୁ ପଙ୍କଜ ହେଉଅଛି ଚରଣପାଶେ,
ସାରିଦେବ ପରା ଆଜ,
ସରୋଜସୁନ୍ଦରନେତ୍ରା ଜନ ମନ ଲାଜ । ୨ ।

ସୁରେଶ୍ୱର ରତନ କି ହେବାରୁ ଜଙ୍ଗମ,
ସବୁ ମଣିମାନଙ୍କ ମିଳିଲା ସେହିକ୍ରମ,
ସ୍ୱର୍ଣ୍ଣବର୍ଣ୍ଣାଏ ଏଣିକ,
ସମ୍ପାଦବେ ମୂର୍ତ୍ତିମନ୍ତ ରତନ ଶ୍ରେଣୀକ । ୩ ।
ସଞ୍ଚରଣଶୀଳ ନ ତମାଲ ଭୂରୁହ ;
ସଙ୍ଗେ ଘେନିଆସିଛି କି ସଖା ସଖୀବ୍ୟୂହ,
ଶୁକ ଶାରି ପରଭୃତ,
ଶାଖାମାନଙ୍କରେ କରୁଅଛନ୍ତି ସଙ୍ଗୀତ । ୪ ।
ସୁରଧୂନୀ ତଟରେ ଯେବେ କରିଥିବା ତପ,
ସଙ୍ଗାଳି କର ଏ ତାପିଞ୍ଛ ଅନାତପ,
ସୁଖେ ବଞ୍ଚିବା ବସନ୍ତେ,
ସାମନ୍ତ ସୁଧାଂଶୁ ଜଗଦ୍ଦେବ ବୋଲେ ଗୀତେ । ୫ ।

## —ଗୀତକଥା—

୧—ଭ୍ରମର ପରି ନୀଳ କେଶଧାରିଣୀ ରେ ସଖି, ଲୁହାଁ ଦେଖ, ପୃଥିବୀ ଉପରେ ସତେ ଅବା ନୂଆ ମେଘ ଖେଳୁଛି, ପାଖେ ପାଖେ ତା'ର ମୟୂରମାନେ ନାଚୁଛନ୍ତି !

୨—ସେନାପତି କନ୍ଦର୍ପ ଅବା ସଜବାଜ ହୋଇ ଲଢ଼େଇକି ବାହାରିଛି ! ମୃରପାଖରେ ତା'ର ଲଢୁଆ ଫଉଜ ଘେରି ରହିଛନ୍ତି ସତେ ! କମଳଲୋଚନା ବାଳାମଣୀଙ୍କର ଲାଜ ସେ ନିଶ୍ଚେ ଆଜ ଦୂରକୁ ହଟାଇ ଦେବ ।

୩—ସତେ ଅବା ଇନ୍ଦ୍ରନୀଳମଣିର ଚଳନ ଶକ୍ତି ସୃଷ୍ଟି ହେଲା, ଆଉ ତା ସଙ୍ଗେ ସଙ୍ଗେ ଆଉ ଆଉ ମଣିମାନେ ଗତିଶୀଳ ହେଲେ । (ଶ୍ରୀକୃଷ୍ଣଙ୍କୁ ଇନ୍ଦ୍ରନୀଳମଣି ଓ ସଖୀମାନଙ୍କୁ ଅନ୍ୟାନ୍ୟ ମଣି ବୋଲି-

କଳ୍ପନା) ଏଥର ସୁନାବରନା ରମଣୀମାନେ ଏ ମୂର୍ତ୍ତିବନ୍ତ ମଣିମାନଙ୍କୁ ସବୁଗରେ ଆପଣାର କର ସାଇତି ରଖିବେ ।

୪—ଅଥବା ଚଳନ୍ତା ତମାଳମାଳ ସାଥୀରେ ତା'ର ଅନ୍ୟାନ୍ୟ ବନ୍ଧୁ ଗଛମାନଙ୍କୁ ଘେନ ଆସୁଛନ୍ତି କି ? ଶୁଆ, ଶାରୀ, କୋଇଲୀ ପ୍ରଭୃତି ପକ୍ଷୀମାନେ ସେ ଗଛର ଶାଖାମାନଙ୍କରେ ବସି ସଙ୍ଗୀତ ଗାଉଛନ୍ତି କି ?

୫—ସଖି, ସ୍ୱର୍ଗଗଙ୍ଗାକୂଳରେ ଯେବେ ଆମେ ସଭିଏଁ ତପସ୍ୟା କରିଥିବା, ତେବେ ଏ ତମାଳ ଗଛର ଛାଇକି ସଙ୍ଗାଳ କର ସୁଖରେ ବସନ୍ତ କାଳ ବିତାଇବା ।

ସାମନ୍ତ ରାଜାମାନଙ୍କ ଭିତରେ ଚନ୍ଦ୍ରପର ଜଗଦ୍ଦେବ ଏ ଗୀତ ରଚନା କଲେ ।

## —ଶ୍ଲୋକାଂଶ—

**ପୁରତଃ ପରତୋଽପି ଚର୍ଣ୍ଣିକା ଦଧତି କ୍ରୀଡନମାଳ ଯସ୍ୟ ସଃ**
**ଅତସୀ ସୁମନଶ୍ଛବିଃ ଶିଶୁର୍ବଦ କୋଽୟଂ ଜନନେତ୍ରରଞ୍ଜନଃ ।**
**ଇତି କୌତୁହଳଲୋଲଲୋଚନାନାମାଶ୍ରିବମ୍ୟୋରୁହାକ୍ଷୀଣା—**
**ମନ୍ୟୋଽନ୍ୟ ସମ୍ଭାଷଣସମାପ୍ତାବେକ ନେଦଷ୍ଟ ସୈକତାଙ୍ଗଣାଲଙ୍କିତ-**
**ଚରଣସରସିଜେ ନନ୍ଦବ୍ରଜେ ବଧୂସ୍ତଚତୁରସ୍ଫୋଟିକଜ୍ଞାନମସ୍ତଂ**
**ମଦନମୋହନ ଇତି ପ୍ରେମମନ୍ତ୍ରମାଡ଼ମ୍ବରଃ ସମାବସ୍ତସୀତ୍ ।**

**ଅର୍ଥ** ;—

କିଏ ସେ ବାଳକ, ଦେଖ ସଖି !
ଆଗେ ପାଗେ ଯାହାଙ୍କର ;—
ଚଗମାର ଖେଳୁଛନ୍ତି କଅଁଳା ବାଳୁଙ୍ଗ ?
ଆଖିଭୁଲି କି ରୂପ ଲୋ ସତେ ତା'ର ।—
ନିନ୍ଦାକରେ ଅତସୀ କୁସୁମେ ?
କମଳନୟନା ଗୋପବାଳା

ଖେଳାଇ ଚଞ୍ଚଳନେନ
ଆଳାପିଲେ ଅତି ଆନନ୍ଦରେ ।
ନାଚ ନାଚ କହ୍ନାଇ ଭୁଲରେ
ପ୍ରବେଶିଲେ ଏ କାଳରେ ବରଜ ବାଳକେ
ଯମୁନାର ତୀରେ ବାଲୁଚରେ ।
ସବୁ ଭୁଲ—
ଭୁଲ ଆପଣାରେ,
ଘୋଷିଲେ ଗୋପୀଏ—
ସଜନୀ ଲୋ !
ଅଟନ୍ତି ଏ ଯୁବା ନଷ୍ଟେ
ମଦନ-ମୋହନ ।

---

## 'ହ'

## ଅନୁଚନ୍ତା

**ହସଇ ମଦନଶିଶୁ କି ଶୋଭନ ! ମୋହନ ଯମୁନା ତଟେ**
**ହେଉ ଲୋ କିଶୋର ! ଖଞ୍ଜନ-ଗଞ୍ଜନ ଯୁଗଳ ନୟନ ପଟେ;**
**ହେଜାଇ କଳଚା କହେ ଭୁନ ଭୁନ "ଆପଣାର କର ଘଇ"**
**ହର-ପର ପରପଞ୍ଚ ଏଥରକ ଜୁହାରକ ଚୋରେ ସହି !**

—ଗୀତ—

ହର ଆମ୍ଭର ଗୋ ଏ ତ ପ୍ରାଣଧନ । ପଦ ।
ହରହୃଦୟମଣିକ ଜଣିଛୁ ଅପଘନ ଗୋ,
ନନ୍ଦୁ ଅଛୁ ଇନ୍ଦୁକୁ ବଦନ ଗୋ । ୧ ।

ହଜାର ସଂଖ୍ୟକ ଏକ ହେଲେହେଁ ମଦନ ଗୋ,
ନୋହିବ ଏ ମୋହନ ମାନ ଗୋ । ୨ ।
ହଜ ନ ଯିବ କମ୍ବୁକେଶୀର କି ଜ୍ଞାନ ଗୋ,
ଶୁଣୁ ଶୁଣୁ ମୃଦୁ ବେଣୁଗାନ ଗୋ । ୩ ।
ହଟି-ଥରେ କରିବାକି ରଦାମ୍ବର ପାନ ଗୋ,
ହେବ ଫଳବନ୍ତ ଯଉବନ ଗୋ । ୪ ।
ହାର ମଧ୍ୟରେ ଆମ୍ଭର ତରଳ ରତନ ଗୋ,
ହେବ କି ଏ ଯୁବତୀ-ଜୀବନ ଗୋ । ୫ ।
ହୃଷ୍ଟ ହୋଇ ଅଷ୍ଟଦୁର୍ଗନମୁଚସୂଦନ ଗୋ,
କଲ୍ ଏ ରସରେ ବିରଚନ ଗୋ । ୬ ।

## —ଗୀତକଥା—

ହେଉଛି, ଆମର ଜୀବନଧନ ହରି ।

୧—ଇନ୍ଦ୍ର ନୀଳମଣି ତେଜକୁ ବିକି ଏହାଙ୍କର ଶ୍ରୀଅଙ୍ଗ ଝଟକୁଛି । ଶ୍ରୀମୁଖ ଶୋଭା ଚନ୍ଦ୍ରକୁ ନିନ୍ଦା କରୁଛି ।

୨—ହଜାରେ କନ୍ଦର୍ପ ହେଲେ ବି ଏ ଶୋଭାର ସମାନ ହେବେ ନାହିଁ ।

୩—ଘନକୁନ୍ତଳା ନାରୀମାନଙ୍କ ଜ୍ଞାନ ହଜିଯିବ ସଖି, ଏହାଙ୍କ ମୁରଲୀର ଲଳିତ ସ୍ୱନ ଶୁଣିଲେ ।

୪—ସହି ମ, ଥରେ ଯେବେ ଗେଲ ଗେଲରେ ତାଙ୍କର ଅଧର ଚୁମ୍ବନ କରିପାରନ୍ତେ, ଯୌବନ ଆମର ସାର୍ଥକ ହୋଇ ଯାଆନ୍ତା ।

୫—ଯୁବତୀ ମନମୋହନ ଶ୍ରୀକୃଷ୍ଣ ସତେ ଆମ କଣ୍ଠହାରର ଉଜ୍ଜ୍ୱଳ ପଦକ ପରି ବିରାଜମାନ ହେବେ ?

୬—ଆଠଗଡ଼ର ରାଜା ଆନନ୍ଦ ମନରେ ଏହି ରଚନା କଲେ ।

**ଏତସ୍ୟେକ୍ଷଣକୋଣବୀକ୍ଷଣକଳନ୍ନୀଳାରବିନ୍ଦାଶୁଗା—**
**ସାରୈଃ ସାରସସାରସୁନ୍ଦରଦୃଶାଂ କନ୍ଦର୍ପଦର୍ପୋଦୟୈଃ ।**
**ବାସ୍ୟଂ କଂ ନ ବିବେଶ ବିଶ୍ୱମିସ୍ଫୁଟୈଃ ରତ୍ନଂ ମଣିନାଂ ଗଣୈଃ**
**ସମ୍ବାଧାଂ ମୁରଲୀଂ ଦୁରନ୍ତଖୁରଲୀଂ ବିମ୍ବାଧରସ୍ତୁନ୍ୱତ ।**

**ଚରାଚରଧୈର୍ଯ୍ୟବିଧ୍ୱଂସିନ ବର୍ହ୍ଣାବତଂସବଂଶୀନିନଦେ ପ୍ରସରତ୍ୟର୍କଜାୟାଃ କାର୍କଶ୍ୟସ୍ୟ ଶିଳାବଳୀନାଂ ଜଳତାୟାଃ ଶାଖିନାମପ୍ୟାଶିଖଂ ସପୁଲକତ୍ୱସ୍ୟ ମୃଗାଣମୁତ୍କର୍ଣ୍ଣତାୟାଃ ଫଣିନାଂ ଚକିତବିଲୋଚନସ୍ୟାନୁଭବୋ ବଭୂବ ।**

**ଅର୍ଥ** :—

ସଖି !
ମାଳଊତ୍ପଳ ନିର୍ମିତ
ଚଳନ୍ତା ଶର ସମାନ,
ମୋହନର ଅପାଙ୍ଗ ବିଳାସ ।
ଜନମାଏ ଅବହେଳେ କନ୍ଦର୍ପ-ଉନ୍ମାଦ
ପଦ୍ମନେତ୍ରୀ ତରୁଣୀ ମାନସେ ସେ ତ !
ଅପାଙ୍ଗ ଦୃଷ୍ଟିରେ ଯା'ର
ବଶ ହେଲେ ବିଶ୍ୱ-ବାସୀ ଯେତେ
କାହିଁକି ଲୋ ଆଉ ?
କାହିଁକି ତା ବିମ୍ବାଧର ତେବେ
ମୁରଲୀ ବାଦନେ ସତେ ।
କରୁଛି ପ୍ରୟାସ ?
ବାଧୁଥିବ ପରା ସତେ ନରମେ ଅଧରେ ତାର
ରତନ ଖଚିତ ଏଇ ମୁରଲୀର କଠୋର ପରଶ !

ଦେଖ ଲୋ ସଜନି ! ଦେଖ,
ଶିଖୀଚୂଳଆର
ଚରାଚର ଧୈର୍ଯ୍ୟହରା ମୁରଲୀ ନିନାଦେ
ଘନ ହେଲା ଯମୁନାର ଢଳ ଢଳ ଜଳ ।
ତରଲେ ପାଷାଣ ବୁକୁ ।
ଲୋମାଞ୍ଚିତ ହେଲା ଅନା—
ପାଦଠାରୁ ଶିଖଯାଏ ତରୁ ।
କାନପାରି ଶୁନି ହେଲେ
କାନନର ଚପଳ କୁରଙ୍ଗ ।
ଆଖି ମେଲି
ଥମକି ଅନାଇଁ ରହେ
ବିଷଧର ଅନ୍ଧ ;
ବିସ୍ମିତ ମାନସେ ।

---

## 'କ୍ଷ'

## ଅନୁଚିନ୍ତା

**କ୍ଷରୁଛି ସେ ମଧୁ ମୋହନ ବେଣୁରୁ କାନ ଚାହଁ ପିଇ ଥାଇ**
**କ୍ଷଣ ପାଇଁ ହେଲେ ଜୀବନ ସଞ୍ଜରେ ଗୁଣଗଣ କଣ୍ଠ ଗାଇ**
**କ୍ଷମାନିଧି ପଦେ ଜୁହାରି, ଗୁହାରି ଏତିକ —ହେ ବନମାଳି !**
**କ୍ଷମ ହେଉ କବଶିରୀ ଲଭିବାରେ କବରିବ କର-ମାଳି ।**

## —ଗୀତ—

କ୍ଷମାନୁକମ୍ପାଧର ହେ,

କ୍ଷୀରସାଗରସମ୍ଭବାକୁଚକୁମ୍ଭଯୁଗଳ
ପରିରମ୍ଭ ଚତୁର ହେ । ପଦ ।
କ୍ଷିତିଚନ୍ଦବାଳ ମହାଶ୍ରିତ ନବାରଣ ହେ,
ଶ୍ରୁତିଶିର-ଅବତଂସାକୃତ ଶ୍ରୀଚରଣ ହେ,
ମଙ୍ଗଳବହରଣ,-କରର୍ଚ୍ଚିତ ଚରଣ,
ଧରାଭର ହରଣ, ଚରାଚର ଶରଣ,
ଭରାବର କରଣ,-ବରାବର ଚରଣ;
—ନଖାଂଶୁ ସୁରଗଣ, ଶିଖାଭରଣ ହେ ।୧।

କ୍ଷଣେ ହେଲେ ନାମକୁ ନ ଭଣେ ମୁଁ ତୁମ୍ଭର ହେ,
କ୍ଷମ ହେବାରୁ ମୁଁ ପାପି ଗଣେ ବଶ୍ୱମ୍ଭର ହେ,
ମନା ନକର ହିତ, ଅନାଦର ରହିତ,
ଅନାଉଣି ନିରତ, ଚୁନାକରୁ ଦୁରିତ,
ଅନାଦର ମୋ ଚିତ୍ତ, ମନାସୁ ତ୍ରୁ ଅହିତ,
ଜନାର୍ଦ୍ଦନ ପତିତ ଜନାବହିତ ।୨।

କ୍ଷମ ତ ମୁଁ ନୁହେ ଅନୁପମ-ଅନୁଭାବ ହେ,
ଯମଦଣ୍ଡରୁ ମୋ ରକ୍ଷା କେମନ୍ତ ଟି ହେବ ହେ,
ଜଳାକରଭବନ-, ବଳାମୁଖ ଭୁବନ,
-ବଳାହିତ ରତନ, ବଳାବରଜ ଜନ,-
କଳାପର ବୃଜିନ, ଦଳ ସୁକୃତ ଧନ—,
ବଳାଢ୍ୟମୁନି ମନ-କଳାପି ଘନ ହେ ।୩।

କ୍ଷମାଧିପ ଜଗଦ୍ଦେବ ସମାଚନ କରେ ହେ,
କ୍ରମାଗ୍ରେ ହେବାରୁ ଭବ ଭ୍ରମାଦ୍ଧିଶଯ୍ୟରେ ହେ,
ବ୍ୟଥାନବହ ହର, ପ୍ରଥା ଚକ୍ରୁ ମିହ୍ନର,
ପଥାନ୍ତରକୁ ହର, ରଥାଦ୍ଦରୁ ଅମର—;
ମଥାମଣି ନକର, ରଥାଙ୍ଗଯୁତ କର,
କଥା ବିନୟ ମୋର ବୃଥା ନ କର ହେ ।୪।

( ରାଗ କେଦାର । ତାଳ—ତ୍ରିପଟା )

## —ଗୀତକଥା—

ହେ, କ୍ଷମାସାଗର, କରୁଣାନିଧି, ତୁମେ କମଳା କୁଚମର୍ଦ୍ଦନ-କୁଶଳ ଅଟ ।

୧—ଚରାଚର ବିଶ୍ୱର ମହାଖିତ ନିବାରକ ତୁମେ । ବେଦ ତମର ପଦ ଯୁଗଳର ବନ୍ଦନା ଘେନି ଧନ୍ୟ ହୋଇଅଛୁ । ହେ ପୃଥିବୀର ଭାର ହରଣକାରୀ, ଜଗତର ଆଶ୍ରୟ ଚନ୍ଦ୍ରକିରଣ ପରି ତୁମର ନଖର ଜ୍ୟୋତି ଦେବତାମାନଙ୍କର ମସ୍ତକର ଭୂଷଣ ଅଟେ ।

୧—ହେ ବିଶ୍ୱମ୍ଭର, ଦଣ୍ଡେହେଲେ ମୁଁ ତମ ନାମ ସ୍ମରଣ କରୁ ନାହିଁ, ମୁଁ ମହାପାପୀ । ତୁମେ ପ୍ରଭୁ, ମୋର ମଙ୍ଗଳ ମନାସରେ ବାଧା ଦିଅନାହିଁ । ତୁମର ସସ୍ନେହ ଗୃହାଣୀ ମୋର ପାପ ନାଶକରୁ, ହେ ପତିତପାବନ, ମୋ ମନ ସବୁବେଳେ ପାପକଳ୍ପନା କରୁଛୁ ।

୨—ହେ, ମହାବଳୀ ! ପାପୀ ମୁଁ, କ୍ଷମା ପାଇବାର ଅଧିକାର କଦାପି ମୋର ନାହିଁ । ଯମଦଣ୍ଡରୁ କିପରି ରକ୍ଷା ପାଇବି ? ହେ ଚନ୍ଦ୍ର-ବିନିନ୍ଦିତ ମୁଖ ! ହେ ଜଗତର ଶ୍ରେଷ୍ଠ ଇନ୍ଦ୍ରନୀଳମଣି, ହେ ବଳ-ଦେବଙ୍କ ଅନୁଜ ! ହେ ଜନ-ପାପ ବିନାଶକ, ତୁମେ ମହା ସୁକୃତବନ୍ତ ମୁନିମାନଙ୍କ ମନରେ ମୟୂରର ନବଘନ ସ୍ୱରୂପ ଆନନ୍ଦଦାୟକ ଅଟ ।୨।

୩—ଜଗତର ମାୟା ଜଞ୍ଜାଳରେ ମୁଁ ନିତାନ୍ତ ବ୍ୟସ୍ତବ୍ୟସ୍ତ ହୋଇପଡ଼ିଛି, ତୁମେ ମୋର ଏ ଦୁଃଖ ବିମୋଚନ କର । ଏ ଖ୍ୟାତି ପୃଥିବୀରୁ ସୂର୍ଯ୍ୟମଣ୍ଡଳ ପର୍ଯ୍ୟନ୍ତ ବିଖ୍ୟାତ ହେଉ । ହେ ଦେବତା-ମାନଙ୍କର ମଉଡ଼ମଣି, ହେ ଚକ୍ରଧର ! ମୋର ଏ ବିନୀତ ନିବେଦନ କେବେ ହେଲେ ବୃଥା ନ ହେଉ ।

ପୃଥିବୀର ରାଜା ଜଗଦ୍ଦେବ ଏ ଗୀତକୁ ସମାପ୍ତି କଲେ

## ଶ୍ଳୋକାଂଶ

ଦଳିତାଞ୍ଜନପୁଞ୍ଜ ମଞ୍ଜୁଳାଙ୍ଗୋ
ଲଳିତାଦ୍ୟମ୍ବୁଜ ଲୋଚନାର୍ଚ୍ଚିତାଂଘ୍ରିଃ
ଫଳିତାମରଭୂରୁହଃ ଶ୍ରିତାନାମ୍
କଳିତାପଂ ଦଳୟତ୍ୱଳଂ କବୀନାମ୍ ।

ଲୀଳାବତୀଭିରସୁରାନ୍ତକବୀରବାଚେ—
ଉଡ୍ଡୀନାଣ୍ଡଜେନ୍ଦ୍ରଚରମାଭରଣଂ ମହୋ ନଃ,
ଚୀନାନନାଲ୍ପଚଳଦଞ୍ଚଳଚେଲମାଳଂ
ହୀନାଂହସାମସୁମତାଂ ଶରଣଂ ଶରଣ୍ୟମ୍
ପୀନାନୁକମ୍ପନରସାମୃତପୂରପୂର୍ଣ୍ଣୋ
ଦୀନାସ୍ୟନଃସୃତିରତ୍ନପ୍ରବସଜ୍ଜକର୍ଣ୍ଣଃ,
ମୀନାଦ୍ୟନେକବିଧରୂପଧରଃ ପରସ୍ମା
କୀନାଶକଙ୍କରଭୟାନ୍ନ ଜଗଦ୍ଧରିତୁ ।

ଶ୍ରୀମଦ୍ଭ୍ୟାମନ୍ୟୋଽନ୍ୟଲାବଣ୍ୟଲୋଲଲୋଚନାଭ୍ୟାମମ୍ବୁ-
ଜମ୍ବରକଦମ୍ବିତାମ୍ବୁଧିରିବେଚନାଭ୍ୟାଂ କାର୍ତ୍ତସ୍ୱରମସାରସାରସା-ଦୃଶ୍ୟ

ପୃଷ୍ଠବର୍ଣ୍ଣାଭ୍ୟାମାର୍ତ୍ତସ୍ୱରକର୍ଣ୍ଣନକ୍ର କର୍ଣ୍ଣାଭ୍ୟାଂ ରକ୍ତାରବିନ୍ଦସୌନ୍ଦର୍ଯ୍ୟ-ଭୂନ୍ଦଲଚରଣାଭ୍ୟାମମାନୁଷାନୁଭବବୈଭବାଭ୍ୟାଂ ଶ୍ରୀରାଧାମାଧବାଭ୍ୟାଂ ନମୋନମଃ ।

ଇତି ଶ୍ରୀ କିଶୋର ଚନ୍ଦ୍ରାନନ୍ଦାଖ୍ୟଂ ଚମ୍ପୂକାବ୍ୟଂ ।

ଓଁ ତତ୍ ସତ୍

---

**ଅର୍ଥ** :—

ଦଳିତ ଅଞ୍ଜନ ସରି
ସୁନ୍ଦର ଯା' କମ କଳେବର,
ଚରଣ ବନ୍ଦନ ରତ
ଲଳିତାଦି ସହଚରୀ ବୃନ୍ଦ,
କଳ୍ପତରୁ ସରି ଯେହୁ
ଆଶ୍ରିତ ଜନର,—
ସେହି ଭଗବାନ କୃଷ୍ଣ,
ବିନାଶନ୍ତୁ
କଳିର କଳୁଷ ଯେତେ ।
ଅସୁର ବିନାଶି ଯେହୁ
ହରିଛନ୍ତି ହେଲେ ଭବଭାର,
ପକ୍ଷୀରାଜ ଗରୁଡ଼ର
ପୃଷ୍ଠ ଦେଶ ଆଭରଣ ଯେହୁ,
ବସନ ଅଞ୍ଚଳ ପୁଣି
ଗଳବନମାଳା ଯାହାଙ୍କର
ଦୋଳି ଖେଳେ ମନ୍ଦ ସମୀରଣେ ;
ପାପ ବିରହିତ ଜନ ଏକାନ୍ତ ଆଶ୍ରୟ

ସେ ବିରାଟ ମହୋଜ୍ଜ୍ୱଳ ତେଜ
ସତତ କରନ୍ତୁ ରକ୍ଷା, ମଙ୍ଗଳ ବିଧାନ ।
ଅନନ୍ତ କରୁଣା ଭରି—
ଅମୃତର ସରେ ପୂର୍ଣ୍ଣ ଯେହୁ,
ଆରତ ଡାକକୁ ଯେହୁ
ଡେରିଥାନ୍ତି କର୍ଣ୍ଣ ନିଶିଦିନ,
ମୀନ ଆଦି ଅବତାର ଧାରି
ସେହି ପରମ ପୁରୁଷ ହରି,
ହରନ୍ତୁ ସତତ
ଯମ କିଙ୍କରର ଦର ।
ଅନ୍ୟେନ୍ୟର ମାଧୁରୀ ନିରେଖି
ନୟନ ଯୁଗଳ ଚଳ ଚଞ୍ଚଳ ଯାହାର,
ଶ୍ରୀଅଙ୍ଗ ବସନ ଯା'ର
ମେଘ ପୁଣି ଗୋରଚନା—
ବର୍ଣ୍ଣ ସରି ଦିଶେ ମନୋହର,
ତନୁ ଶିରୀ—
ସ୍ୱର୍ଣ୍ଣ ଆଉ ଇନ୍ଦ୍ରନୀଳମଣି ସରି ।
ଦୁଃଖୀ ଦୁଃଖ ଶ୍ରବଣରେ
ଉତ୍କର୍ଣ୍ଣ ଯେ ସଦା,
ଶ୍ରୀ ଚରଣ ଶୋଭା ଯଥା ରଙ୍ଗ କୋକନଦ
ସେହି ରାଧାମାଧବ ପୟରେ
ନିବେଦନ କରେଁ ନମସ୍କାର ।

---

ଶ୍ରୀ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ କାବ୍ୟ ସମାପ୍ତ

—ଓଁ ତତ୍‌ସତ୍—

## —ପ୍ରଣିପାତ—

ଅଯୋଗ୍ୟ ଅଧମ ମୁହିଁ
କରଯୋଡ଼ି କରେ ନିବେଦନ ;—
ରସିକ ଗୁଣ-ଗ୍ରାହକ ସୁଧୀଜନ ବୃନ୍ଦ,
କର ମୋତେ କ୍ଷମା ।

କେଜାଣି କାହିଁକି,
କାହାର ନିର୍ଦ୍ଦେଶେ ଅବା
ଆବାଲ୍ୟରୁ ମତି ମୋର
ନିତି ବଳୁଥିଲା,
ରାଧାକୃଷ୍ଣ ଚରିତ ବର୍ଣ୍ଣିବେ ।

ସାଧମତ ପଢ଼ିଛି କେତେ ମୁଁ କାବ୍ୟ
ଜୀବନରେ ମୋର,
କିନ୍ତୁ,
'କିଶୋରୀ-ଚମ୍ପୂ' ସମାନ
କେହି ମୋର ଚିତ୍ତେ ନିବସଇ ।

କିଛି ନଜାଣଇଁ,
ନପାରିଲି, ନପାରିବି ମୁହିଁ
କାରଣ ଏହାର ।
କଳପି ନପାରେଁ ମନେ
କି ଥିଲେ ସେ କବିସୂର୍ଯ୍ୟ—

ଦେବ କି ମାନବ !
ଯୋଗଜନ୍ମା ପୁରୁଷ ସେ :—
ସଙ୍ଗୀତ ସାହିତ୍ୟ ସୁପଣ୍ଡିତ
ଏକାଧାରେ ଗାୟକ, ଗ୍ରାହକ, କବି,
ରସଜ୍ଞ, ନୋହିଲେ,—
ମଧୁକ୍ଷରା, ଝରଝରା ସ୍ୱର-ଧାରା-ସଞ୍ଚା
ଆନେ କି ସମ୍ଭବ କେବେ ?

ସେବା ନପାରିଛି କରି
ଜୀବନେ ସେ ଏପଦ ଯୁଗଳ ;
ତଥାପି ସେ ଇଷ୍ଟ ଗୁରୁ ମୋର ।


ତାଙ୍କର ଅମର ଲେଖା
କରି ବିଶ୍ଳେଷଣ—
ତାଙ୍କର ଉଚ୍ଛିଷ୍ଟ କଣା ପାଇ,
ସାର୍ଥକ ହେଉ ଜନମ
ଏତିକି ମୋ ବାଞ୍ଛା ।

ଗୁରୁପଦେ
ପୁଣି, ଗୁରୁ ଅରାଧିତ
ରାଧାଗୋବିନ୍ଦ ପଦ୍ୟରେ
ନମି ବାରଂବାର
ଆଶିଷ ମନାସି,
ଚମ୍ପୂର ପ୍ରବେଶ ଲେଖା
ଶେଷକଲି ଆଜ
ଶ୍ରୀ ଗୁଣ୍ଡିଚ୍ଚ ଶୁଭ ଦିବସରେ
କ୍ଷମ ଅପରାଧ ମୋର ଆହେ ଗୁରୁଦେବ ।

କ୍ଷମାକର ଶ୍ରୀରାଧା ଗୋବନ୍ଦ !
ପ୍ରଣାମ ଶ୍ରୀପଦେ ।

ଶ୍ରୀ ଗୁଣ୍ଡିଚା

କଟକ-୯ । ୭ । ୫୭ —କାଳୀଚରଣ—



# ଶୁଦ୍ଧିପତ୍ର

| ପୃଷ୍ଠା | ଧାଡ଼ି | ହୋଇଛି | ହେବ |
|---|---|---|---|
| ୧ | ୧ | ଚନ୍ଦ୍ରାନନ୍ଦ | ଚନ୍ଦ୍ରାନନ |
| ୮ | ୮ | ମରଥାଏଁ | ମରୁଥାଏଁ |
| ୩୨ | ୧୦ | ଗୋଠକୁ | ଗୋଠରୁ |
| ୩୭ | ୧୮ | 'ଝ' ଗୀତର ଅନୁଚନ୍ଦ୍ରା ସଂଯୋଗ କରାହୋଇଛି | |
| ୩୮ | ୧୦ | ଚମକୁ | ଛମକୁ |
| ୪୨ | ୮ | ରାଗ-ପେଡ଼ି, ତାଳ-ରୂପକ | ପାଠ ଉଠିଯିବ |
| ୫୫ | ୩ | ହନା | ସିନା |
| ୬୨ | ୭ | ଲନତା | ଲଳିତା— |
| ,, | ୨୦ | ଅନ୍ତଦୁଃଖ | ଈନ୍ତଦୁଃଖେ |
| ,, | ୨୧ | ସେମତ | ସେହ୍ନମନ୍ତ |
| ୬୭ | ୮ | ପଣ୍ଡିତାରେ | ପଣ୍ଡିତାରେ ! |
| ,, | ୧୧ | ବଳର | ବଳରୁ |
| ,, | ୧୨ | ସୁଧରୁ ମୂଳ | ମୂଳରୁ ସୁଧ |
| ୬୮ | ୧ | ଧୖର୍ଯ୍ୟ | ଧୈର୍ଯ୍ୟ |
| ୬୯ | ୫ | କସେ | କ ସେ |
| ,, | ୧୪ | ଜଣିଲନ ପୁଣ | ଜଣିଲ ନପୁଣ |
| ୭୧ | ୧୫ | ବଳି କର | ବଳୀକର |
| ୭୩ | ୩ | ସେତ | ସେ ତ |
| ୭୭ | ୧୯ | ଲଳିତାଗାଣି | ଲଳିତା ଗାଣି |
| ୭୯ | ୨୧ | କର୍ପର | କର୍ପୂର |

| ପୃଷ୍ଠା | ଧାଡ଼ି | ହୋଇଛି | ହେବ |
|---|---|---|---|
| ୮୩ | ୧୫ | ବହ୍ଵକ | ବହ୍ଵଲ |
| ୮୭ | ୮ | ରେଭମଣ୍ଡଚା | ରେ ଭୂମଣ୍ଡନା |
| ୯୦ | ୧୧ | ସାତ୍ତ୍ଵିତ | ସାତ୍ତ୍ଵିକ |
| ୯୪ | ୧୧ | ଛଟଶାର | ଛଟୋର |
| ୯୫ | ୮ | ଧାଡ଼ି ପରେ ୯ମ ଧାଡ଼ି ପୂର୍ବେ | ଶ୍ରୀକୃଷ୍ଣ: — |
| ୯୭ | ୧୩ | ବାସ ବାସ | ବାସିବାସ |
| ୯୮ | ୯ | ଧାଡ଼ି ପୂର୍ବରୁ ଗୀତ କଥା ପରେ | —ସଖୀ: — |
| ୧୦୧ | ୧୪ | ଧାଡ଼ିପରେ, ୧୫ଧାଡ଼ି ପୂର୍ବରୁ | — ଶ୍ରୀମତୀ:— |
| ୧୦୪ | ୫ | ଜୀବନ ସଞ୍ଚରେ | ଜୀବନ-ସଂଞ୍ଚରେ |
| ୧୦୫ | ୧ | ଧାଡ଼ିପରେ, ୨ୟଧାଡ଼ି ପୂର୍ବରୁ | —ସଖୀମାନେ:— |
| ,, | ୯ | ସେତେ | ସତେ |
| ୧୦୭ | ୧୨ | ଶଙ୍କ | ଶଙ୍କ |
| ,, | ୧୩ | ବନ୍ଧୁ-ଛଳ-କୁହା | ବନ୍ଧେ, ଛଳ-କୁହା |
| ୧୧୪ | ୧୧ | ସନା | ସିନା |
| ,, | ୧୪ | ଅଛନ୍ତି ! ପାଇ | ଅଛି ପାଇ ! |
| ୧୨୦ | ୧୭ | କଶରେ | ବାସରେ |
| ୧୨୭ | ୯ | ଜୀବନେ ସେ ଏପଦ୍ୟୁଗଳ | ଜୀବନେ ମୁଁ ସେ ପଦଯୁଗଳ |

INDIAN INSTITUTE OF ADVANCED STUDY
Acc. No. 35488
Date 11-5-70
SIMLA

Library IIAS, Shimla
OR 891.4512 P 27 C
00034488